

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୮ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 May 2024

Vol.No. 35 ■ No.133 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଦମ୍ଭୋକ୍ତି ଦେଖାଇଲେ ଶାହ: ୧୫ ଲୋକସଭା ଓ ୭୫ ବିଧାନସଭା ଆସନ ଜିତିବ ବିଜେପି



ରାଉରକେଲା, ୧୭/୫ (ନି.ପ୍ର): ଓଡ଼ିଶାରେ ବିଜେପି ୨୧ଟି ଲୋକସଭା ଆସନରୁ ୧୫ଟିରେ ବିଜୟୀ ହେବ। ସେହିପରି ୧୪୭ଟି ବିଧାନସଭା ଆସନରୁ ୭୫ଟିରେ ଜିତିବ। ଆଜି ପୁଣି ଓଡ଼ିଶା ଗସ୍ତରେ ଆସି ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ରାଉରକେଲାର ନିର୍ବାଚନୀ ସଭାରେ ଯୋଗ ଦେଇ ଅମିତ ଶାହ କହିଛନ୍ତି, ଦେଶରେ ଅନୁଷ୍ଠିତ ହୋଇସାରିଥିବା ୪ଟି ପର୍ଯ୍ୟାୟ ନିର୍ବାଚନରେ ମୋଦିଜୀ ୨୭୦ ସିଟ୍ ଟପିଗଲେଣି। ଏଥର ମୋଦିଜୀ ୪ଶହ ପାର କରିବେ ବୋଲି ସ୍ପଷ୍ଟ ଜଣାପଡ଼ିଲାଣି। କେନ୍ଦ୍ର ସହ ଓଡ଼ିଶାରେ ବି ବିଜେପି ସରକାର ଗଠନ ହେବ। ଓଡ଼ିଶାରେ ୧୫ରୁ ଅଧିକ ଲୋକସଭା ଆସନ ଜିତିବ ବିଜେପି। ସେହିପରି ୭୫ରୁ ଅଧିକ ବିଧାନସଭା ଆସନ ଜିତିବ। ଓଡ଼ିଶାରେ ନବୀନ ବାବୁଙ୍କୁ ହଟାଇ ବିକାଶର ଇଂଜିନ ଗଡ଼ିବ। ଓଡ଼ିଶାକୁ ନକ୍ସଲବାଦରୁ ମୁକ୍ତି କରିବା ପାଇଁ କାମ କରିଛନ୍ତି ମୋଦି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଗୌରବକୁ ପୁନଃ ପ୍ରତିଷ୍ଠା କରିବ ଏହି ନିର୍ବାଚନ। ସେ କହିଛନ୍ତି, କଂଗ୍ରେସ ଏଯାଏ କୌଣସି ଆଦିବାସୀଙ୍କୁ ରାଷ୍ଟ୍ରପତି କରି ନଥିଲା। ହେଲେ ବିଜେପି ଓଡ଼ିଶାର ଜଣେ ଆଦିବାସୀ ଝିଅଙ୍କୁ ରାଷ୍ଟ୍ରପତି କରିଛି। ଓଡ଼ିଶାର ଶାସନ ଓଡ଼ିଆରେ ନା ତାମିଲରେ ଚାଲିବ, ତା'ର ଜବାବ ଦେବାକୁ ସେ ବିଜେଡିକୁ ପ୍ରଶ୍ନ କରିଛନ୍ତି। ପ୍ରଭୁ ଜଗନ୍ନାଥଙ୍କର ସବୁ ଦ୍ୱାର ଖୋଲା ଯାଉନାହିଁ କାହିଁକି ? ପରିକ୍ରମା ନାଁରେ ଏହାକୁ ପର୍ଯ୍ୟଟନ କ୍ଷେତ୍ର କରାଯାଉଛି। ପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତିକୁ ଅପମାନିତ କରାଯାଉଛି। ରତ୍ନଭଣ୍ଡାର ଅସଲି ଚାବି କୁଆଡ଼େ ଗଲା ନବୀନ ବାବୁ କୁହନ୍ତୁ। ତଦନ୍ତ କମିଶନ ରିପୋର୍ଟ କାହିଁକି ଚପା ଯାଇଛି। ବିଜେପି ସରକାର ଆସିଲେ ମାସକରେ ରିପୋର୍ଟ ସାର୍ବଜନୀନ ହେବ ବୋଲି ଶାହା କହିଛନ୍ତି। ଓଡ଼ିଶାରେ ଚାଷୀଙ୍କ ଆୟ ଦେଶରେ ସର୍ବନିମ୍ନ ରହିଛି। ବିଜେପି ସରକାର ଆସିଲେ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳିବ ବୋଲି ଶାହ କହିଛନ୍ତି। ବିଜେପି ସରକାର ଆସିଲେ ଆୟୁଷ୍ମାନ ଭାରତ ଲାଗୁ ହେବ। ମୋଦିଜୀ ପ୍ରତି ବ୍ୟକ୍ତିଙ୍କୁ ୫ କେଜି ଚାଉଳ ଦେଉଛନ୍ତି। ନବୀନ ବାବୁ ଉକ୍ତ ଚାଉଳକୁ ନିଜ ବ୍ୟାଗ୍ ?ରେ ଭର୍ତ୍ତି କରି ଲୋକଙ୍କୁ ଦେଉଛନ୍ତି। ଲୋକ ବ୍ୟାଗ୍ ଖାଇବେନି, ହିମ୍ମତ ଅଛି ତ ଆଉ ୨ କେଜି ଚାଉଳ ଦିଅ ବୋଲି ଶାହ କହିଛନ୍ତି। ନବୀନ ବାବୁଙ୍କ ଶାସନକୁ ଅଫିସର ଚଳାଉଛନ୍ତି। ଓଡ଼ିଶାରେ ଆଦିବାସୀଙ୍କ ଜମିକୁ ହଡ଼ପ କରାଯାଉଛି। ନବୀନ ବାବୁ ଓଡ଼ିଶାର ଉନ୍ନତି କରିପାରିବେନି। ସେଥିପାଇଁ ଓଡ଼ିଶାର ଉନ୍ନତି ପାଇଁ ଡବଲ ଇଂଜିନ ସରକାର ଦରକାର।

## ୧୯ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୭/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମେ ୧୯ ତାରିଖ ସନ୍ଧ୍ୟାରେ ପୁଣି ଓଡ଼ିଶା ଆସିବେ। ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୯ ତାରିଖ ସନ୍ଧ୍ୟାରେ ନରେନ୍ଦ୍ର ମୋଦୀ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କର୍ମକର୍ତ୍ତାଙ୍କ ସମୀକ୍ଷା ବୈଠକରେ ଯୋଗ ଦେବେ। ସେ ଭୁବନେଶ୍ୱରରେ ରାତ୍ରୀଯାପନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ମେ' ୨୦ରେ ପୁରୀରେ ସକାଳୁ ପହଞ୍ଚିବା ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେବେ। ଦର୍ଶନ ସାରି ରୋଡ୍ ସୋ' କରିବେ। ଏହି ରୋଡ୍ ସୋ' ସମୟରେ ମୋଦୀଙ୍କ ସୁସଜ୍ଜିତ ଗାଡ଼ିରେ ବିଜେପିର ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ମଧ ରହିପାରନ୍ତି। ସେହିପରି ପୁରୀ ଜିଲ୍ଲାର ବିଜେପି ବିଧାୟକ ପ୍ରାର୍ଥୀମାନେ, ନେତା ଓ କର୍ମୀମାନେ ଉପସ୍ଥିତ ରହିବେ। ବଡ଼ଦାଣ୍ଡରେ ପ୍ରଥମ ଥର ପାଇଁ ରୋଡ ସୋ'ହେଉଥିବାରୁ ମୋଦୀଙ୍କ ଝଲକ ପାଇବାକୁ ସମର୍ଥକମାନେ ସୁଯୋଗ ପାଇପାରିବେ। ରୋଡ୍ ସୋ' ଅବସରରେ ପ୍ରଧାନମନ୍ତ୍ରୀ କିଛି ବାଟ ଚାଲିଚାଲି ଲୋକଙ୍କ ସହ ହାତ ମିଳାଇବେ। ସକାଳେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ରୋଡ ସୋ' ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ପୁଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହାପରେ କଟକ ଓ ଅନୁଗୁଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଛି।

## ଲଜ୍‌ରେ ପୁଲିସ କନଷ୍ଟେବଲଙ୍କ ହତ୍ୟା !

ବଲାଙ୍ଗିର, ୧୭/୫ (ନି.ପ୍ର): ଲଜ୍‌ରୁ ହାତଗୋଡ଼ ବନ୍ଧା ଅବସ୍ଥାରେ କନଷ୍ଟେବଲଙ୍କ ମୃତଦେହ ଉଦ୍ଧାର। ବଲାଙ୍ଗିର ରେଳ ଷ୍ଟେସନ ନିକଟ ଏକ ଲଜ୍‌ରୁ ମୃତଦେହ ଉଦ୍ଧାର ହୋଇଛି। ମୃତକ ସୁବର୍ଣ୍ଣପୁର ରିଜର୍ଭ ପୁଲିସର କନଷ୍ଟେବଲ ଶଙ୍କରଭାନୁ ବେହେରା ବୋଲି ଜଣାପଡ଼ିଛି। ଗତକାଲି ଲଜ୍‌ର ରୁମ ନମ୍ବର ୨୧୨ରେ ଶଙ୍କରଭାନୁ ଓ ବିନିତ ଶର୍ମା ରହିଥିଲେ। ଆଜି ହୋଟେଲ ଷ୍ଟାଫ ଭିତରକୁ ଯାଇ ଦେଖିଲା ବେଳକୁ ଶଙ୍କରଭାନୁଙ୍କ ମୃତଦେହ ପଡ଼ିଥିଲା। ବିନିତ ଶର୍ମା ଫେରାର ହୋଇଯାଇଥିଲେ। ବିନିତ୍ ଫେରାର୍ ଥିବା ଓ ଶଙ୍କରଭାନୁଙ୍କ ମୃତଦେହ ହାତ ଗୋଡ଼ ବନ୍ଧା ଅବସ୍ଥାରେ ଉଦ୍ଧାର ହୋଇଥିବାରୁ ହତ୍ୟା ସନ୍ଦେହ ବଢ଼ିଛି।

## ଖଲ୍ଲିକୋଟ ହିଂସାକାଣ୍ଡ ଓ ହତ୍ୟାର ତଦନ୍ତ ପାଇଁ ଗଠନ ହେଲା ଏସଆଇଟି



ଖଲ୍ଲିକୋଟ, ୧୭/୫ (ନି.ପ୍ର): ଖଲ୍ଲିକୋଟ ହିଂସାକାଣ୍ଡ ଓ ହତ୍ୟାର ତଦନ୍ତ ପାଇଁ ଗଠନ ହେଲା ଏସଆଇଟି। ଏସ୍‌ଆଇଟି ହତ୍ୟା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ। ସାଇଣ୍ଟିଫିକ୍, ଫୋରେନ୍‌ସିକ୍ ଓ ଡିଜିଟାଲ ତଥ୍ୟ ଆଧାରରେ ତଦନ୍ତ କରିବ। ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବ। ତଦନ୍ତ କରି ୩୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବ ଏସଆଇଟି। ଆଜି ଏନେଇ ଘୋଷଣା କରିଛନ୍ତି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ। ଏଥିସହ ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ମୁଖ୍ୟାଳୟ) ରାଧା କିଶନ ଶର୍ମା ଛତ୍ରପୁରରେ ଅବସ୍ଥାନ କରିବେ। ସେ ଗଞ୍ଜାମ ଜିଲ୍ଲାର ଆଇନ ଓ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିବେ। ୧୭ ମଇଠାରୁ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଛତ୍ରପୁରରେ ଅବସ୍ଥାନ କରି ଆଇନ ଓ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ନଜର ରଖିବେ। ବୁଧବାର ରାତିରେ ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଗାଁରେ ବିଜେପି ପୋଷ୍ଟର ମରାକୁ ନେଇ ହୋଇଥିଲା ଗଣ୍ଡଗୋଳ। ବିଜେପି କର୍ମୀ

▶▶ପୃଷ୍ଠା ୭

## ବଲାଙ୍ଗିରରେ ରାଜନୈତିକ ହିଂସା: ୨ ବିଜେପି କର୍ମୀଙ୍କୁ ଆକ୍ରମଣ

ବଲାଙ୍ଗିର, ୧୭/୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ରାଜନୈତିକ ହିଂସା। ସଇଁତଲା ଥାନା ଡୁଙ୍ଗୁରିପାଲିରେ ୨ଜଣ ବିଜେପି କର୍ମୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆହତ କର୍ମୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତକାଲି ରାତିରେ ଟିଟିଲାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ ଓ ତାଙ୍କ ସମର୍ଥକମାନେ ତେଣ୍ଡିପାଲି ଗାଁରୁ ପ୍ରଚାର କରି ଫେରୁଥିଲେ। ଏହି ସମୟରେ ସୌର ପ୍ଲାଣ୍ଟ ନିକଟରେ କିଛି ଲୋକ ୩ରୁ ୪ଟି ଗାଡ଼ିରେ ଆସି ନବୀନ ଜୈନଙ୍କ ସମର୍ଥକ ଉପରେ ଆକ୍ରମଣ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେମାନେ ବିଜେପିର ଦୁଇ କର୍ମୀଙ୍କୁ ମାଡ଼ ମାରି ଅପହରଣ କରି ନେଇଯାଇଥିବା ଅଭିଯୋଗ ହୋଇଛି। କିଛି ସମୟ ପରେ ଆହତ ଅବସ୍ଥାରେ ୨ କର୍ମୀ ଉଦ୍ଧାର କରାଯାଇଥିଲା।

## ବିଜୟ, ସାରଦା ଓ ରାକେଶ ବିଜେପିରୁ ବହିଷ୍କୃତ



ଭୁବନେଶ୍ୱର, ୧୭/୫ (ନି.ପ୍ର): ବିଜେପିରୁ ବହିଷ୍କୃତ ହେଲେ ବରିଷ୍ଠ ନେତା ବିଜୟ ମହାପାତ୍ର। ଦଳ ବିରୋଧୀ କାର୍ଯ୍ୟ ଓ ଅନୁଶାସନ ଭଙ୍ଗ ଅଭିଯୋଗରେ ତାଙ୍କୁ ବହିଷ୍କାର କରାଯାଇଛି। ସେହିପରି ସାରଦା ପ୍ରଧାନ ଓ ରାକେଶ ମଲ୍ଲିକଙ୍କୁ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ ପାଇଁ ବହିଷ୍କାର କରାଯାଇଛି। ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ବିଜେଡି ଟିକେଟରେ ପାଟକୁରା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ମାହାଙ୍ଗାର ସାରଦା ପ୍ରଧାନ ଓ ସୋରର ରାକେଶ ମଲ୍ଲିକଙ୍କୁ ବିଜେପିରୁ ଟିକେଟ ନମିଳିବାରୁ ଉଭୟ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ପୁଣି ଫେଁରିଲା ତାତି: ୨୦ ଓ ୨୧ରେ ଗ୍ରୀଷ୍ମ ପ୍ରବାହ



ଭୁବନେଶ୍ୱର, ୧୭/୫ (ନି.ପ୍ର): ପୁଣି ଫେରିଲା ହିଟଓ୍ୱେଭ। ଅସମ୍ଭାଳ ହେବ ତାତି। ଆସନ୍ତା ୨୦ ଓ ୨୧ ତାରିଖରେ ରାଜ୍ୟର କିଛି ଦିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୦ ତାରିଖରେ ୬ ଜିଲ୍ଲା ୨୧ ତାରିଖରେ ୧୪ ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ? ଅନୁସାରେ ଶନିବାର ଓ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଅନୁଭୂତି ହେବାର ସମ୍ଭାବନା ରହିଛି।

▶▶ପୃଷ୍ଠା ୭

## ୪ ଘଣ୍ଟାର କସରତ ପରେ ଧରା ପଡ଼ିଲା କଲରାପତରିଆ ବାଘ

ବାରିପଦା, ୧୭/୫ (ନି.ପ୍ର): ୪ ଘଣ୍ଟାର କସରତ ପରେ କଲରାପତରିଆ ବାଘକୁ କାବୁ କରିଛି ବନ ବିଭାଗ। ବାଘଟି ଏବେ ବାରିପଦା ବନ ବିଭାଗର ବଙ୍କିବନ୍ଧା ନର୍ସରୀରେ ରହିଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ବାଘକୁ ଶିମିଳିପାଳ ଅଭୟାରଣ୍ୟର କୋର ଏରିଆରେ ଛଡ଼ାଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପୂରା ଘଟଣା ଏମିତି। ୪ ଦିନ ତଳେ କଲରାପତରିଆ ବାଘଟି ଶ୍ୟାମାଖୁଣ୍ଟା ବ୍ଲକ୍ ଜଗନ୍ନାଥପୁର ଗାଁ ପାର୍ଶ୍ୱବର୍ତ୍ତୀ

▶▶ପୃଷ୍ଠା ୭

## ଡିଭାଇଡରରେ ପିଟିହେଲା ବୋଲେରୋ: ୨ ମୃତ, ୧୦ ଆହତ

ସୁନ୍ଦରଗଡ଼, ୧୭/୫ (ନି.ପ୍ର): ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହେଲା ବୋଲେରୋ। ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଧାନ ଘର ନିକଟରେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ବୋଲେରୋଟି ବାଲେଶ୍ୱର ଭୋଗରାଇରୁ ରାଉରକେଲା ଅଭିମୁଖେ ଯାଉଥିଲା। ଧାନ ଘର ନିକଟରେ ବୋଲେରୋଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲା। ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡ୍ରାଇଭରର ଆଖି ଲାଗିଯିବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ରାୟବରେଲୀ ପହଂଚି ରାହୁଲଙ୍କ ପାଇଁ ଭୋଟ ଭିକ୍ଷା କଲେ ସୋନିଆ



ନୂଆଦିଲ୍ଲୀ, ୧୭/୫ : ସୋନିଆ ଗାନ୍ଧୀ ଆଜି ପୁଅ ରାହୁଲ ଗାନ୍ଧୀଙ୍କ ପାଇଁ ଉତ୍ତରପ୍ରଦେଶର ରାଏବରେଲୀ ଆସନରେ ଭୋଟ ଭିକ୍ଷା କରିଛନ୍ତି । ତାଙ୍କ ସହ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ମଧ ଉପସ୍ଥିତ ଥିଲେ । ଏନେଇ ଆୟୋଜିତ ଜନସଭାକୁ ସମ୍ବୋଧନ କରି ସୋନିଆ ଗାନ୍ଧୀ କହିଛନ୍ତି କି, ରାଏବରେଲୀର ଜନତାଙ୍କ ହାତରେ ମୁଁ ରାହୁଲ ଗାନ୍ଧୀଙ୍କୁ ସମର୍ପିତ କରୁଛି , ମୋର ବିଶ୍ୱାସ ରହିଛି କି, ରାଏବରେଲୀବାସୀ ମୋତେ କେବେ ନିରାଶ କରିବେ ନାହିଁ । ଗତ ଦୁଇ ଦଶନ୍ଧି ଧରି ରାଏବରେଲୀରୁ ସୋନିଆ ଗାନ୍ଧୀ ସାଂସଦ ଭାବେ ନିର୍ବାଚିତ ହେଉଥିଲେ । ହେଲେ ଏବେ ସେ ରାଜ୍ୟସଭାକୁ ଯାଇଥିବାରୁ ତାଙ୍କ ସ୍ଥାନରେ ରାହୁଲ ଗାନ୍ଧୀ ରାଏବରେଲୀରୁ ନିର୍ବାଚନ ଲଢ଼ୁଛନ୍ତି । ଜନସଭାକୁ ସମ୍ବୋର୍ଦ୍ଧିତ କରି ସୋନିଆ କହିଥିଲେ କି, ଅନେକ ଦିନ ପରେ ରାଏବରେଲୀ ଲୋକଙ୍କ ପାଖରେ ପହଂଚିପାରିଥିବାରୁ ତାଙ୍କୁ ଖୁସି ଅନୁଭବ ହେଉଛି । ଏହାସହ ରାଏବରେଲୀ ଭୋଟର ଦୀର୍ଘଦିନ ଧରି ତାଙ୍କୁ ସାଂସଦ ଭାବେ ସେବା କରିବାର ସୁଯୋଗ ଦେଇଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ: ଜାମିନ ପାଇଁ ଟ୍ରାଏଲ କୋର୍ଟ ଯାଇପାରିବେ କେଜ୍ରିୱାଲ



ନୂଆଦିଲ୍ଲୀ, ୧୭/୫ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ହୋଇଥିବା ଗିରଫଦାରୀ ବିରୋଧରେ ଅରବିନ୍ଦ କେଜ୍ରିୱାଲ କରିଥିବା ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟ କରିଛନ୍ତି। ଏହି ସମୟରେ କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁସିଙ୍ଘଭୀ ଦମଦାର ଯୁକ୍ତି ଉପସ୍ଥାପନ କରିଛନ୍ତି। ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତନ ଇଡିକୁ ନୂଆ ତଥ୍ୟ ସବୁ ଆଣିବାକୁ କହିଛନ୍ତି। ଆଜି ସୁପ୍ରିମକୋର୍ଟ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଛନ୍ତି ସତ କିନ୍ତୁ କେଜ୍ରିୱାଲଙ୍କୁ ତଳ କୋର୍ଟରେ ନିୟମିତ ଜାମିନ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଇଡି ଦେଇଥିବା ଲିଖିତ ତଥ୍ୟକୁ ପଢ଼ିଥିଲେ। ଏହାପରେ ଦିଲ୍ଲୀ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଗିରଫଦାରୀ ପରେ ଆଉ କ'ଣ ସବୁ ନୂଆ ପ୍ରମାଣ ମିଳିଛି, ସେସବୁ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ତଥ୍ୟ ଆଧାରରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିବା ଦାବି କରୁଥିବାରୁ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଇଡି ମାର୍ଚ୍ଚ ୨୧ରେ କେଜ୍ରିୱାଲଙ୍କୁ ଗିରଫ କରିଥିଲା। ତେବେ ଦେଶରେ ଲୋକସଭା ନିର୍ବାଚନ ଚାଲିଥିବାରୁ ମେ' ୧୦ରେ ୨୧ ଦିନ ପାଇଁ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ହେଲେ ସେ ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରିଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି। ଆଜି ଶୁଣାଣି ବେଳେ କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁସିଙ୍ଘଭୀ କହିଥିଲେ ଯେ କେଜ୍ରିୱାଲଙ୍କ ଗିରଫଦାରୀକୁ ଯଥାର୍ଥ ଦର୍ଶାଇବାକୁ ଇଡି ପ୍ରମାଣ ହାସଲ କରିଥିବା କହୁଛି। କିନ୍ତୁ ଏଯାଏ ଏଗୁଡ଼ିକ କୋର୍ଟଙ୍କ ଆଗରେ ଉପସ୍ଥାପନ କରାଯାଇନି। କେଜ୍ରିୱାଲଙ୍କୁ ଗିରଫ କରିବା ପଛରେ ଇଡି ୨୦୨୩ ଜୁଲାଇ ଓ ଅଗଷ୍ଟର ପ୍ରମାଣ ଦେଖାଉଛି। ସେସବୁ ସିସୋଦିଆଙ୍କୁ ଗିରଫ ପାଇଁ ଦର୍ଶାଯାଇଥିଲା। ତେଣୁ କେଜ୍ରିୱାଲଙ୍କ

▶▶ପୃଷ୍ଠା ୭

## ପ୍ରଚଣ୍ଡ ଖରାରେ କୁଲୁତା ସମାଜ କଲା ରକ୍ତଦାନ

ବଲାଙ୍ଗୀର, ୧୭/୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ସାଲେପାଲି ଗ୍ରାମର ରୁପା ଭୋଇ ଡେଲିଭରି ୱାର୍ଡରେ ଚିକିତ୍ସିତ ହୋଇଥିବାବେଳେ ବଲାଙ୍ଗୀର ବ୍ଲକ ସିନ୍ଦୁରବାହାଲ ଗ୍ରାମର ରେଖା ପ୍ରଧାନ ଅସୁସ୍ଥ ହୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଚଣ୍ଡ ଖରା ସମୟରେ ଲୋକେ ରକ୍ତଦାନ ପାଇଁ ପଛଘୁଂଚା ଦେଉଥିବା ହେତୁ ରୋଗୀମାନେ ରକ୍ତ ପାଇବାରୁ ବଂଚିତ ହେଉଛନ୍ତି। ଖବରଟି ଶେଷରେ ବଲାଙ୍ଗୀର ଜିଲ୍ଲା କୁଲୁତା ସମାଜକୁ ପହଂଚି ଥିଲା। ଖବର ପାଇବା ମାତ୍ରେ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜର ସକ୍ରିୟ ସଦସ୍ୟ ଗୋପାଳ ପ୍ରଧାନ ଓ ଦୀପକ ପ୍ରଧାନ ଭିମଭୋଇ ମେଡିକାଲ ରକ୍ତ ଭଣ୍ଡାରକୁ ଆସି ଦୁଇଟି ଜୀବନ ବଂଚାଇଥିଲେ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କେନ୍ଦୁଝର ଗସ୍ତ

## ଆଇନଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭/୫ (ନି.ପ୍ର): ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ନିକୁଞ୍ଜ ବିହାରୀ ଧଳ କେନ୍ଦୁଝରେ ଗସ୍ତ କରି ସାଧାରଣ ନିର୍ବାଚନର ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟର ଦରବାର ହଲ୍‌ଠାରେ ଆୟୋଜିତ ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ ଓ ପ୍ରବର୍ତନ ସଂସ୍ଥାର ଅଧିକାରୀମାନଙ୍କ ଉପସ୍ଥିତିରେ ଶ୍ରୀ ଧଳ କେନ୍ଦୁଝର ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ସମସ୍ତ ଛଅଟି ବିଧାନସଭା କ୍ଷେତ୍ରର ନିର୍ବାଚନ ପ୍ରସ୍ତୁତି ସଂପର୍କିତ ସବିଶେଷ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ସେ ନିର୍ବାଚନ ଦିନ ୱେବକାଷ୍ଟିଂ ମାଧ୍ୟମରେ ଜିଲ୍ଲାର ପ୍ରାୟ ୬୦ ପ୍ରତିଶତ ବୁଥର ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟଧାରା ଜିଲ୍ଲା ଏବଂ ରିଟର୍ଣ୍ଣିଙ୍ଗ ଅଫିସରଙ୍କ କାର୍ଯ୍ୟାଳୟ ସ୍ତରରେ ନିରୀକ୍ଷଣ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲ୍ଲାରେ ଥିବା ବିଭିନ୍ନ ଶିକ୍ଷ ସଂସ୍ଥାର ଉଭୟ ରେଗୁଲାର ଓ ଠିକା କର୍ମଚାରୀଙ୍କୁ ଯେପରି ନିର୍ବାଚନ ଦିନ ଭୋଟ ଦେବା ଲାଗି ପ୍ରାପ୍ୟ ଛୁଟି ମିଳେ ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟଙ୍କା ଓ ଅବକାରୀ ଦ୍ରବ୍ୟର ଅବାଧ ପ୍ରଚଳନକୁ ଅଟକାଇବା ପାଇଁ ଗଠିତ ସ୍କ୍ୱାଡ଼ର ଧରପଗଡ଼କୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେବା ସହ ସମ୍ବେଦନଶୀଳ ବୁଥଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅବୈଧ କାରବାର, ଅବକାରୀ ଦ୍ରବ୍ୟ ରୋକିବାକୁ ଅଧିକ ଚେକପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ସମୀକ୍ଷା କରି ମୁଖ୍ୟ ନିର୍ବାଚନ ଅଧିକାରୀ 'ଶୂନ୍ୟ ସହନଶୀଳତା' ନୀତି ଆପଣାଇବା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦୁଝର ଲୋକସଭା କ୍ଷେତ୍ରରେ ଯେପରି ସଂପୂର୍ଣ୍ଣ ଶାନ୍ତିଶୃଙ୍ଖଳା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଂପାଦିତ ହେବ ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଆଦର୍ଶ ଆଚରଣ ବିଧିର ଉଚିତ ପାଳନ ଦିଗରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଭିନ୍ନ ପ୍ରବର୍ତନ ବିଭାଗ ଯଥା- ଅବକାରୀ, ଜିଏସ୍‌ଟି, ପରିବହନ ଓ ଜଙ୍ଗଲ ବିଭାଗ ସମନ୍ୱିତ ଭାବରେ କାର୍ଯ୍ୟ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ବୁଥ୍ ଯେପରି ସୁରକ୍ଷା ବଳୟ ଭିତରେ ରହିବ ଓ ଇଭିଏମ୍, ଭିଭିପାଟ୍ ମତଗଣନା ପର୍ଯ୍ୟନ୍ତ ସଂପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିବ ସେଥିପାଇଁ ପୂର୍ଣ୍ଣ ରୂପେ ସଜାଗ ରହିବାକୁ ଶ୍ରୀ ଧଳ କହିଥିଲେ। ଏହା ସହ କେନ୍ଦୁଝର ଲୋକସଭା କ୍ଷେତ୍ରରେ ଯେପରି ଆଗାମୀ ମଇ ୨୫ରେ ମୁକ୍ତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ, ତ୍ରୁଟିଶୂନ୍ୟ ତଥା ସମସ୍ତଙ୍କ ଅଂଶଗ୍ରହଣରେ ଭାରତୀୟ ଗଣତନ୍ତ୍ରର ମହାପର୍ବ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ସମ୍ପାଦିତ ହେବ ସେଥି ପାଇଁ ସର୍ବସମ୍ମିଳିତ ପ୍ରୟାସ କରିବା ପାଇଁ ସେ ସଭିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସମ୍ବେଦନଶୀଳ ବୁଥ୍ ରେ ସିଏପିଏଫ୍ ମୁତୟନ ପାଇଁ ନିର୍ଦ୍ଦେଶ ଦେବା ସହ ସଖୀ ବୁଥ୍ ରେ ମହିଳା ପୋଲିଂ ଏଜେଂଟ ଦବାକୁ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଆଇଏଏସ ପ୍ରୋବେସନର ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଓ ନିର୍ବାଚନ ସମ୍ବନ୍ଧୀୟ ନୋଡ଼ାଲ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷାରେ ସାମିଲ ହୋଇଥିଲେ।

ଏହାପରେ ଶ୍ରୀ ଧଳ ସ୍ଥାନୀୟ ଡିଏନ୍ ହାଇସ୍କୁଲରେ ଚାଲିଥିବା ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନରେ ଯାଇ ପ୍ରଶିକ୍ଷାର୍ଥୀଙ୍କ ସହ ପ୍ରଶ୍ନୋତରମୂଳକ ଭାବବିନିମୟ କରିବା ସହ ପୋଷ୍ଟାଲ ବାଲାଟ ଗୃହର ନିରୀକ୍ଷଣ କରିଥିଲେ। ଆହୁରି ମଧ୍ୟ କେଉଁଝର ମାଇନିଙ୍ଗ କଲେଜଠାରେ ୨୦-ତେଲକୋଇ(ଏସ୍.ଟି.) ଏବଂ ୨୪-କେନ୍ଦୁଝର(ଏସ୍.ଟି.) ବିଧାନସଭା ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗରୁମ ବୁଲି ଦେଖିବା ସହ ଇଭିଏମ୍ କମିଶନିଂର ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

# ସିବିଏସଇ ଦ୍ୱାଦଶ ବିଜ୍ଞାନରେ କେ. ସ୍ନେହା ରାଜ୍ୟ ଓଏଭି ଟପ୍ପର ହେଲେ ଓ ସୋନପୁରର ଗୌରବ ବଢ଼ାଇଲେ

ସୁବର୍ଣ୍ଣପୁର, ୧୭/୫ (ନି.ପ୍ର): ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ)ର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସୋନପୁର ପିପିଲିପାଲିର ପରୀକ୍ଷା ଫଳାଫଳ ବେଶ ଉତ୍ସାହଜନକ ରହିଛି। ଦ୍ୱାଦଶ ବିଜ୍ଞାନ ବିଭାଗରେ ୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୧ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ସେଥିରୁ କେ. ସ୍ନେହା ୯୬.୮% ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ଟପ୍ପର ହୋଇଛନ୍ତି। ଏହି ସଫଳତାରେ ବିଦ୍ୟାଳୟର ଅଧକ୍ଷ ,ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବାପା ମା'ଙ୍କୁ ଶ୍ରେୟ ଦେଇଛନ୍ତି ସୁଶ୍ରୀ ସ୍ନେହା। ଏ ସଫଳତାରେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ଅରୁଣ ମହାକୁର ଖୁସିବ୍ୟକ୍ତ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମ ବଳରେ ବିଦ୍ୟାଳୟର ଗୌରବ ବଢ଼ିଥିବାରୁ ସମସ୍ତ ଶିକ୍ଷକଙ୍କୁ ସାଧୁବାଦ ଜଣାଇଛନ୍ତି ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ରାଜ୍ୟ ଟପ୍ପର କେ. ସ୍ନେହା କ୍ଲାସ ସେଭେନ୍ତରୁ ଦଶମ କ୍ଲାସ ଯାଏଁ ଏହି ବିଦ୍ୟାଳୟରେ ଟପ୍ପର ହୋଇ ଆସିଥିବାବେଳେ ଜିଲ୍ଲାସ୍ତରୀୟ ଡିବେଟ୍, ଏସ୍‌ଏ ପ୍ରତିଯୋଗୀତାରେ ସବୁବେଳେ ସେ ପ୍ରଥମ ସ୍ଥାନ ଅଧିକାର କରିଆସୁଥିଲେ। ଓଲୋମ୍ପେଡ ପରୀକ୍ଷାରେ ମଧ ସେ ଶ୍ରେଷ୍ଠ ସ୍ଥାନରେ କୃତିତ୍ୱ ହାସଲ କରିଥିବା ଜଣାଯାଇଛି। ଏ ସଫଳତା ପରେ କେ. ସ୍ନେହାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଆଗକୁ ସେ ଜଣେ ଡାକ୍ତର ହୋଇ ରୋଗୀଙ୍କୁ ଉତମ ସେବା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସୋନପୁରର ଜଣେ ଯୁବ ସଙ୍ଗଠକ ଯୁବନେତା ସଫଳ ଚାଷୀ ତଥା ବ୍ୟବସାୟୀ ଜନ୍ମଜୟ ପାତ୍ର ଓ ପୂର୍ଣ୍ଣିମା ପାତ୍ରଙ୍କ ସୁନା ଝିଅ କେ. ସ୍ନେହା।

## ୧୦ ବର୍ଷ ହେଲା ଗ୍ରାମକୁ ହୋଇପାରୁନି ରାସ୍ତା

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତର ଗରାପୁର ଗ୍ରାମ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପଛପଟକୁ ସଂଯୋଗ ଥିବା ଶୋଭନୀୟ ଶିକ୍ଷା ଅନୁଷ୍ଠାନର ରାସ୍ତାଟି ଅତି ଦୟନୀୟ ଅବସ୍ଥାରେ ରହିଛି। ଏଠାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ରହି ଅସୁଛନ୍ତି। ଗ୍ରାମରେ ରାସ୍ତା ନଥିବାରୁ ମାଟି କାଦୁଅରେ ପଶି ଗ୍ରାମବାସୀମାନେ ଯାତାୟତ କରୁଛନ୍ତି। ବର୍ଷାଦିନେ ଯାତାୟତ ସଂପୂର୍ଣ୍ଣ ବନ୍ଦ ହୋଇଯିବା ଫଳରେ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାତାୟତ କରିପାରୁ ନାହାଁନ୍ତି। ତୁରନ୍ତ ଏହି ରସ୍ତାଟିକୁ ପକ୍କା ବା ଢଳାଇ କରିବା ପାଇଁ ଗ୍ରାମର ମଞ୍ଜୁଲତା ଧଳ, ବାପୁନି ଲେଙ୍କା, ରଶ୍ମିରେଖା ରାଉତ, ବିଦ୍ୟୁତ୍ ପ୍ରଭା ବିଶ୍ୱାଳ, ସୋୟା ବିଶ୍ୱାଳ, ସବିତା ଜେନା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଭୁବନ ବିଜୁ ଯୁବ ଛାତ୍ର ସାଙ୍ଗଠନିକ ବୈଠକ

ଭୁବନ, ୧୭/୫ (ନି.ପ୍ର): ଭୁବନ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଛାତ୍ର ବିଜେଡ଼ି ସଭାପତି ବୁବୁ ବେହେରାଙ୍କ ନେତୃତ୍ୱ ରେ ଆଜି ମା ହିଙ୍ଗୁଳା ଙ୍କ ପୀଠରେ ଏକ ବିରାଟ ସମାବେଶ ଆୟୋଜନ ହୋଇଥିଲା ଭୁବନ ଏନ୍ ଏ ସି ର ପ୍ରାୟ ୪୦୦ ରୁ ଉର୍ଦ୍ଧ ଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅତିଥି ରୂପେ ସାଂସଦ ପାର୍ଥ ଡ଼ଃ ଅବିନାଶ ସାମଲ ଏବଂ ବିଧାୟକ ପାର୍ଥ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇ ନିର୍ବାଚନ ରେ ଛାତ୍ର ମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ।ଅନ୍ୟତମ ଅତିଥି ରୂପେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ,ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ , ଛାତ୍ର ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ ପୃଷ୍ଟି , ଜିଲ୍ଲା ସମ୍ପାଦକ ଟିଟୁ ଦାସ ,ଯୁବ ବିଜେଡ଼ି ସଭାପତି ସନ୍ଦୀପ ପୃଷ୍ଟି, ବିଜୟ ଦାସ, ରଶ୍ମିରଞ୍ଜନ ଗୁରୁ,ଆକାଶ ମିଶ୍ର,ରାକେଶ ପୃଷ୍ଟି, ସଚିନ ପୃଷ୍ଟି, ଲିପୁନ ସାହୁ, ରଜତ ଦାସ, ସନ୍ତୋଷ ବେହେରା , ମାୟାଧର ସାହୁ, ପ୍ରୀୟଂସୁ ମହାନ୍ତି, ସିଲୁ ସାହୁ, ଦିବ୍ୟ ନାୟକ ତେଜସ୍ୱୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ ଏବଂ ମିଶ୍ରଣ ପର୍ବ ରେ ସୁବ୍ରତ ପୃଷ୍ଟି ଙ୍କ ନେତୃତ୍ୱ ରେ ବିଜେପି ଛାଡ଼ି ୨୫ ଜଣ ସକ୍ରିୟ ସଦସ୍ୟ ବିଜେଡି ରେ ଯୋଗ ଦେଇଥିଲେ। ଜୀବନଜ୍ୟୋତି ପୃଷ୍ଟି ,ଚିନ୍ମୟ ଦାସ, ଶିବପ୍ରସାଦ ମହାନ୍ତି, ସିପୁଲ୍ ଦାସ, ସୂର୍ଯ୍ୟକାନ୍ତ ବେହେରା, ରୀଙ୍କୁ ପୃଷ୍ଟି, ବିଶ୍ୱଜିତ୍ ନାୟକ, ଆଶିଷ ପ୍ରସାଦ,ଶୁଭେନ୍ଦୁ ସାହୁ,ବିକାଶ ବନ,ତପନ ସେଠୀ,ମାନସ ପୃଷ୍ଟି, ମିଲୁ ଦାସ, ସୌମ୍ୟ ନନ୍ଦୀ, ସିତୁନ ମିଶ୍ର, କାର୍ତ୍ତିକ ନନ୍ଦୀ, ମୁନା ନାୟକ, ଚନ୍ଦନ ପୋଥାଳ, ହରିଶ୍ ପୋଥାଳ, ସରୋଜ ପୃଷ୍ଟି, ଅମରି ନାୟକ, ଆକାଶ ଦାସ, ଓକିଲୀ ନାୟକ, ସଞ୍ଜୟ ନାୟକ,ରାକେଶ ବାରିକ, କୃଷ୍ଣ ସାହୁ, ଟୁଲୁ ପୃଷ୍ଟି, ରାକେଶ ନାୟକ , ଅଜିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ବଜାରଦାଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କୁ ୱାର୍ଡ଼ସଭ୍ୟଙ୍କ ଉଦେଶ୍ୟ ମୂଳକ ଅସହଯୋଗ ଅଭିଯୋଗ

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମ ପଂଚାୟତର ମହୁ ଗ୍ରାମର ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରର କମୀଙ୍କୁ ସେହି ୱାର୍ଡର ୱାର୍ଡସଭ୍ୟ ଦେଶ୍ୟମୂଳକ ଭାବେ ଅସହଯୋଗ କରୁଥିବା ବେଳେ ବିଭିନ୍ନ ସମୟରେ କର୍ମୀଙ୍କ ବିରୋଧରେ ମିଥ୍ୟା ଓ କପୋଳକଳ୍ପିତ ଅଭିଯୋଗ କରୁଛନ୍ତି ବୋଲି ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରର ଛାତ୍ରାଭିଭାବକ, ହିତାଧିକାରିଣୀ ଓ ଗ୍ରାମବାସୀମାନେ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ସେହି କେନ୍ଦ୍ରର କର୍ମୀ ଆରତୀ ତ୍ରିପାଠୀ ନିଜର କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଆସୁଥିବା ବେଳେ କେନ୍ଦ୍ରକୁ ଆସୁଥିବା ଖାଦ୍ୟ ସାମଗ୍ରୀ ଯଥା ଅଣ୍ଡା, ଛତୁଆ, ଚଣା ଓ ମୁଢି ଲଡୁ ପ୍ରଭୃତି କୁନିକୁନି ଶିଶୁ, କିଶୋରୀ ଓ ଗର୍ଭବତୀ ମହିଳାମାନଙ୍କୁ ସୁଷମ ବଂଟନ କରିଆସୁଛନ୍ତି। ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ଏହି ଖାଦ୍ୟ ସବୁ ହିତାଧିକାରୀଙ୍କୁ ବଂଟନ କରାଯାଉଛି। ସଂପୃକ୍ତ କେନ୍ଦ୍ରଟି ଅବସ୍ଥିତ ୱାର୍ଡର ୱାର୍ଡସଭ୍ୟ ବିଭିନ୍ନ ସମୟରେ ଅଙ୍ଗନୱାଡି କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ସହଯୋଗ କରୁନଥିବା ବେଳେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତାଙ୍କୁ ବିରୋଧ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ୱାର୍ଡସଭ୍ୟ ଅଙ୍ଗନୱାଡି କର୍ମୀଙ୍କୁ ସହଯୋଗ କରୁନଥିବା ବେଳେ ତାଙ୍କ ପତ୍ନୀଙ୍କ ଦ୍ୱାରା ବିଭିନ୍ନ ସମୟରେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ମିଥ୍ୟା ଓ କପୋଳକଳ୍ପିତ ଅଭିଯୋଗ କରୁଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ହିତାଧିକାରୀ, ଛାତ୍ରାଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ନଗେନ ତ୍ରିପାଠୀ, କର୍ମକାର ତ୍ରିପାଠୀ, ଶକୁନ୍ତଳା ପାଢୀ, ଜଗନ୍ନାଥ କଣ୍ଡ, ସ୍ମୃତିରେଖା ପୂଜାରୀ, ସଞ୍ଜନା ପାତ୍ର, ରଶ୍ମିତା ପାତ୍ର, ଦୟାନିଧି ସାହୁ, ପ୍ରଭାତ କଣ୍ଡ, ନଟବର ବିଶ୍ୱାଳ, ପରମାନନ୍ଦ ସେଠୀ, ଫକୀର ଚରଣ ମଲିକ, ନିତ୍ୟାନନ୍ଦ ତ୍ରିପାଠୀ ପ୍ରମୁଖ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଯନ୍ତ୍ରଣାରେ ଜର୍ଜରିତ ପାହାଡି ଗାଁ: ନିର୍ବାଚନ ଆସେ ନିର୍ବାଚନ ଯାଏ, ବିକାଶର ନା ଗନ୍ଧ ନାହିଁ



ମାଲକାନଗିରି, ୧୭/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ବାହାରି ଲୋକଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଥିବା ବେଳେ ଏଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ଅବସ୍ଥା କିନ୍ତୁ ବିପର୍ଯ୍ୟସ୍ତ। ଯନ୍ତ୍ରଣାରେ ଜର୍ଜରିତ ପାହାଡ଼ି ଗ୍ରାମଗୁଡ଼ିକରେ ବାସ କରୁଥିବା ଅଧିବାସୀମାନଙ୍କ ଜୀବନରେ ହସ ଫୁଟିବ କେବେ। ନିର୍ବାଚନ ଆସେ ଓ ଯାଏ। ଲୋକଙ୍କୁ ପ୍ରତିଶ୍ରୁତି ଦେଇ ନେତା ଓ ମନ୍ତ୍ରୀ ଚାଲିଯାନ୍ତି। ପ୍ରତିଶ୍ରୁତି କେବଳ ପାଣି ଗାର ସଦୃଶ୍ୟ ହୁଏ। ଆଜି ବି ଲୋକେ ମୌଳିକ ସୁବିଧା ପାଇଁ ଆନ୍ଦୋଳନ କରିବାକୁ ପଛାଉ ନାହାନ୍ତି। କିନ୍ତୁ ମିଳୁଛି କଣ। କେବଳ ପ୍ରତିଶ୍ରୁତି। ଯଦି ଦେଖିବା ଜିଲ୍ଲାର ଖଇରପୁଟ ବ୍ଲକର ରାସବେଡା ପଞ୍ଚାୟତରର ଡାଗବେଡା, ବଣ୍ଡାଘାଟିର ବନ୍ଧଗୁଡ଼ା, କିର୍ସାନିପଡା ଭଳି ବହୁ ଗ୍ରାମ ପାହାଡ଼ି ହୋଇଥିବା ବେଳେ ପ୍ରଶାସନର ପାଦ ଏହି ଗାଁମାନଙ୍କରେ କେବେ ପଡି ନାହିଁ। ଦୁଇ ଆଦିମ ଜନଜାତି ବଣ୍ଡା ଓ ଡାଡାୟୀ ଦଶନ୍ଧି ଦଶନ୍ଧି ଧରି ନିଜର ଭାଗ୍ୟକୁ ଆଦରି ଏହି ପାହାଡି ଗାଁମାନଙ୍କରେ ପାହାଡ ଉପରେ ନିର୍ଭର କରି ଜୀବନ ବିତାଉଛନ୍ତି। ପାହାଡ଼ିଆ ରାସ୍ତାରେ ଚାଲିବା ତାଂକର ଅଭ୍ୟସ୍ତରେ ପାଲଟିଗଲାଣି। ପାଣି ପାଇଁ ବର୍ଷ ତମାମ ପାହାଡ଼ିଆ ଝରଣା ଏବଂ ଚୁଆ ଉପରେ ହିଁ ନିର୍ଭର କରନ୍ତି। ବହୁ ସମୟରେ ପାଣି ପାଇଁ ମାଇଲ ମାଇଲ ବାଟ ମଧ୍ୟ ଚାଲିବାକୁ ପଡ଼େ। ରାସ୍ତା ନଥିବାରୁ ଗାଁକୁ ନା ଆମ୍ବୁଲାନ୍‌ସ ଆସୁଛି ନା କୌଣସି ସରକାରୀ ବାବୁଙ୍କ ପାଦ ପଡୁଛି। ରୋଗୀ ଓ ଗର୍ଭବତୀ ତଥା ପ୍ରସୂତୀଙ୍କୁ କାଉଡି କରି କିମ୍ବା ଖଟିଆରେ ମେଡିକାଲ ନେବାକୁ ପଡିଥାଏ। ଅଜଣା ରୋଗର ଶିକାର ହୋଇ ଅକାଳରେ ବହୁ ଲୋକଙ୍କ ଜୀବନ ଯାଏ। ଏହାର ହିସାବ ନା ସ୍ୱାସ୍ଥ୍ୟ ବିଭାଗ ପାଖରେ ନା ପ୍ରଶାସନ ପାଖରେ ରହିଛି। ୨୦୧୬ରେ ଜାପାନୀ ଜ୍ୱରରେ ଏହି ଅଂଚଳର ବହୁ ପିଲାଙ୍କ ଜୀବନ ଚାଲିଯାଇଛି। କେବଳ ଉଚିତ ଚିକିତ୍ସା ଅଭାବରୁ। ଭୋଟ ମାଗିବା ପାଇଁ ନେତାମାନେ ଚାଲି ଚାଲି କିନ୍ତୁ ପାହାଡି ରାସ୍ତା ଅତିକ୍ରମ କରି ଗାଁରେ ପହଞ୍ଚି ଲୋକଙ୍କୁ ଆଶ୍ୱାସନା ଦେଇ ଭୋଟ ନିଅନ୍ତି। କିନ୍ତୁ ପରମୁହୂର୍ତରେ ତାକୁ ଭୁଲିଯାନ୍ତି ବୋଲି ଗ୍ରାମବାସୀ କହନ୍ତି। ଖଇରପୁଟ ବ୍ଲକରେ ମୁଦୁଲିପଡା, ଅଣ୍ଡ୍ରାହାଲ, ରାସବେଡା ଗୋବିନ୍ଦପାଲୀ, ପୋଡାଘାଟ, ବଡ଼ଦୁରାଲ ଭଳି ପଞ୍ଚାୟତର ବହୁ ଗ୍ରାମ ଆଜି ବି ପାହାଡ଼ ଉପରେ ରହିଛି। ପାହାଡ଼ ଉପରେ ବସବାସ କରୁଥିବା ଲୋକଙ୍କ ଚିତ୍କାର କେବଳ ପଥରରେ ପିଟି ହୋଇ ସେଠାରେ ହିଁ ରହିଯାଉଛି। ବହୁ ପାହାଡିଆ ଗ୍ରାମରେ ଆଜି ବି ସ୍କୁଲ ଓ ଅଂଗନବାଡ଼ି ନାହିଁ। ବହୁ ପିଲା ଅପପୁଷ୍ଟିର ଶିକାର ହେଉଛନ୍ତି। ସରକାର ଚେତିଲେ ପାହାଡ଼ିଆଙ୍କ ଭାଗ୍ୟ ବଦଳିବ ବୋଲି କୁହାଯାଇଛି। ତେବେ ସରକାର କେବେ ଚେତୁଛନ୍ତି ଦେଖିବାକୁ ବାକି ରହିଲା।

## ବାଲି ହାଇୱା ଜବତ: ଜରିମାନା ଆଦାୟ

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): ଜିଲ୍ଲାର ବିଭିନ୍ନ ନଦୀରେ ଥିବା ବାଲି ସୈରାତରୁ ଦୈନିକ ଶହ ଶହ ହାଇୱା ବେଆଇନ ବାଲି ଉଠାଇ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଥିଲେ ମଧ ସଂପୃକ୍ତ ଅଂଚଳର ରାଜସ୍ୱ ଅଧିକାରୀମାନେ ଆଖିବୁଜି ଦେଇ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ତେବେ ଆଜି ଟାଉନ ଥାନା ପୋଲିସ କେନ୍ଦ୍ରାପଡା ପୌରାଂଚଳର ଲକ ପୋଲ ନିକଟରୁ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ତନଖି କରିଥିଲେ। ତେବେ ଉପଯୁକ୍ତ କାଗଜପତ୍ର ନଥିବା ଏବଂ ଏହା ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗରେ ଏହି ଟ୍ରକକୁ ଟାଉନ ପୋଲିସ ଓ ଜିଲ୍ଲା ଖଣି ଅଧିକାରୀ ଜବତ କରି ଜରିମାନା ଆଦାୟ କରିଥିବା ଜଣାପଡିଛି।

# ୧୬୫ ଛୁଇଁଲା ହରଡ଼ଡାଲି



ଭୁବନେଶ୍ୱର, ୧୭/୫ (ନି.ପ୍ର): ହରଡ଼ ଡାଲି ଦରବୃଦ୍ଧିରେ ଲଗାମ ଲାଗୁନାହିଁ। ଦର ନିୟମିତ ବ୍ୟବଧାନରେ ବଢ଼ି ଅଣାୟତ୍ତ ସ୍ତରକୁ ଗଲାଣି। ଗତ ୩ରୁ ୪ ଦିନ ମଧ୍ୟରେ ଏହାର ଦାମ୍ କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା/କିଲୋଗ୍ରାମ ପିଛା ୫ ଟଙ୍କା ବଢ଼ିଯାଇଛି। ପୂର୍ବରୁ ବିଭିନ୍ନ କିସମର ହରଡ଼ ଡାଲି କିଲୋପିଛା ୧୪୫ ଟଙ୍କାରୁ ଆରମ୍ଭ ହୋଇ ୧୫୫/୧୬୦ ଟଙ୍କା ଭିତରେ ବିକ୍ରି ହେଉଥିଲା। କିନ୍ତୁ ବର୍ତ୍ତମାନ ପାଇକାରୀ ବଜାରରେ ଏହାର ଦର କିଲୋଗ୍ରାମ ପିଛା ୧୫୦ ଟଙ୍କାରୁ ୧୬୫ ଟଙ୍କାରେ ବିକ୍ରି ହେଉଛି। ଗତମାସରେ ମଧ୍ୟ ହରଡ଼ ଡାଲି ମୂଲ୍ୟ କ୍ୱିଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବା କିଲୋଗ୍ରାମ ପିଛା ୩/୪ ଟଙ୍କା ବଢ଼ିଥିଲା। ହରଡ଼ ଡାଲି ଦରବୃଦ୍ଧିର ମୁଖ୍ୟ କାରଣ ଉତ୍ପାଦନ ହ୍ରାସ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସାରା ଭାରତରେ ଚାଷୀ ଆଉ ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଏହାର ଏକ ବଡ଼ କାରଣ ହେଲା ଚାଷ କାମ କରିବାକୁ ଶ୍ରମିକ ମିଳୁନାହାନ୍ତି। ଫଳରେ ଚାଷୀ ଅର୍ଥ ଖର୍ଚ୍ଚ କରି ଯେତିକି ଫସଲ ପାଇବା କଥା ତାହା ପାଉନାହିଁ। ଗୋଟିଏ ପଟେ ମଜୁରି ଓ ଚାଷ ସଂକ୍ରାନ୍ତ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିବା ଏବଂ ଅନ୍ୟପଟେ ଉତ୍ପାଦନ କମିବା ଦ୍ୱାରା ଚାଷୀ କ୍ଷତି ସହୁଛି। ଏହାବ୍ୟତୀତ ପ୍ରତିକୂଳ ପାଣିପାଗ ମଧ୍ୟ ଡାଲି ଓ ଅନ୍ୟାନ୍ୟ ଫସଲ ଅମଳକୁ ପ୍ରଭାବିତ କରୁଛି। ବଜାର ନୀତିରେ ସଂଶୋଧନ ଆଣିବା ଲାଗି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। କହିଛନ୍ତି ଯେ କର୍ପୋରେଟ୍ ସଂସ୍ଥା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେବ। ଏହା ନହେଲେ କର୍ପୋରେଟ୍ ହାଉସଗୁଡ଼ିକ ହାତକୁ ଡାଲି ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଚାଲିଯିବ। ବିଭିନ୍ନ ଖାଦ୍ୟ ସାମଗ୍ରୀର ଦାମ୍‌ରେ ହଠାତ୍ ଅସ୍ୱାଭାବିକ ହ୍ରାସବୃଦ୍ଧି ଘଟିବ। ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡାଙ୍କ କହିବାନୁଯାୟୀ, ରାଜ୍ୟରେ ବାର୍ଷିକ ପ୍ରାୟ ୯ ଲକ୍ଷ ୫୦ ହଜାର ଟନ୍ ଡାଲି ଆବଶ୍ୟକ ରହିଛି। ଏଥିରୁ ଅଳ୍ପ କିଛି ଆମ ରାଜ୍ୟରେ ଉତ୍ପାଦନ ହେଉଛି। କିନ୍ତୁ ଉତ୍ପାଦନ ହେଉଥିବା ଅଳ୍ପ କିଛି ହରଡ଼ ଡାଲି ରାୟପୁରର ଡାଲି ମିଲ୍ ?କୁ ପଳାଇଥାଏ। ସେଠାରେ ସେଗୁଡ଼ିକର ପ୍ରକ୍ରିୟାକରଣ ହୋଇ ବଜାରକୁ ଆସିଥା ?ଏ। ବର୍ତ୍ତମାନ ମୁଗ ଡାଲି ମୂଲ୍ୟ କିଛିଟା ହ୍ରାସ ପାଇଥିଲେ ମଧ ହରଡ଼ ଡାଲି ମୂଲ୍ୟ ବଢ଼ିଯାଇଛି। ହରଡ଼ ଡାଲି ମୂଲ୍ୟବୃଦ୍ଧି ପାଇଁ ସେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଏବଂ କର୍ପୋରେଟ୍ ହାଉସ୍ ?ଙ୍କ ଖେଳକୁ ଦାୟୀ କରିଛନ୍ତି। ସରକାର ଯଦି ନୀତିରେ ପରିବର୍ତ୍ତନ ନଆଣିବେ ତା'ହେଲେ ଗ୍ରାହକ ଏଭଳି ଶୋଷଣର ଶିକାର ହେବା ସହିତ ଛୋଟ ଛୋଟ ବ୍ୟବସାୟୀ ମଧ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ସେ ମତ ଦେଇଛନ୍ତି।

# ସେଲ ଆରଏସପିର ବାର୍ଷିକ ଗ୍ରୀଷ୍ମ ଶିବିରରେ ବିବିଧ କ୍ରୀଡାର ଆୟୋଜନ ସହ ଖେଳ ପଡିଆରେ ପିଲାଙ୍କ ବିପୁଳ ଉତ୍ସାହ ପରିଲକ୍ଷିତ

ରାଉରକେଲା, ୧୭/୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ ଗ୍ରୀଷ୍ମ ଶିବିର ଜାରିରହିବା ସହ ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ, ସେକ୍ଟର -୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର ୨୦ ଇନଡୋର ଷ୍ଟାଡିୟମ, ବାସ୍କେଟବଲ ପଡିଆ କିମ୍ବା କବାଡି ପଡିଆ , ଇସ୍ପାତ ସହରର ସମସ୍ତ ଖେଳ ପଡିଆରେ ପିଲାମାନଙ୍କର ବିପୁଳ ଆନନ୍ଦ ଉତ୍ସାହ ଦେଖିବାକୁ ମିଳୁଛି। ଆରଏସପିର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି ବହୁ ପ୍ରତୀକ୍ଷିତ ବାର୍ଷିକ କାର୍ଯ୍ୟକ୍ରମ, ପିଲାମାନଙ୍କୁ ବିଭିନ୍ନ କ୍ରୀଡାରେ ସାମିଲ ହେବା ସଙ୍ଗେସଙ୍ଗେ ସେମାନଙ୍କ ପ୍ରତିଭାକୁ ଶାଣିତ କରିବା ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଞ୍ଚ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ସେକ୍ଟର ୨୦ ରେ ଥିବା ଇନଡୋର ଷ୍ଟାଡିୟମରେ କବାଡି, ବ୍ୟାଡମିଣ୍ଟନ ଏବଂ ଟେବୁଲ ଟେନିସ ଭଳି କ୍ରୀଡାବର୍ଗରେ ଯୁବପ୍ରତିଭାଙ୍କ ବିପୁଳ ଅଂଶଗ୍ରହଣ ଦେଖିବାକୁ ମିଳୁଛି। ପୂର୍ବାହ୍ନରୁ ଷ୍ଟାଡିୟମ ପିଲାମାନଙ୍କର ନିଜ ପସନ୍ଦର କ୍ରୀଡ଼ାବର୍ଗରେ ଉତ୍ସାହ ସହକାରେ ଅଂଶଗ୍ରହଣ ସହିତ ବ୍ୟସ୍ତବହୁଳ ରହୁଛି। ଷ୍ଟାଡିୟମ ବିଭିନ୍ନ ଖେଳରେ ପିଲାମାନେ ନିମଗ୍ନ ରହିବା ସହିତ ଏହା ସମଗ୍ର ବାତାବରଣରେ ଆନନ୍ଦ, ହସ ଏବଂ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଭରିଦେଉଛି। ସଯତ୍ନ ପ୍ରସ୍ତୁତ କ୍ରୀଡା ଭିତ୍ତିଭୂମି, ଅଭିଜ୍ଞ ପ୍ରଶିକ୍ଷକଙ୍କ ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଏହି ଶିବିରରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ମନୋନୀତ କ୍ରୀଡ଼ାରେ ଉତ୍କର୍ଷ ହେବା ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ତାଲିମ ଗ୍ରହଣ କରୁଛନ୍ତି। ଦ୍ୱିତୀୟ ବର୍ଷ ବ୍ୟାଡମିଣ୍ଟନ ଶିବିରରେ ଯୋଗଦେଉଥିବା କେନ୍ଦ୍ରିୟ ବିଦ୍ୟାଳୟର ୧୭ ବର୍ଷର ଛାତ୍ର ଶିବମ କୁହନ୍ତି, "ଉତ୍କୃଷ୍ଟ ଭିତ୍ତିଭୂମି ଏବଂ ମାର୍ଗଦର୍ଶନ ଯୋଗୁଁ ମୁଁ ଦିନେ ଅଲିମ୍ପିକ୍ସରେ ଦେଶର ପ୍ରତିନିଧିତ୍ୱ କରିବାର ମୋର ସବୁଠାରୁ ବଡ ଆକାଂକ୍ଷା ଦିଗରେ ଅଗ୍ରସର ହୋଇଛି।" ଗତ ବର୍ଷ ଶିବମ୍ କେନ୍ଦ୍ରିୟ ବିଦ୍ୟାଳୟର ଜାତୀୟ ଚାମ୍ପିଅନସିପ୍ ବିଜେତା ହୋଇଥିଲେ। ସେଣ୍ଟ ପଲ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ର ସାଇରିଲ ସାହୁ ଅନୁରୂପ ମତପୋଷଣ କରି କୁହନ୍ତି ଯେ , ସେ ମଧ୍ୟ ଭାରତୀୟ ଜର୍ସି ପରିଧାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସଚିବାଳୟରେ କାର୍ଯ୍ୟରତ ତଥା ବ୍ୟାଡମିଣ୍ଟନ୍ ପ୍ରଶିକ୍ଷକ ଶ୍ରୀ ରାଜୀବ କୁମାର ନାୟକ କୁହନ୍ତି, "ଆରଏସପିର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ସର୍ବଦା ଇସ୍ପାତ ସହରର ପିଲାମାନଙ୍କ ପାଇଁ ଏକ ବହୁ ପ୍ରତୀକ୍ଷିତ କ୍ରୀଡା ଇଭେଣ୍ଟ ରହିଆସିଛି ଏବଂ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧେ ଏଥିରେ ପିଲାଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଛି।" ୩୭ ତମ ସଂସ୍କରଣରେ ପହଞ୍ଚିଥିବା ଏହି ଗ୍ରୀଷ୍ମ ଶିବିର ଅଞ୍ଚଳରେ ଏକ ପ୍ରିୟ ପରମ୍ପରା ପାଲଟିଛି। ଏହା ପିଲାମାନଙ୍କୁ ସେମାନଙ୍କର ଆଥଲେଟିକ୍ ଦକ୍ଷତା ପ୍ରଦର୍ଶନ କରିବା ପାଇଁ କେବଳ ଏକ ସୁଯୋଗ ପ୍ରଦାନ କରେ ନାହିଁ ବରଂ ସେମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଦୃଢ ମୂଲ୍ୟବୋଧ ମଧ୍ୟ ସୃଷ୍ଟି କରେ। ଏହି ଶିବିର ଯୁବ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି କରିବା, ଚିରସ୍ଥାୟୀ ସ୍ମୃତି ଏବଂ ବନ୍ଧନ ସୃଷ୍ଟି କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରୁଛି।

# ମାଡ଼ ମାରି ଟଙ୍କା ଛଡାଇବା ଅଭିଯୋଗରେ ୨ ଗିରଫ

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): ପୁରୁଣା ଶତୃତାକୁ କେନ୍ଦ୍ର କରି ୨ ଯୁବକଙ୍କ ମଧ୍ୟରେ ମାଡ଼ ମରାମରି ଓ ଟଙ୍କା ଛଡାଇବା ଅଭିଯୋଗ ରେ ଉଭୟ ପକ୍ଷରୁ ଏତଲା କ୍ରମେ ଟାଉନ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଜଣାଶୁଣା ବ୍ୟବସାୟୀ ଖାଦିମ ବକ୍ସଙ୍କ ପୁଅ ରମଜାନ ବକ୍ସ ସେକ ମିନା ନାମକ ଯୁବକଙ୍କୁ ରାସ୍ତାରେ ଅଟକାଇ ମାଡ ମାରି କିଛି ଟଙ୍କା ଛଡାଇ ନେଇଥିବା ଅବିଯୋଗ ହୋଇଥିଲା। ଉଭୟ ପକ୍ଷର ଗଣ୍ଡଗୋଳରେ ପରସ୍ପର ବିରୋଧରେ ଅଭିଯୋଗ କରାଯିବାରୁ ଟାଉନ ପୋଲିସ କେଶ ନଂ-୧୦୧/୨୪ରେ ମାମଲା ରୁଜୁ କରି ରମଜାନ ବକ୍ସ ଓ ସେକ ମିନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଆପଣ ଜାଣନ୍ତି କି ?

- ସିଙ୍ଗାପୁରରେ ଚୁଇଂଗମ କିଣାବିକା ଆଇନ ବିରୋଧୀ ଅଟେ।
- ଭିନେଗାରରେ ମୋତି ମିଳେଇଯାଏ।
- ପ୍ରଖ୍ୟାତ ଚିତ୍ରକର ଲିଓନାଡ଼ୋ ଦା ଭିନସ ତାଙ୍କର ପ୍ରସିଦ୍ଧ ଚିତ୍ର 'ମୋନାଲିସା'ରେ ତାରିଖ ଓ ଦସ୍ତଖତ ଦେଇ ନଥିଲେ।
- ଯେଉଁ ମାସର ପ୍ରଥମ ଦିନଟି ରବିବାରରୁ ଆରମ୍ଭ ହୋଇଥାଏ, ସେହି ମାସର ୧୩ ତାରିଖଟି ଶୁକ୍ରବାର ହୋଇଥାଏ।
- କ୍ୟାଲେଣ୍ଡର ପ୍ରତି ୪ଶହ ବର୍ଷ ପରେ ପୁନର୍ବାର ହୁଏ।
- ଲିଓନାଡ଼ୋ ଦା ଭିନସ କଇଁଚିର ଉଦ୍ଭାବନ କରିଛନ୍ତି। 'ମୋନାଲିସା' ଚିତ୍ରରେ ମୋନାଲିସାରେ ଓଠ ଆଙ୍କିବା ପାଇଁ ତାଙ୍କୁ ୧୨ବର୍ଷ ସମୟ ଲାଗିଯାଇଥିଲା।
- ଗୋଟିଏ ଦିନରେ ଜଣେ ମହିଳା ୭୦୦୦ ଶବ୍ଦ କହୁଥିବାବେଳେ ପୁରୁଷମାନେ ୨୦୦୦ଟି ଶବ୍ଦ କହନ୍ତି।
- ୧୦୦ ମିଲିୟନ ବା ଦଶକୋଟି ବର୍ଷ ପୂର୍ବରୁ ଭାରତ ଏକ ଦ୍ୱୀପଥିଲା।
- ପ୍ରତି ୧୨ବର୍ଷରେ ଭାରତରେ ଆୟୋଜିତ ହେଉଥିବା କୁମ୍ଭମେଳା ହେଉଛି ବିଶ୍ୱର ସବୁଠାରୁ ଅଧିକ ଜନଗହଳିପୂର୍ଣ୍ଣ ଉତ୍ସ।

# କୁଲ୍ ହେୟାର ଷ୍ଟାଇଲ୍



ଏଇ ଖରାରେ ଯଦି ଆପଣଙ୍କ କେଶ ଛୋଟ ଅଛି ତ ବଂଚିଗଲେ । ଯଦି ଲମ୍ବା କେଶ ତେବେ କଷ୍ଟ ପାଇବା ସ୍ୱାଭାବିକ । କିନ୍ତୁ ଚିନ୍ତା ନାହିଁ ସମରରେ ଆପଣ କିଛି କୁଲ୍ ହେୟାରଷ୍ଟାଇଲ୍ କରିପାରିବେ ।

କର୍ନରୋ ବ୍ରେଡ୍:- କେଶକୁ ମୁହଁ ଏବଂ ତ୍ୱଚା ଚାରିପାଖରୁ ଦୂରେଇ ରଖିବାପାଇଁ କର୍ନରୋ ବ୍ରେଡ୍ ଠାରୁ ଅନ୍ୟ କୌଣସି ଭଲ ଉପାୟ ଆଉ ନାହିଁ । ଡିଜାଇନରେ ବେଣୀ କରିବାପରେ ଏହାକୁ ଷ୍ଟାଇଲିଶ୍ ଉପାୟରେ ଗଣ୍ଠି ମଧ୍ୟ କରିପାରିବେ ।

ଲୋ ହାଫ୍ ନଟ୍:- ଏହି ଷ୍ଟାଇଲ ଭାରି ଆରାମଦାୟକ । ଏହା ଅତ୍ୟଧିକ ଟାଇଟ୍ ନୁହେଁ । କେଶକୁ ସୁନ୍ଦର ରଖିବା ସହ ଆରାମ ଅନୁଭବ ହେବାକୁ ଦେଇଥାଏ । ଗଣ୍ଠିକୁ ସଠିକ୍ ଭାବେ ରଖିବାପାଇଁ କିଛି ହେୟାର ପିନ୍ ବ୍ୟବହାର କରନ୍ତୁ ।



ମିଲ୍କମେଡ୍ ବ୍ରେଡ୍:- ଏହି ହେୟାରଷ୍ଟାଇଲ ଦେଖିଲେ ଆପଣଙ୍କୁ ଲାଗୁଥିବ ଯେ, କଷ୍ଟଦାୟକ କିନ୍ତୁ ପ୍ରକୃତରେ ଆପଣ ଯେତିକି କଷ୍ଟ ଭାବୁଛନ୍ତି ସେତିକି ନୁହେଁ । ଦୁଇ ଭାଗ କରି କେଶକୁ ବେଣୀ କରିଦିଅନ୍ତୁ । ବେଣୀ ହୋଇଯିବାପରେ ବେଣିକୁ ହେୟାର ନପିନ୍ ସାହାଯ୍ୟରେ ଅପୋଜିଟ୍ ଡାଇରେକ୍ସନ୍‌ରେ ମୁଣ୍ଡ ଉପରେ ରଖନ୍ତୁ । କେଶକୁ ସଠିକ୍ ଭାବେ ରଖିବା ପାଇଁ ଗୋଟିଏ ଟେକ୍ସଚରାଇଜିଙ୍ଗ ସ୍ପ୍ରେ ବ୍ୟବହାର କରନ୍ତୁ ।

ସାଇଡ୍ ବ୍ରେଡ୍ :- ଏହି ହେୟାରଷ୍ଟାଇଲ ଦେଖିବାକୁ କ୍ୟୁଟ୍ ଏବଂ ଏଥିସହ ଏହା ଉପରକୁ ମଧ ରହିବ । କେଶକୁ ଗୋଟିଏ ପାର୍ଶ୍ୱକୁ ଆଣି ବେଣି କରନ୍ତୁ ।

ଟାଇଟ୍ ଟପ୍ ନଟ୍:- ଏହି ହେୟାରଷ୍ଟାଇଲ ଲମ୍ବା କେଶ ପାଇଁ ବେଷ୍ଟ୍ । କେଶକୁ ହାଇ ପନିଟେଲ କରି ବାନ୍ଧି ଦିଅନ୍ତୁ ଏବଂ ଦୁଇ ଭାଗ କରିଦିଅନ୍ତୁ ପ୍ରତ୍ୟେଟିକୁ ପରସ୍ପର ବାନ୍ଧିବା ପରେ ଏକ ସ୍କ୍ରଞ୍ଚିରେ ବାନ୍ଧି ଦିଅନ୍ତୁ ।



# ଶିଶୁଙ୍କ ଯତ୍ନ ନିଅନ୍ତୁ



- ଉତ୍ତମ ପୋଷଣଯୁକ୍ତ ଖାଦ୍ୟ ଶିଶୁ ସ୍ୱାସ୍ଥ୍ୟର ମୁଖ୍ୟ ଆଧାର। ପାରମ୍ପରିକ ଘରୋଇ ଖାଦ୍ୟ ପ୍ରସ୍ତୁତ କରି ଶିଶୁକୁ ଖୁଆନ୍ତୁ। ଖାଦ୍ୟରେ ନିୟମିତ ସାଲାଡ୍, ଫଳ ସାମିଲ କରନ୍ତୁ। ଏହା ଦ୍ୱାରା ଶିଶୁ ସଂକ୍ରମଣକୁ ରକ୍ଷାପାଏ। ସବୁବେଳେ ସକ୍ରିୟ ରହେ।
- ନିୟମିତ ପ୍ରାତଃ ଭୋଜନ କରୁଥିବା ଶିଶୁଠୁ ସାରାଦିନ ଚଳଚଞ୍ଚଳ ରହେ, ଥକିପଡ଼େ ନାହିଁ। ବିଦ୍ୟାଳୟରେ ଅଧ୍ୟୟନ ଦକ୍ଷତା ବଢ଼େ। କ୍ଷୀର, ଫଳ, ଗହମ ଅଟା ରୁଟି, ସାଣ୍ଡୱିଚ ଆଦି ଖାଇବାକୁ ଦିଅନ୍ତୁ।
- ଶିଶୁ ଦୈନିକ ଅତି କମରେ ପାଞ୍ଚ ସାତ ଗ୍ଲାସ ପାଣି ପିଇବା ଉଚିତ। ଏହାଦ୍ୱାରା ଶରୀରର ଜଳୀୟ ମାତ୍ରା ଠିକ୍ ରହେ। ଫଳରସ, କାଲୋରିମୁକ୍ତ ପାନୀୟ, ଲହୁଣିମୁକ୍ତ କ୍ଷୀର ମଧ ଦେଇପାରିବେ।
- ସୁସ୍ଥ ଶରୀର ପାଇଁ ଚାଳିଶ ପ୍ରକାର ଖାଦ୍ୟସାର ଓ ଟନିକ ଆବଶ୍ୟକ। ଏଣୁ ଶିଶୁ ପାଇଁ ସବୁ ପ୍ରକାର ଖାଦ୍ୟ ଉପାଦାନ ମିଶ୍ରଣରେ ସନ୍ତୁଳିତ ଆହାର ପ୍ରସ୍ତୁତ କରିବା ଶିଖନ୍ତୁ।
- ନିୟମିତ ବ୍ୟବଧାନରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ। ବୟସ ଓ ନିର୍ଦ୍ଧାରିତ ସମୟରେ ଶିଶୁକୁ ସମସ୍ତ ଟିକା ଦିଅନ୍ତୁ।



ସ୍ମରଣ ଶକ୍ତି ପାଇଁ ସୁନିଦ୍ରା ଆବଶ୍ୟକ। ଏହା ଦ୍ୱାରା ଶିଶୁ କର୍ମଠ ରହେ, ଅଧ୍ୟୟନରେ ଏକାଗ୍ରତା ବଢ଼େ।

- ନିୟମିତ ଦୌଡ଼, ଖେଳକୁଦ, ସନ୍ତୁଳଣ ଶିଶୁପାଇଁ ଲାଭଦାୟକ। ଦଶ ଏଗାର ବର୍ଷର ପ୍ରତ୍ୟେକ ପିଲା ଦୈନିକ ଅତି କମରେ ଏକ ଘଣ୍ଟା ବ୍ୟାୟାମ କରିବା ଉଚିତ।

# ମନ୍ଦିରରେ ମିଳିଥାଏ ମୃତ୍ୟୁର ଅନୁଭବ



ଆପଣ ଏମିତି ଅନେକ ଫିଲ୍ମ ଦେଖିଥିବେ ଯେଉଁଥିରେ ପୁର୍ନଜନ୍ମ କାହାଣୀ ଥିବ। କିନ୍ତୁ ବାସ୍ତବରେ ଏହାର ଅସ୍ତିତ୍ୱ ଅଛି କି ନାହିଁ ତାହା ଜପଣାପଡ଼ି ନାହିଁ। ତଥାପି ଅଧିକାଂଶ ଲୋକ ପୂର୍ବଜନ୍ମର କାହାଣୀ ଶୁଣିବାକୁ ଅଧିକ ଭଲପାଆନ୍ତି। ସେମିତି ଆପଣ ମଧ୍ୟ ଚାହିଁଲେ ନିଜ ପୁର୍ନଜନ୍ମ ବିଷୟରେ ଜାଣିପାରିବେ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ୱାଟ ପ୍ରୋମାନି ନାମକ ଏହି ବୌଦ୍ଧ ମନ୍ଦିରକୁ ଲୋକେ ନିଜ ନିଜକର ପୁର୍ନଜନ୍ମ କାହାଣୀ ଶୁଣିବାକୁ ଆସିଥାନ୍ତି। ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଂକକରୁ ୬୬ କିଲୋମିଟର ଦୂରରେ ଅବସ୍ଥିତ ଏହି ମନ୍ଦିର। ଏଠାରେ ଲୋକଙ୍କୁ ପୁର୍ନଜନ୍ମ ଦେବାପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥାଏ। ବାସ୍ତବରେ ମରିବାକୁ ପଡ଼େନାହିଁ କେବଳ ମୃତ୍ୟୁ ଏବଂ ପୁର୍ନଜନ୍ମ ଅନୁଭବ ହୋଇଥାଏ ଲୋକଙ୍କୁ। ଏଥିପାଇଁ ଲୋକଙ୍କୁ ମନ୍ଦିରରେ ଥିବା କଫିନ୍‌ରେ ଶୋଇବାକୁ ପଡ଼ିଥାଏ। ଏହାପରେ ବୌଦ୍ଧ ଧର୍ମାବଲମ୍ବୀମାନେ ମନ୍ତ୍ର ଉଚ୍ଚାରଣ କରି ଲୋକଙ୍କୁ ମୃତ୍ୟୁର ଅନୁଭବ ଦେଇଥାନ୍ତି ଏବଂ ପୁଣିଥରେ ପୁର୍ନଜନମ ଦେଇ ଜୀବିତ କରାଇଥାନ୍ତି। ଏହି ପ୍ରକ୍ରିୟା ମାତ୍ର ୯୦ ସେକେଣ୍ଡ ପାଇଁ ଚାଲିଥାଏ। ଏହା ଦ୍ୱାରା ଲୋକମାନେ ବିଶ୍ୱାସ କରନ୍ତି ଯେ ସେମାନେ ପବିତ୍ରତା ଲାଭ କରିଛନ୍ତି। ମନ୍ଦିରରେ ୯ ପ୍ରକାର ରଙ୍ଗୀନ କଫିନ୍ ରହିଛି।

## ମସ୍ତିଷ୍କାଘାତରୁ ରକ୍ଷା କରିବ ଏବି୧୨୬

ମସ୍ତିଷ୍କାଘାତ ଦ୍ୱାରା ହେଉଥିବା ବଡ଼ ବିପଦକୁ ଟାଳିବାକୁ ଏବେ ବୈଜ୍ଞାନିକମାନେ ଏକ ଉପାୟ ସନ୍ଧାନ କରିଛନ୍ତି। ଆମେରିକାର ୟୁନିଭର୍ସିଟି ଅଫ ଜର୍ଜିଆ ଆଣ୍ଡ୍ ଅଗସ୍ତା ୟୁନିଭର୍ସିଟିର ବୈଜ୍ଞାନିକଙ୍କ ମିଳିତ ଉଦ୍ୟମରେ ଏକ ନୂତନ ପଦ୍ଧତି ଆବିଷ୍କାର କରାଯାଇଛି। ଏହା ଆଘାତପ୍ରାପ୍ତ ମସ୍ତିଷ୍କର ସୁରକ୍ଷା ଏବଂ ଚିକିତ୍ସା କରିବାରେ ସମର୍ଥ। ଏହାର ନାମ ରହିଛି ଏବି ୧୨୬। ଏହି ପଦ୍ଧତି ରକ୍ତ ପ୍ରବାହରେ ସମ୍ପୁର୍ଣ୍ଣ ରୂପେ ସମାହିତ ହୋଇପାରିବ। ବୈଜ୍ଞାନିକଙ୍କ ଅନୁସାରେ, ଏହି ଉପଚାର ବିଧିଦ୍ୱାରା ମସ୍ତିଷ୍କାଘାତରେ ପୀଡ଼ିତ ରୋଗୀଙ୍କୁ ବେଶ୍ ସହାୟତା ମିଳିପାରିବ। ଏହା କୋଶିକା ସହ ସମ୍ବର୍ଦ୍ଧିତ ଥେରାପି ଠାରୁ ଅଧିକ ଭରସାଯୋଗ୍ୟ ଏବଂ ବାଧାରହିତ ଉପଚାର। ଆକାରରେ ଛୋଟ ହୋଇଥିବାରୁ ଏହା ବେଶ୍ ଉପଯୋଗୀ। ଏବି ୧୨୬ର ପ୍ରଭାବ ସମ୍ପର୍କରେ ଜାଣିବାକୁ ବୈଜ୍ଞାନିକମାନେ ସେଥିରେ ଏକ୍ସୋଜୋମର ବ୍ୟବହାର କରି ସଫଳତା ହାସଲ କରିଛନ୍ତି।

# ବର୍ଷକରେ ୮୦ କୋଟି ଟନ୍ ମାଂସ ଖାଇଯାଆନ୍ତି ବୁଢ଼ିଆଣୀ

କଳ୍ପନା କରିହେଉ ନଥିଲେ ବି ସତ। ବୁଢ଼ିଆଣୀ ଭଳି ଗୋଟିଏ କ୍ଷୁଦ୍ର ଜନ୍ତୁ ମଣିଷଙ୍କ ଭଳି ମାଂସ ଖାଇଯାଇପାରେ। ବର୍ଷକରେ ବୁଢ଼ିଆଣୀ ୪୦ ରୁ ୮୦ କୋଟି ଟନ୍ ମାଂସ ଖାଇଯାଆନ୍ତି। ଏକ ସଦ୍ୟତମ ଅନୁଧ୍ୟାନରୁ ଜଣାପଡ଼ିଛି। ପୃଥିବୀରେ ୨.୫ କୋଟି ଟନ ଓଜନର ବୁଢ଼ିଆଣୀ ରହିଛି। ୮ ଗୋଡ଼ ବିଶିଷ୍ଟ ଏହି ଜୀବ ବଞ୍ଚିବା ପାଇଁ ପୋକଜୋକକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଏଥିପାଇଁ ବର୍ଷକରେ ବୁଢ଼ିଆଣୀ ସମୁଦାୟ ୪୦ରୁ ୮୦ କୋଟି ଟନ୍ ପୋକଜୋକଙ୍କୁ ନିଜର ଶିକାର ବନାନ୍ତି। ବିଜ୍ଞାନ ପତ୍ରିକା 'ଦି ସାଇନ୍ସ ଅଫ ନେଚର୍'ରେ ଏହି ଅନୁଧ୍ୟାନ ରିପୋର୍ଟ ପ୍ରକାଶ ପାଇଛି। ଏହି ବୁଢ଼ିଆଣୀ ତାର ସଂକ୍ରମଣକାରୀ ପୋକଗୁଡ଼ିକୁ ମଣିଷ ଠାରୁ ଦୂରରେ ରଖିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ବିଶେଷକରି ଜଙ୍ଗଲ ଓ ଘାସବୁଦା ଥିବା ଅଞ୍ଚଳରେ ଏହି ବୁଢ଼ିଆଣୀ ପୋକଜୋକର ଶିକାର କରନ୍ତି। ବୁଢ଼ିଆଣୀଙ୍କର ମୋଟ ୪୫ ହଜାର ପ୍ରଜାତି ଅଛି ଓ ଏମାନେ ସମସ୍ତେ ମାଂସାହାରୀ। ଅନୁଧ୍ୟାନ ରିପୋର୍ଟ ଅନୁଯାୟୀ, ମରୁଭୂମିଠାରୁ ଆରମ୍ଭ କରି ଗୁମ୍ଫା, ସମୁଦ୍ର ତଟ, ବରଫାଞ୍ଚଳ ସବୁଠାରେ ବୁଢ଼ିଆଣୀଙ୍କୁ ଦେଖିବାକୁ ମିଳିଛି। ବୁଢ଼ିଆଣୀ ଖୁବ ଭଲ ଶିକାର ହୋଇଥାନ୍ତି। ଏହା ବ୍ୟତୀତ ବୁଢ଼ିଆଣୀ ଅନ୍ୟ ଜୀବର ଖାଦ୍ୟ ମଧ୍ୟ ବନିଥାନ୍ତି ପକ୍ଷୀ, ପରଭାଷୀ ଓ ପରଜୀବଙ୍କ ଏପରି ୮ ହଜାର ପ୍ରଜାତି ରହିଛି ଯେଉଁମାନେ କେବଳ ବୁଢ଼ିଆଣୀ ଖାଇ ବଞ୍ଚିଥାନ୍ତି।



# ଏସିଆର ପରିଷ୍କାର ଗାଁ

ମେଘାଳୟର ମାଓଲ୍ୟାନଙ୍ଗ କେବଳ ଭାରତର ନୁହେଁ ପୂରା ଏସିଆର ସବୁଠୁ ପରିଷ୍କାର ପରିଚ୍ଛନ୍ନ ଗାଁ। ଏହି ଗାଁର ସାକ୍ଷରତା ହାର ୧୦୦%। ଏଠାକାର ଲୋକେ କେବଳ ଇଂରାଜୀରେ କଥା ହୁଅନ୍ତି। ଆନ୍ତର୍ଜାତିକ ସ୍ତରରେ ଏହା ଏସିଆର ସବୁଠୁ ପରିଷ୍କାର ଗାଁ ଭାବେ ପୁରସ୍କୃତ ହୋଇଛି। ଏଠାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଝରଣା, ଗଛରେ ତିଆରି ପୋଲ ରହିଛି। ଏହି ଗାଁ ମେଘାଳୟରେ ସିଲଂ ଓ ଭାରତ-ବଙ୍ଗଳାଦେଶ ସୀମାରେଖା ଠାରୁ ୯୦ କିଲୋମିଟର ଦୂରରେ ରହିଛି। ମାଓଲ୍ୟାନ୍ନଙ୍ଗର ଲୋକେ ଅଳିଆ ଆବର୍ଜନା ପକାଇବାା ପାଇଁ ବାଉଁଶର ଡଷ୍ଟବିନ ବ୍ୟବହାର କରନ୍ତି। ସେମାନେ ଏହି ଅଳିଆଗୁଡ଼ିକୁ ଗୋଟିଏ ସ୍ଥାନରେ ପକାନ୍ତି। ଏଥିରୁ ପ୍ରସ୍ତୁତ ଖତକୁ ଗ୍ରାମବାସୀ କ୍ଷେତ୍ରରେ ପକାଇଥାନ୍ତି। ଗାଁର ଛୋଟପିଲାଠାରୁ ଆରମ୍ଭ କରି ବୁଢ଼ା ଲୋକ ପର୍ଯ୍ୟନ୍ତ ସମସ୍ତେ ଗାଁରୁ ସଫା ରଖିବାରେ ବ୍ୟସ୍ତ ଥାଆନ୍ତି।






# ଗାଳିଦେଲେ ଭଲ

ଗାଳିଦେଉଥିବା ଲୋକଙ୍କୁ ସମାଜ ସବୁବେଳେ ଖରାପ ବୋଲି ଧରି ନେଇଥାଏ। ଆପଣ ବି ଆଜିଯାଏ ଏହା ହିଁ ମାନିଥିବେ। ସେତିକି ନୁହେଁ, ଘରର ବଡ଼ ଲୋକମାନେ ଏଭଳି ଲୋକଙ୍କ ଠାରୁ ଦୂରେଇ ରହିବାକୁ ପରାମର୍ଶ ମଧ୍ୟ ଦେଇଥାନ୍ତି। ସାର୍ବଜନିକ ଭାବେ ଗାଳି ଦେଉଥିବା ଲୋକକୁ ସବୁବେଳେ ଭୁଲ୍ ବୁଝାଯାଏ। ତଥାପି ଜଣା ଅଜଣାରେ ଆମ ଭିତରୁ ଅନେକ ଲୋକ ଗାଳି ଦେଉଥିବାର ଦେଖିବାକୁ ମିଳିଥାଏ। ଏଇ ଯେମିତି ଗାଡ଼ି ଡ୍ରାଇଭ କରିବା ସମୟରେ ସାମ୍ନାକୁ ଅନ୍ୟ ଗାଡ଼ି ଆସିଗଲେ ଅବା ସାଙ୍ଗସାଥୀଙ୍କ ସହ କଥା ହେଉଥିବା ବେଳେ କିମ୍ବା ଅଚାନକ ଭାବେ କୌଣସି ଖୁସି ଖବର ମିଳିଗଲେ ଆମେ ପଟିରୁ କିଛି ନା କିଛି ଗାଳି ବାହାରି ଆସିଥାଏ। ଇଂଲଣ୍ଡର କିଲେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୦୯ରେ ଗାଳି ଉପରେ ଏକ ଗବେଷଣା କରାଯାଇଥିଲା। ଗାଳି ଦେଉଥିବା ବହୁ ଲୋକଙ୍କୁ ଏହି ସର୍ଭେରେ ସାମିଲ କରାଯାଇଥିଲା। ଗବେଷ:ଣାର କିଛଦିନ ପରେ ଆସିଥିବା ତଥ୍ୟ ଖୁବ୍ ଆଶ୍ଚର୍ଯ୍ୟଜନକ ଥିଲା। ଗବେଷଣାରୁ ଜଣାପଡ଼ିଲା ଯେ ଗାଳି ଦେଉଥିବାଲୋକମାନେ ସାଧାଣର ଲୋକାଙ୍କ ଠାରୁ ଅଧିକ ଖୁସି ରହିଥାନ୍ତି। ଗବେଷରାରେ ସାମିଲ ଥିବା ଛାତ୍ରଙ୍କୁ ବରଫ ପାଣି ରଖାଯାଇଥିବା ପାତ୍ରରେ ହାତ ବୁଡ଼ାଇ ରଖିବାକୁ କୁହାଯାଉଥିଲା। ଆଉ ଏହି ପଶଣିରେ ହାତ ବୁଡ଼ାଇବା ମାତ୍ରେ କିଛି ଛାତ୍ରଙ୍କ ପାଟିର ବାହାରି ଆସିଥିଲା ଗାଳି। ଏହା ସତ୍ତ୍ୱେ ବି ଗାଳି ଦେଉଥିବା ଛାତ୍ରମାନେ ସେହି ଥଣ୍ଡା ପାଣିରେ ହାତ ବୁଡ଼ାଇ ରଖିବାରେ ସଫଳ ହୋଇଥିଲେ।

ଅନ୍ୟପକ୍ଷରେ ଯେଉଁମାନେ ଗାଳି ନଦେଇ ଶାନ୍ତିରେ ଠିଆ ହୋଇ ପାଣି ଭିତରେ ହାତ ବୁଡ଼ାଇଥିଲେ। ସେମାନେ ଖୁବ୍ ସମୟରେ ପାଣିରୁ ହାତ ବାହାର କରି ନେଇଥିଲେ। ଏହି ଗବେଷଣାରୁ ଆଉ ଏକ ତଥ୍ୟ ଜଣାପଡ଼ିଥିଲା ଯେ ଆମେ ହଠାତ୍ ଚିତ୍କାର କରିବା ଅଥବା ଗାଳିଦେବା ଦ୍ୱାରା ଆମ ଶରୀରରେ ଥିବା ଆଡ୍ରିନାଲିକ ନାମକ ଏକ ହରମୋନ୍ କ୍ଷରଣ ହୋଇଥାଏ, ଯାହା ମଣିଷର କଷ୍ଟ ସହିବା କ୍ଷମତାକୁ ବଢ଼ାଇଥାଏ। ଏହି କ୍ଷମତା ପୁରୁଷଙ୍କ ଅପେକ୍ଷା ମହିଳାଙ୍କ କ୍ଷେତ୍ରରେ ଅଧିକ ବଢ଼ିଥାଏ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ମଇ ୨୦୨୪, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ନିର୍ବାଚନ କମିଶନଙ୍କ ସମାଧାନ ସୂତ୍ର...

ବର୍ତ୍ତମାନ ପର୍ଯ୍ୟନ୍ତ ଅଷ୍ଟାଦଶ ଲୋକସଭା ପାଇଁ ହେଉଥିବା ନିର୍ବାଚନ ଅଫିସ, ଆପାତତଃ କୋଳାହଳ- ମୁକ୍ତ, ସ୍ୱଳ୍ପ-ଅବ୍ୟବସ୍ଥାସମ୍ପନ୍ନ ଏବଂ ବୁଥ୍ ଦଖଲ ଇତ୍ୟାଦି ବିହୀନ ହେବା ସହିତ ପ୍ରଲୋଭନମୁକ୍ତ ଏବଂ ବାହାଦୁରୀ ବଖାଣ ରହିତ ଇତ୍ୟାଦି ହୋଇଥିବାର ଆକଳନ କରିଛନ୍ତି ଭାରତୀୟ ନିର୍ବାଚନ କମିଶନ୍ (ଇସିଆଇ), ଯାହା ଏକ ଆଶ୍ୱାସନା ଓ ସନ୍ତୁଷ୍ଟିର ବିଷୟ– କେବଳ ନିର୍ବାଚନ ଅନୁଷ୍ଠିତ କରାଉ ଥିବା ସଂସ୍ଥା ପାଇଁ ନୁହେଁ, ବରଂ ସେଇ ସମସ୍ତଙ୍କ ପାଇଁ, ଯେଉଁମାନେ ଏକ ଶାନ୍ତି ଶୃଙ୍ଖଳାପୂର୍ଣ୍ଣ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି, ଯଦିଓ ଏହି ନିର୍ବାଚନ ଏବେ ଅଧା ରାସ୍ତାରୁ ସାମାନ୍ୟ ଅଧିକ ଅତିକ୍ରମ କରିଛି ଏବଂ ଆହୁରି କିଛି ପଥ ରହିଛି ଅତିକ୍ରମ କରିବାକୁ । ତେବେ ଯାହା ତାର୍କିକତାକୁ ନିରର୍ଥକ ଦର୍ଶାଇ ଥାଏ, ତାହା ହେଉଛି ନିର୍ବାଚନ କମିଶନ୍ଙ୍କ ଛାତିରେ ହାତ ପିଟି କହିବା ଯେ ମାର୍ଚ୍ଚ ୧୬ ତାରିଖରୁ ସାରା ଦେଶରେ ଆଦର୍ଶ ଆଚରଣ ବିଧି(ଏମ୍‌ସିସି) ଲାଗୁ ହେବା ପରଠାରୁ ଏହାଙ୍କ ନିକଟକୁ ଯେତେଗୁଡ଼ିଏ ଅଭିଯୋଗ ଆସିଛି, ସେଥିରୁ ୯୦ ପ୍ରତିଶତ ଅଭିଯୋଗକୁ ଏହା ସମାଧାନ କରିବାରେ ସକ୍ଷମ ହୋଇଛନ୍ତି । ଇସି ନିଜେ କହିଛନ୍ତି ଯେ କଂଗ୍ରେସ ଏବଂ ବିଜେପି ପକ୍ଷରୁ ଦାଖଲ କରାଯାଇଥିବା ଅଭିଯୋଗଗୁଡ଼ିକ ଏବେ ମଧ୍ୟ ଏହାଙ୍କ ନିକଟରେ ଫଇସଲା ହେବାକୁ ବକେୟା ଭାବରେ ପଡ଼ି ରହିଛି। ନିର୍ବାଚନକୁ ମୁକ୍ତ ଏବଂ ଅବାଧ ଢଙ୍ଗରେ ସମ୍ପନ୍ନ କରିବା ନିମନ୍ତେ ନିର୍ବାଚନ କମିଶନ ହେଉଛନ୍ତି ପ୍ରାଧିକୃତ ସାମ୍ବିଧାନିକ ସଂସ୍ଥା। ଏହାଙ୍କର କାମ ହେଉଛି ଏକଥା ସୁନିଶ୍ଚିତ କରାଇବା ଯେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ସମସ୍ତ ଅଂଶଗ୍ରହଣକାରୀ ଏକ ସମାନ ସ୍ତରର ଖେଳପଡ଼ିଆ ପାଇବେ ଏବଂ ସମସ୍ତେ ଖେଳର ନିୟମ କାନୁନ୍ ମାନି ଖେଳିବେ। ଇସିଙ୍କର ନିଜର ସ୍ୱୀକାରୋକ୍ତି ଅନୁସାରେ, ଏମ୍‌ସିସି ଉଲ୍ଲଙ୍ଘନର ଯେଉଁ ଅଭିଯୋଗଗୁଡ଼ିକ ଏହାଙ୍କ ନିକଟରେ ଫଇସଲା ଅପେକ୍ଷାରେ ବକେୟା ପଡ଼ି ରହିଛି, ସେଗୁଡ଼ିକ ନିର୍ବାଚନରେ ଷ୍ଟାର୍ ପ୍ରଚାରକ ଭାବରେ କାମ କରୁଥିବା ବ୍ୟକ୍ତିବିଶେଷମାନଙ୍କ ଦ୍ୱାରା ଧାର୍ମିକ ବିଶ୍ୱାସ, ଜାତି, ଭାଷା ଏବଂ ଅଞ୍ଚଳ ଉପରେ ପ୍ରଦତ୍ତ ଭାଷଣ ସମୂହ, ଯେଉଁଗୁଡ଼ିକ ଘୃଣା ସୃଷ୍ଟିକାରୀ ଭାଷଣ ବର୍ଗରେ ଅନ୍ତର୍ଭୁକ୍ତ ଏବଂ ସେଗୁଡ଼ିକ ମଧ୍ୟ ସମ୍ବିଧାନର ବିସ୍ ବ୍ୟବସ୍ଥାର ବିରୋଧୀ । ଏକଥା ସ୍ମରଣ କରାଯାଇପାରେ ଯେ ନିର୍ବାଚନୀ ପ୍ରଚାର ଭାଷଣର ବିଷୟବସ୍ତୁ ନିମ୍ନଗାମୀ ହେଲା ଦ୍ୱିତୀୟ ପର୍ଯ୍ୟାୟର ପରିସମାପ୍ତି ପରେ, ଯେତେବେଳେ ସ୍ୱୟଂ ପ୍ରଧାନମନ୍ତ୍ରୀ ଏଭଳି ଧରଣର ଭାଷଣବାଜିର ନେତୃତ୍ୱ ନେବାକୁ ଯାଇ ଏମିତି ଭାଷଣଟିଏ ପ୍ରଦାନ କଲେ ଯାହା ଭାରତୀୟମାନଙ୍କର ଗୋଟିଏ ବର୍ଗର ଲୋକଙ୍କୁ ଅନ୍ୟ ବର୍ଗର ଲୋକଙ୍କ ବିରୋଧରେ ମତାଇବା ଭଳି ହେଲା। ତାହା ଏତେ ଗଭୀର ସ୍ତରକୁ ପ୍ରବେଶ କରିବା ଭଳି ଥିଲା ଯେ ଅନ୍ୟ କୌଣସି ଅବସରରେ, ଏପରିକି ନିର୍ବାଚନ ଅବସରରେ ମଧ୍ୟ ଅନ୍ୟ କୌଣସି ନେତା କ୍ୱଚିତ୍ ଏପରି କହିଥିଲେ। ଆଉ ତାଙ୍କର ଏହି ଭାଷଣକୁ ନେଇ ଦେଶର ସର୍ବପୁରାତନ ଦଳ ତଥା ମୁଖ୍ୟ ବିରୋଧୀ ଦଳ ଇସିଙ୍କ ନିକଟରେ ଅଭିଯୋଗ ଦାଏର କଲା, କିନ୍ତୁ ଇସି ଏ ପ୍ରକାରର ଭାଷଣବାଜି ଉପରେ ପ୍ରତିବନ୍ଧକ ଲଗାଇବା ନିମନ୍ତେ କୌଣସି ପଦକ୍ଷେପ ନେଲେ ନାହିଁ । ବରଂ ଇସିଙ୍କ ନିରବତା ତାଙ୍କୁ ଅଧିକ ସାହସ ଯୋଗାଇବା ଭଳି ମନେହୁଏ, ଯେହେତୁ ଏହାର ପରବର୍ତ୍ତୀ ଅବସ୍ଥାରେ ତାଙ୍କର ଭାଷଣଗୁଡ଼ିକରେ ଏହାର ଅଧିକ ଶାଣିତ ପ୍ରୟୋଗ ଦେଖିବାକୁ ମିଳେ। ପୁନଶ୍ଚ, ରାଜନେତା ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମେତ ଅଧିକାଂଶ ଲୋକ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନର ହାର ପ୍ରକାଶ କରିବାରେ ବିଳମ୍ବକୁ ନେଇ ଉଠାଇ ଥିବା ପ୍ରଶ୍ନ ବା ମତଦାନ କ୍ଷେତ୍ରରେ ଆପେକ୍ଷିକ ଭାବରେ ତଥା ସିଦ୍ଧାନ୍ତମୂଳକ ପ୍ରତିଶତରେ ହଠାତ୍ ଦ୍ରୁତ ବୃଦ୍ଧି ସମ୍ପର୍କରେ ବା ପ୍ରତି ନିର୍ବାଚନ ମଣ୍ଡଳୀରେ ଦିଆଯାଇଥିବା ମତକୁ ସର୍ବସାଧାରଣରେ ପ୍ରକାଶ କରିବାରେ ଏହାଙ୍କର ମନ୍ଥରତା ବା ଅନିଚ୍ଛାର କାରଣ ଇତ୍ୟାଦି ସମ୍ପର୍କିତ ପ୍ରଶ୍ନଗୁଡ଼ିକର ଉପଯୁକ୍ତ ଭାବରେ ବୋଧଗମ୍ୟ ହେବା ଭଳି ପ୍ରତିକ୍ରିୟା ଏ ପର୍ଯ୍ୟନ୍ତ ପ୍ରକାଶ କରି ନାହାନ୍ତି। ପରନ୍ତୁ, ଅତି ଆଶ୍ଚର୍ଯ୍ୟଜନକ ଭାବରେ ଏହା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼୍‌ଗେଙ୍କୁ କଠୋର ଭାଷାରେ ତାଗିଦ୍ କରିବା ଭଳି ଏକ ଆଦେଶନାମା ଜାରି କରିବା ଆବଶ୍ୟକ ମନେ କଲେ, ଯାହା ସମାନ ପ୍ରଶ୍ନଗୁଡ଼ିକ ଉଠାଇ କଂଗ୍ରେସ ସଭାପତି ତାଙ୍କର ମେଣ୍ଟ ସହଯୋଗୀମାନଙ୍କୁ ଲେଖିଥିବା ପତ୍ର ଯୋଗୁଁ କରିଛନ୍ତି। ଶ୍ରୀଯୁକ୍ତ ଖାଙ୍କ ସନ୍ଦେହଗୁଡ଼ିକୁ ମୋଚନ କରିବା ପରିବର୍ତ୍ତେ ସେ 'ମୁକ୍ତ ଓ ଅବାଧ ନିର୍ବାଚନ ଅନୁଷ୍ଠିତ କରାଇବା କ୍ଷେତ୍ରରେ ପ୍ରତିବନ୍ଧକମାନ ସୃଷ୍ଟି କରୁଛନ୍ତି' କହି ଇସି ତାଙ୍କୁ ତିରସ୍କାର କରିବା ସଙ୍ଗେ ସଙ୍ଗେ କହିଛନ୍ତି ଯେ ତାଙ୍କର ଆଶଙ୍କାଗୁଡ଼ିକ 'ଲୋକମାନଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ପ୍ରସାର କରିବା ଉଦ୍ଦେଶ୍ୟରେ କରାଯାଉଥିବା ଏକ ଭେଦଭାବପୂର୍ଣ୍ଣ ତଥା ଇଚ୍ଛାକୃତ କାର୍ଯ୍ୟର ଏକ ପ୍ରତିଫଳନ' ଥିଲା । ଇସିଙ୍କ ନିକଟରେ ଏବେ ମଧ ଫଇସଲା ଅପେକ୍ଷାରେ ପଡ଼ି ରହିଥିବା ଅଭିଯୋଗଗୁଡ଼ିକ ନିର୍ବାଚନରେ ସବୁକିଛି ଠିକ୍‌ଠାକ୍ ଚାଲି ନଥିବାର ପ୍ରତିଫଳନ ଘଟାଉଛି ଏବଂ ଇସି ଦେଶବାସୀଙ୍କୁ ଯେତେ ଗୋଲାପି ଚିତ୍ର ଦେଖାଇବାକୁ ଉଦ୍ୟମ କଲେ ସୁଦ୍ଧା ସେହିସବୁ ଅଭିଯୋଗର ଏହାଙ୍କର ସମାଧାନ କରିବାରେ ବିଫଳତା ଅବଶ୍ୟ ଇତିହାସରେ ଲିପିବଦ୍ଧ ହୋଇ ରହିବ।

# ପ୍ରଥିତଯଶା ପ୍ରଣମ୍ୟ ପୁରୁଷ 'ପଣ୍ଡିତ ରଘୁନାଥ ମୁର୍ମୁ



ଡକ୍ଟର ଶରତ ଚନ୍ଦ୍ର ମିଶ୍ର

ଭାଷା ଗୋଟିଏ ଜାତିର ଅମୂଲ୍ୟ ସମ୍ପଦ । ଭାଷା ହେଉଛି ବ୍ୟକ୍ତିର ମନର ଭାବକୁ ପ୍ରକାଶ କରିବାର ସହଜ ତଥା ସରଳ ମାଧମଟିଏ । ଆଦିବାସୀ ବା ସାନ୍ତାଳୀ ଏକ ଦଳିତ, ଦରିଦ୍ର ବୁଭୁକ୍ଷୁ ତଥା ସଭ୍ୟତା ଠାରୁ ଦୂରରେ ଥିବା ଏକ ନିଷ୍ପେସିତ ଗୋଷ୍ଠୀ । ସେମାନେ ଆଦିମ ଅଧିବାସୀଙ୍କର ବଂଶଧର । ସେମାନଙ୍କ ଭାଷା ଥିଲା ତାହାର କୌଣସି ଲିପି ନଥିଲା, ପୁସ୍ତକ ନଥିଲା, ପାଠ୍ୟ ନଥିଲା- ଆଉ ପାଠକ ବା ଆସିବେ କୁଆଡ଼ୁ ? ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ତଥା ସାନ୍ତାଳୀ ଭାଷାର ସ୍ରଷ୍ଟା ହେଉଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ ।

ବଣ ପାହାଡ଼ ଘେରା ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର, ରାଇରଙ୍ଗପୁର ଅଞ୍ଚଳରେ ଦାଣ୍ଡବୋଷ ଗ୍ରାମରେ ଡଲହଡିହା ଠାରେ ୧୯୦୫ ମସିହା ମଇମାସର ଅଠର ତାରିଖ ବୈଶାଖ ପୂର୍ଣ୍ଣିମା ଦିନ ପିତା ନବଲାଲ ମୁର୍ମୁ (ସିଦ) ଔରସରୁ ଓ ମାତା ସଲମା ଦେବୀ (ସୁମୀ) ଗର୍ଭରୁ ଜନ୍ମ ନେଇଥିଲା ପୁଅଟିଏ । ସମସ୍ତେ ନାମ ରଖିଥିଲେ ରଘୁନାଥ । ପିତା, ମାତା, ପରିବାର ଓ ସାଇ ପଡ଼ିଶା ପୁତ୍ର ଜନ୍ମରେ ସମସ୍ତେ ଖୁସି। ଆନନ୍ଦରେ ପରିବାର ସହ ଅନ୍ୟମାନେ ବି ନାଚିଥିଲେ। ପିଲାଟି କ୍ରମଶଃ ବଡ଼ ହେଲା। ପାଠ ପଢ଼ି ବଡ଼ ମଣିଷ ହେବାର ଆଶଶ ନେଇ ବାପା 'ସିଦ' ତାକୁ ନିକଟ 'ଗମ୍ଭାରୀଆ ପ୍ରାଥମିକ ବିଦ୍ୟାଳୟ'ରେ ନାମ ଲେଖାଇଲେ । ରଘୁନାଥ ଘରଠାରୁ ଚାଲି ଚାଲି ପ୍ରତିଦିନ ସ୍କୁଲକୁ ଯାଆନ୍ତି । ମାତ୍ର ସ୍କୁଲରେ ପଢ଼ା ଯାଉଥିବା ଓଡ଼ିଆ ଭାଷା ବୁଝି ନପାରି ହତୋତ୍ସାହତ ହୋଇ ଉଠିଲେ କାରଣ ଘରେ କେବଳ ସେ ନିଜର ମାତୃଭାଷା 'ସାନ୍ତାଳୀ' ହିଁ ଜଣାଥିଲା । ତାଙ୍କ ଭଳି ଅନ୍ୟ ସାନ୍ତାଳୀ ପିଲା କେହି ବି ସ୍କୁଲରେ ନଥିଲେ । ସେ କହିପାରୁ ନଥିବା ବା ବୁଝି ପାରୁ ନଥିବା ଏକ ଭାଷାରେ ପାଠ ପଢ଼ିବା ତାଙ୍କ ପାଇଁ ଏକ ସମସ୍ୟା ହେଲା । ନିଜ ମନର ପ୍ରତିକ୍ରିୟାକୁ ସେ ନିଜର ବାପାଙ୍କୁ କହିଲେ । ହେଲେ ବାପା ବା କଣ କରିପାରିବେ ବା କଣ କହି ପୁଅକୁ ସାନ୍ତ୍ୱନା ଦେବେ । 'ଓଡ଼ିଆ' ଛୋଟ ସାନ୍ତାଳୀ ପିଲାଙ୍କ ପାଇଁ ସତରେ ଏହା ଏକ ସମସ୍ୟା ।

ସେ ସାଙ୍ଗସାଥି ମାନଙ୍କୁ ଏ ବିଷୟରେ କହିଲେ ଓ ପ୍ରତିବାଦ କରି ଶିକ୍ଷକମାନଙ୍କୁ କହିଲେ- ମୁଁ କହୁଥିବା ଭାଷାରେ କାହିଁକି ପାଠ ପଢ଼ାଯାଉ ନାହିଁ ?' ଉତ୍ତର ପାଇଲେ- 'ସାନ୍ତାଳୀ ଭାଷାରେ ଅକ୍ଷର ନାହିଁ ଓ ପଢ଼ିବା ପାଇଁ ପାଠ୍ୟ ପୁସ୍ତକ ବି ନାହିଁ! ଏହି କେଉ ପଦ କଥା ତାଙ୍କର ମନକୁ ସେଦିନ ଆନ୍ଦୋଳିତ କରିଥିଲା । ଏହି କଥା କେଇପଦ ତାଙ୍କ ମନରେ ଗଭୀର ରେଖାପାତ ବି କରାଇଥିଲା। ତେଣୁ ଅଧିକ ପଢ଼ିବା, ଅଧିକ ଜାଣିବାର ଜିଜ୍ଞାସା ତାଙ୍କୁ ଜିଦ୍‌ଖୋର କରିଦେଲା । ସେ ସମସ୍ତ କଷ୍ଟ ସ୍ୱୀକାର କରି ପାଠ ପଢ଼ାରେ ମନ ଦେଲେ । ସେ ବାରିପଦାର ଏମ୍.କେ.ସି. ସରକାରୀ ଉଚ୍ଚ ବିଦ୍ୟାଳୟରେ ମେଟ୍ରିକ୍ ପଢ଼ିଲେ ଓ ୧୯୨୮ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ମେଟ୍ରିକ୍ ପାସ୍ କଲେ । ଅଧିକ ପଢ଼ିବା ସମ୍ଭବ ନ ହେବାରୁ ରାଇରଙ୍ଗପୁରର 'ବଡ଼ାମତାଳି' ଠାରେ ଶିକ୍ଷକତା କଲେ । ଶିକ୍ଷକ ହେବା ପରେ ତାଙ୍କ ମନରେର ସୁପ୍ତାବସ୍ଥାରେ ଥିବା ଅତୀତର ସେହି ସାନ୍ତାଳୀ ଭାଷା ଓ ଲିପି ସମ୍ବନ୍ଧରେ ସେ ଅଧିକ ଚିନ୍ତିତ ହେଲେ । କ୍ରମେ ସେ ସାନ୍ତାଳୀ ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ । ବାରିପଦା ହାଇସ୍କୁଲ ଅଧ୍ୟୟନ କରୁଥିବା ସମୟରେ ଅର୍ଥାତ୍ ୧୯୨୫ ମସିହାରେ ତାଙ୍କ ମନକୁ ସାନ୍ତାଳୀ ଲିପିର ପରିକଳ୍ପନା ଆସିଥିଲା । ଅବଶ୍ୟ ପୂର୍ବରୁ ସାନ୍ତାଳୀ ଭାଷାକୁ ଓଡ଼ିଆ, ବଙ୍ଗଳା ଓ ରୋମାନ୍ ଲିପିରେ ରଚନା କରିବାକୁ ପ୍ରୟାସ କରାଯାଇଥିଲା । ମାତ୍ର ସାନ୍ତାଳୀ ଭାଷାରେ କେତେକ ବିଶେଷ ଉଦାହରଣ ନେଇ ସମ୍ପୃକ୍ତ ଲିପି ଗୁଡ଼ିଏ ଉପଯୋଗୀ ହୋଇପାରି ନଥିଲା । ରଘୁନାଥ ଭାବିଲେ ଓ ବୁଝିଲେ ଭାଷା ଅଛି ତ ତାହାର ଏକ ସ୍ୱତନ୍ତ୍ର ଲିପି ରହିବା ଜରୁରୀ, ଯାହାକି ଭାଷା ଓ ଧ୍ୱନୀକୁ ସଠିକ୍ ରୂପ ଦେଇ ପାରିବ। ଏଣୁ ଲୋକମାନଙ୍କର ଚାଲି-ଚଳନ, ରିତି-ନିତି, ବ୍ୟବହାର୍ଯ୍ୟ ବସ୍ତୁ-ପଦାର୍ଥ ଓ ଜୀବନ ଶୈଳୀକୁ ଆଧାର କରି 'ଲିପିର ସୃଷ୍ଟି କଲେ ବା ଅକ୍ଷରମାନଙ୍କର ଆକୃତି ନିର୍ଦ୍ଧାରଣ କଲେ। ଏହି ସାନ୍ତାଳୀ ଭାଷାର ଲିପିକୁ 'ଅଲଚିକି କୁହାଯାଏ । ଅଲଚିକ୍' ବର୍ଣ୍ଣମାଳାରେ 'ଛଅ'ଟିକୁ ସ୍ୱରବର୍ଣ୍ଣ ଓ 'ଚବିଶ'ଟି ବ୍ୟଞ୍ଜନ ବର୍ଣ୍ଣ ମୋଟ ତିରିଶଟି ଅକ୍ଷର ରହିଛି । ଉକ୍ତ ଲିପିକୁ ସାନ୍ତାଳୀ ଭାଷା ଗୋଷଠୀ ମଧ୍ୟରେ ପ୍ରଚାର, ପ୍ରସାର ସହ ଗ୍ରହଣୀୟ କରିବାକୁ ତାଙ୍କୁ ଅନେକ ଶ୍ରମ ଓ କଷ୍ଟ ସ୍ୱୀକାର ସହ ଆନ୍ତରିକ ପ୍ରଚେଷ୍ଟା ବି କରିବାକୁ ପଡ଼ିଥିଲା।

ତାଙ୍କର ସ୍ତ୍ରୀ 'ନୋଭା ବାସକୀ' ତାଙ୍କୁ ତାଙ୍କର କାର୍ଯ୍ୟରେ ସହଯୋଗ ବି କରୁଥିଲେ । ସାନ୍ତାଳୀ ଭାଷୀଙ୍କ ପାଇଁ ତାଙ୍କର ସନ୍ଦେଶ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଓଡ଼ିଶା ବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆସାମ ପରିଭ୍ରମଣ କରି ସାନ୍ତାଳୀ ଭାଷାକୁ କହୁଥିଲେ- ଲିପି ଥିବାରୁ ତୁମର ଭାଷା ରହିଛି । ଧର୍ମ ଥିବା ହେତୁ ତୁମେ ରହିଛ। ଲିପି ହଜିଗଲେ ଭାଷା ହଜିଯିବ । ଧର୍ମର ବିଲୋପରେ ତୁମ୍ଭମାନଙ୍କର ମଧ ବିଲୟ ହୋଇଯିବ । ତାଙ୍କର ଏହି କଥା ସମସ୍ତଙ୍କର ମନକୁ କେବଳ ଛୁଇଁ ନଥିଲା ବରଂ ସେମାନଙ୍କୁ ଜାଗ୍ରତ କରିଥିଲା । ସମୟ କ୍ରମେ ସେ ଅନୁଭବ କଲେ କେବଳ ଲିପି ଜାଣିଲେ ହେବ ନାହିଁ ବରଂ ଏଥି ନିମନ୍ତେ କିଛି ପୁସ୍ତକ ରଚନାର ଆବଶ୍ୟକତା ବି ଜରୁରୀ । ସେ ପ୍ରଥମେ ଅଲଚେମେଦ୍ (ଅକ୍ଷର ଶିକ୍ଷା), ପାର୍ସି ପୋହା (ଶିଶୁପାଠ), ପାର୍ସି ଆପଦ (କୈଶର ପାଠ), ରନକ୍ (ବ୍ୟାକରଣ) ଓ ଏଲ୍‌ଖାପତନ୍ (ଗଣିତ-ପୁସ୍ତକ) ଆଦି ରଚନା କଲେ । ଏହା ପରେ ସେ ଦାନେଜଗଧନ (ସ୍ୱାସ୍ଥ୍ୟ ହିଁ ସମ୍ପଦ), ସିଧୁ କାହ୍ନୁ, ବିଦୁ ଚାନ୍ଦନ, ଖେରବାଦ ବୀର, ହିପଲ (କବିତା) ବାଖେତା ଓ ଲାକ୍‌ଚାର ଆଦି ଅନେକ ସାହିତ୍ୟ ଓ ନାଟକ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠା ହେବା ସହ ସେମାନଙ୍କର ଗୌରବ ବି ବୃଦ୍ଧି ପାଇଲା। ସାନ୍ତାଳୀ ଭାଷା ପାଇଁ ସେ ଲିପିର ସ୍ରଷ୍ଟା ହୋଇଥିବାରୁ ସାନ୍ତାଳୀ ସମାଜ ତାଙ୍କ 'ଗୁରୁ ଗୋମେକ୍' (ମହାନ୍ ଶିକ୍ଷକ) ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ସାନ୍ତାଳୀ ଭାଷାକୁ ଭାରତ ସରକାର ୨୦୦୩ ମସିହା ଡିସେମ୍ବର ୨୨ ତାରିଖରେ ସମ୍ବିଧାନରେ ୯୨ତମ ସଂଶୋଧନ କରିଥିଲେ ଓ ଜାନୁଆରୀ ୨୦୦୪ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଅନ୍ୟତମ ସରକାରୀ ଭାଷାର ମାନ୍ୟତା ପାଇଲା । ଅତଏବ ଭାରତ ସରକାର ସାନ୍ତାଳୀ ଭାଷାକୁ ସଂବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କଲେ । ଏବେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମ-ବଙ୍ଗ ଓ ବିହାରରେ ସାନ୍ତାଳୀ ଭାଷାକୁ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ସାମିଲ କରାଯାଇଛି । ତାଙ୍କୁ ସମ୍ମାନ ଜଣାଇ ଓଡ଼ିଶା ସରକାର ରାଜ୍ୟର ପଞ୍ଚମ ଚିକିତ୍ସା ବିଦ୍ୟାଳୟ ଯାହାକି ବାରିପଦାଠାରେ ସ୍ଥାପିତ ହୋଇ ୨୦୧୭-୧୮ରୁ କାର୍ଯ୍ୟକ୍ଷମ ହୋଇଛି ତାଙ୍କ ନାମରେ ନାମିତ କରିଛନ୍ତି। ପଶ୍ଚିମ ବଙ୍ଗର ସରକାର ବି ତାଙ୍କ ସ୍ମୃତିର ସୁରକ୍ଷା ପାଇଁ ୧୯୮୬ ମସିହାରେ ବାଙ୍କୁରା ଜିଲାରେ 'ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ' ୨୦୦୭ରେ ମୁର୍ସିଦାବାଦରେ ଏକ 'ଶିକ୍ଷକ-ପ୍ରଶିକ୍ଷଣ' ମହାବିଦାଳୟକୁ ବି ତାଙ୍କ ନାମରେ ନାମିତ କରିଛନ୍ତି । ୧୯୫୧ ମସିହାରେ ରାଞ୍ଚିର ଧୂମ୍‌କୁଡ଼ିଆ ଅନୁଷ୍ଠାନ ତାଙ୍କର ସାମଗ୍ରୀକ କାର୍ଯ୍ୟାବଳୀକୁ ସମ୍ମାନ ଜଣାଇ ତାଙ୍କୁ ଡି.ଲିଟ୍ ଉପାଧିରେ ସମ୍ମାନିତ କରିଥିଲେ। ଓଡ଼ିଶା ସରକାର ୧୯୭୮ରେ 'ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୯ରେ ପଶ୍ଚିମବଙ୍ଗ ସରକାର ଓ ୧୯୮୦ରେ ଉତ୍ତର ଓଡ଼ିଶା ସମ୍ମେଳନ ତାଙ୍କୁ ତାଙ୍କର କୃତି ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ । ସେ



୧୯୮୨ ମସିହା ଫେବୃଆରୀ ପହିଲାରେ ଦେହତ୍ୟାଗ କରିଥିଲେ ।

ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଆନ୍ତରିକ ସଦିଚ୍ଛା, କଠୋର ପରିଶ୍ରମ ଓ ଆପ୍ରାଣ ଉଦ୍ୟମ ଯୋଗୁଁ 'ସାନ୍ତାଳୀ ଭାଷା' ସଫଳତାର ପାହାଚ ଚଢ଼ି ଆଗକୁ ବଢ଼ି ଚାଲିଛି । ଆମେ ତାଙ୍କୁ ଜଣେ 'ଭାଷାବିତ୍' ବା 'ଭାଷାଙ୍କ ସ୍ରଷ୍ଟାକ' ଭାବରେ ଜାଣୁ । କିନ୍ତୁ ପ୍ରକୃତରେ ସେ ସାନ୍ତାଳୀ ଭାଷାର 'ତ୍ରାଣକର୍ତ୍ତା' । ସେ କେବଳ ସାନ୍ତାଳୀ ଭାଷାର ଲିପିକୁ ସୃଷ୍ଟି କରି ନାହାନ୍ତି ବରଂ ତା'ର ପ୍ରଚାର ଓ ପ୍ରସାର ପାଇଁ ଆଜୀବନ ବ୍ରତୀ ହୋଇଛନ୍ତି । ଫଳରେ ଏହି ଭାଷାର କଳ୍ପବୃକ୍ଷ ଆଜି ଶାଖା ପ୍ରଶାଖା ମେଲାଇ ପଶ୍ଚିମ, ବାଲାଂଦେଶ ନେପାଳ ଓ ଆସାମ ପର୍ଯ୍ୟନ୍ତ ଏହାର କାୟା ବିସ୍ତାର କରି ଚାଲିଛି । ସେ ଆଦିବାସୀ ସମାଜର ସାଂସ୍କୃତିକ, ସାମାଜିକ ଓ ଏକତାର ଜଣେ ଅମର ପ୍ରତୀକ । ସାନ୍ତାଳ ସମାଜ ପାଇଁ ସେ ଥିଲେ ଜଣେ ଚଳନ୍ତି ଅନୁଷ୍ଠାନ । ଈଶ୍ୱରଙ୍କର ଏକ ଭିନ୍ନ ଅବତାର । ଭାଷାର ମାର୍ଗଦର୍ଶକ, ସାନ୍ତାଳୀ ଲିପିର ଜନକ। ସାନ୍ତାଳୀ ସାହିତ୍ୟର ସ୍ରଷ୍ଟା ଓ ପ୍ରତିଷ୍ଠାତା । ସାନ୍ତାଳୀ ଭାଷାର ସର୍ବକାଳୀନ ସୁରକ୍ଷା ପାଇଁ ସେ ପ୍ରେରଣାର ସ୍ଫୁଲିଙ୍ଗ ଓ ଲିଖିତ ଭାଷାର ବାର୍ତ୍ତାବହ ।

ପ୍ରଜ୍ଞାନୀଡ଼
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪

# ସବୁ ଦଳଙ୍କ ରାଜନୀତି ଏକ୍



ଗୋପାଳ ମହାପାତ୍ର

ଦେଶରେ ଏବେ ଲୋକସଭା ନିର୍ବାଚନ ଚାଲିଛି । ଦେଶର ଜନସାଧାରଣ ସେମାନଙ୍କର ବହୁମୂଲ୍ୟ ଭୋଟ ଦେଇ ଆସନ୍ତା ୫ବର୍ଷ ପାଇଁ ଦେଶକୁ କିଏ ଶାସନ କରିବ ସେକଥା ସ୍ଥିର କରିବେ । ଶାସକ ହେବା ପାଇଁ ମଧ ନେତାଙ୍କ ଧାଁ ଦଉଡ ଚାଲିଛି । କିଏ ହେଲିକେପ୍ଟରରେ ନିର୍ବାଚନ ପ୍ରଚାର ପାଇଁ ଯାଉଛି ତ କିଏ ଗାଡିରେ, ଏମିତି ନେତାମାନେ ପ୍ରଚାର କରିବାକୁ ଯାଉଛନ୍ତି। ସହର, ଗାଁ ଏପରିକି ଘରଘର ବୁଲି ନେତାମାନେ ପ୍ରଚାର କରୁଛନ୍ତି । ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ଆଶ୍ୱାସନା ମଧ ଦେଉଛନ୍ତି । ଜଣେ କହୁଛି "ଚିନ୍ତା କରନି- ଆଗକୁ ଭଲ ସମୟ ଆସୁଛି । ଆମକୁ ଭୋଟ ଦିଅ" । ଅନ୍ୟ ଜଣେ କହୁଛି ତାଙ୍କ କଥା ସୁଣନି, ଆମକୁ ଭୋଟ ଦିଅ । ଆମେ ତୁମର ସବୁ ଦୁଃଖ ଦୂର କରିବୁ । ଏହିଭଳି କଥା ବିଗତ ୭୭ ବର୍ଷ ହେଲା ଏ ଦେଶର ଭୋଟରମାନେ ଶୁଣି ଆସୁଛନ୍ତି । ଏଇ ୭୭ ବର୍ଷ ମଧ୍ୟରେ ଦେଶରେ ଅନେକ ସରକାର ଗଠନ ହୋଇଛି ଓ କେତେକ ସରକାର ମଧ ଭାଙ୍ଗିଛି । ସବୁ ଦଳର ସରକାର ଗଠିତ ହୋଇଛି, କେବେ ମେଣ୍ଟ କରି ତ ପୁଣି କେବେ ଏକାକୀ । ଲୋକେ କିନ୍ତୁ ସବୁଥର ଭୋଟ ଦେଇଛନ୍ତି । କେବେ ଏଇ ଦଳକୁ ତ କେବେ ସେଇ ଦଳକୁ । କିନ୍ତୁ ହେଇଛି କ'ଣ ? କ'ଣ ଲୋକଙ୍କର/ଆମର ଆଶା ପୂରଣ ହୋଇଛି ? କ'ଣ କୌଣସି ସମସ୍ୟାର ସମାଧାନ ହୋଇଛି ? କ'ଣ ସମସ୍ତଙ୍କୁ ରୋଜଗାର ମିଳିଛି ? ଆମ ପିଲାଙ୍କ ଭବିଷ୍ୟତ କ'ଣ ? ଦେଶର ଚିତ୍ର ବଦଳିଛି ? କିନ୍ତୁ ଯାହା କିଛି ହୋଇଛି ତାହା କେତେ ଲୋକଙ୍କର ହୋଇଛି ?

କୁହାଯାଏ ଯେ ଗଣତନ୍ତ୍ର ଏମିତି । ଗଣତନ୍ତ୍ରରେ ଜନସାଧାରଣ ମାଲିକ ବୋଲି କୁହାଯାଏ କିନ୍ତୁ ଶାସନ ଚାଲେ ଦଳଙ୍କର। ସମାଜବାଦର ସ୍ଲୋଗାନ ଦିଆଯାଏ କିନ୍ତୁ ବଢିଥାଏ ସାମନ୍ତବାଦ ଏବଂ ପୁଞ୍ଜିବାଦ । ବିଗତ ବର୍ଷମାନଙ୍କରେ ସରକାର ସମାଜବାଦ କଥା କହି ସବୁ କିଛି ନିଜ ହାତକୁ ନେଇଯାଇଛନ୍ତି ଆଉ ସାଧାରଣ ଲୋକ ଖାଦ୍ୟ ଓ ବସ୍ତ୍ର ଭଳି ସମସ୍ୟାକୁ ନେଇ ହନ୍ତସନ୍ତ । ବିକାଶ ନାଁରେ କାରିଗରମାନଙ୍କର କାରିଗରୀ ଗଲା । କ୍ଷୁଦ୍ର ଚାଷୀଙ୍କ ଅଣ୍ଟା ଭାଙ୍ଗିଲା, ଯୁବକଙ୍କ ଭବିଷ୍ୟତ ଗଲା, ସବୁ ଗାଁରେ ରାଜନୀତି ଯୋଗୁଁ କଳହ, ଜାତିକୁ ନେଇ ଓ ରାଜନୈତିକ ଦଳକୁ ନେଇ ଲେକେ ବିଭାଜିତ ହେଲେ । ଶୋଷଣ ବଢିଲା । ପଇସା ପରମେଶ୍ୱର ପାଲଟିଗଲା । କିନ୍ତୁ ଲାଭ ସେମାନଙ୍କର ହେଲା ଯିଏ ନେତା ହେଲେ, ଯିଏ ନେତାଙ୍କ ପଛପେଲା ପାଲଟିଲେ ଆଉ ଅଫିସରଙ୍କର ମଧ ଲାଭ ହେଲା ।

ଦେଶର ସବୁ ବିଧାନସଭା, ବିଧାନ-ପରିଷଦ (ଓଡିଶାରେ ବିଧାନ ପରିଷଦ ନଥିଲେ ମଧ ଅନେକ ରାଜ୍ୟରେ ଅଛି) ଏବଂ ସାଂସଦଙ୍କୁ ମିଶାଇ ପାଖାପାଖି ୫ ହଜାର ନେତା ଅଛନ୍ତି । ତାଙ୍କର ଦଳ ଅଛି, ତାଙ୍କର ସରକାର ମଧ ଅଛି । ଜନତାଙ୍କ ଟିକସ ଅର୍ଥରେ ଏମାନେ ମଜା କରୁଛନ୍ତି । ଗାଁ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଏମାନେ ବ୍ୟାପିଛନ୍ତି । ଏମାନଙ୍କ ପାଖରେ ପ୍ରଭୁତ୍ୱ ରହିଛି ଏବଂ ପୁଞ୍ଜି ମଧ ରହିଛି । ପ୍ରଭାବ ବି ରହିଛି । ଯେକୌଣସି ସ୍ତର ପର୍ଯ୍ୟନ୍ତ ଏମାନେ ପହଞ୍ଚି ପାରୁଛନ୍ତି । ପଦ ପଦବୀ ମଧ ଏମାନଙ୍କ ପାଖରେ ରହିଛି। ପ୍ରଶାସନ, ବ୍ୟବସ୍ଥା, ବିକାଶ, ପାଣି, ବିଜୁଳି, ବଜାର-ଦର, ଶିକ୍ଷା ଏବଂ ନ୍ୟାୟ ସବୁ କିଛି ଏମାନଙ୍କ ହାତରେ। ସବୁରି ଉପରେ ଦଳ ରାଜନୀତିର ପ୍ରଭାବ ରହିଛି। ସ୍ୱରାଜ୍ୟର ପ୍ରକୃତ ସୁଖ ଏମାନେ ଓ ଏମାନଙ୍କ ଲୋକମାନେ ହିଁ ଭୋଗ କରୁଛନ୍ତି। ବାକି ଲୋକଙ୍କ ପାଇଁ ଜୀବନ ଏକ ଲାମ୍ବା ଅନ୍ଧାରି ରାତି ଭଳି । କ'ଣ ଏମାନେ ଏମିତି ବୁନିଆଦିର ପରିବର୍ତ୍ତନ ଚାହିଁବେ ଯାହା ସେମାନଙ୍କ ପ୍ରଭୁତ୍ୱକୁ ହ୍ରାସ କରିବ ? ଏମାନେ ଜାଣନ୍ତି ଯେ ସାଧାରଣ ଲୋକଙ୍କୁ ଭୁଡେଇ ଦେଇ ହେବ ଏଣୁ ସେମାନେ ଲୋକଙ୍କୁ ମୋହ କରିବା ପାଇଁ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି । ସାଧାରଣ ଲୋକେ କେତେବେଳେ ଏଇ ଦଳକୁ ମାନିଥାନ୍ତି ତ ଆଉ କେତେବେଳେ ସେଇ ଦଳକୁ । ଏହି ଭ୍ରମରେ ପଡି ଲୋକେ ଭୁଲିଯାଇଥାନ୍ତି ଯେ ଦଳର ନାମ ଯାହା ବି ହେଉନା କାହିଁକି ସମସ୍ତଙ୍କର ରାଜନୀତି ତ ଏକ । ଲାଲାଜୀ ଏକ୍ କିନ୍ତୁ ଦୋକାନ ଅଲଗା ଅଲଗା । ସବୁ ଦଳ ଗାଦି ପାଇଁ ପାଗଳ । ଜନତାଙ୍କ ପାଇଁ କେହି ପାଗଳ ନୁହଁନ୍ତି । ଶାସନ ବଢୁଛି ଏବଂ ଶାସନ ପାଇଁ ସମ୍ପତ୍ତି ମଧ ବଢୁଛି । ଶାସନ ଏବଂ ସମ୍ପତ୍ତିର ମେଣ୍ଟର ନାଁ ହେଉଛି ରାଜନୀତି। ଏହି ଦଳଗତ ରାଜନୀତି ପରିବର୍ତ୍ତନ ବିରୋଧୀ, ରାଷ୍ଟ୍ର ବିରୋଧୀ ଏବଂ ଗଣତନ୍ତ୍ର ବିରୋଧୀ ।

ସତ କଥା ହେଉଛି ଆଜି ପର୍ଯ୍ୟନ୍ତ ଆମେ ଯାହାକୁ ଗଣତନ୍ତ୍ର ବୋଲି ଭାବୁଥିଲେ ତାହା ଗଣତନ୍ତ୍ର ନୁହେଁ ଦଳତନ୍ତ୍ର। ଆଉ ଆମେ ଯାହାକୁ ସମାଜବାଦ ଭାବୁଥିଲେ ତାହା ହେଉଛି ଶୁଦ୍ଧ ସରକାରବାଦ । ଆମର ଏହି ଭୂଲର କାରଣରୁ ଆମ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ଗଣତନ୍ତ୍ର ନାମରେ ଆମେ ଅନେକ ଦଳରେ ବାଣ୍ଟି ହୋଇଯାଇଛେ । ସଂଗଠିତ ହୋଇ ଆମେ ଆମର ବୁନିଆଦି ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିନାହେଁ । ଗାଁ ର ଲୋକ, ସହରର ଲୋକ, ବିଦ୍ୟାର୍ଥୀ, ଶିକ୍ଷକ, ଶ୍ରମିକ,ସବୁ ଜଣେ ଅନ୍ୟ ଜଣକ ସାମନାରେ ଦମ୍ଭ ଦେଖାଇ ଛିଡା ହେଉଛେ । ସାରା ଦେଶ ଶାସନ ଗାଦି ପାଇଁ ଲଢେଇରେ ଫସିଯାଇଛି । ସେପଟେ ନେତାଏ ଲୋକଙ୍କ କଲ୍ୟାଣ କଥା କହି ସମାଜକୁ ବିଭାଜିତ କରିଚାଲିଛନ୍ତି । ଲୋକେ ଯେମିତି କିଛି ନୁହଁନ୍ତି । ସରକାର ଯାହା ଖୁଆଇବେ ଆମେ ତାହା ଖାଇବା, ଯାହା ପଢାଇବେ ଆମେ ତାହା ପଢିବା, ଯାହା କହିବେ ଆମେ ସେଇଆ ହିଁ କରିବା, ଏବେ ଏହିଭଳି ସ୍ଥିତି ହୋଇଯାଇଛି । କୁଆଡେ ଗଲା ଗାନ୍ଧୀଙ୍କ ଗ୍ରାମସ୍ୱରାଜ, କଂଗ୍ରେସର ପଞ୍ଚାୟତିରାଜ, ଲୋହିଆଙ୍କ ଚୌଖମ୍ବାରାଜ ଓ କମ୍ୟୁନିଷ୍ଟଙ୍କ କୃଷକ-ଶ୍ରମିକ ରାଜ । କହିବାକୁ ଗଲେ ସରକାର ଆମର, ଦେଶ ଆମର, ଦଳ ମଧ ଆମର କିନ୍ତୁ ଜନତା ? ଜନତା କିନ୍ତୁ ପର ହୋଇଯାଇଛନ୍ତି ।

ନିର୍ବାଚନକୁ ଅସହାୟ ଜନତାଙ୍କ ଉପରେ ଆକ୍ରମଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିର୍ବାଚନ ଲଢୁଥିବା ନେତାଙ୍କ ପାଖରେ ପ୍ରଚୁର ଧନ। ମିଛକୁ ସତ ବୋଲି ସାବ୍ୟସ୍ତ କରିପାରିବାର ପ୍ରଚାର ସାଧନ ଏବଂ ଭୋଟ ଛଡାଇ ନେବା ଭଳି ଶକ୍ତି ମଧ ରହିଛି । ଏମାନେ ଆମକୁ ନିର୍ଭୟରେ ଭାବି ଚିନ୍ତି ଭୋଟ ଦେବାପାଇଁ ମଧ ସୁଯୋଗ ଦେଉନାହାନ୍ତି । ଏମିତି ନିର୍ବାଚନରେ ଶୁଦ୍ଧ ଗଣତନ୍ତ୍ର କେମିତି କାଏମ ହେବ ? ପ୍ରଶ୍ନ ହେଉଛି ଆଉ କେତେ ଦିନ ଆମେ ଏମିତି ଦିନ ଅସହାୟ ହୋଇ ରହିବା ? କ'ଣ ଏବେବି ସମୟ ଆସିନି ଆମେ ଏଇ ଦଳତନ୍ତ୍ରକୁ ଛାଡି ପ୍ରକୃତ ଗଣତନ୍ତ୍ରକୁ ଖୋଜିବା ପାଇଁ ? ନିର୍ବାଚନ ଚାଲିଛି । କିଏ କାହାକୁ ଭୋଟ ଦେବ ସେକଥା ଅଲଗା, କିନ୍ତୁ ଲାଳସା ଏବଂ ଡର ତଥା ଜାତି ଧର୍ମର ଭେଦଭାବ ଠାରୁ ଦୂରରେ ରହି ଭୋଟ ଦେବା ଉଚିତ୍ । ଏକଥା ଚିନ୍ତା କରି ଭୋଟ ଦେବା ଉଚିତ୍ ଯେ ଦଳଠାରୁ ଦେଶ ବଡ । ଆମକୁ ଏମିତି ଗଣତନ୍ତ୍ର ଆଣିବାକୁ ପଡିବ ଯିଏ ନିର୍ବାଚନ ବେଳେ ଆସି ନିର୍ବାଚନ ପରେ ପଳେଇ ନ ଯିବ ବରଂ ଯିଏ ସମାଜକୁ ସଂଗଠିତ କରି ରଖିପାରିବ । ଯେଉଁ ଗଣତନ୍ତ୍ରରେ ସମସ୍ତେ ଭାଗୀଦାରୀ ହୋଇପାରିବେ, ଯେଉଁ ଗଣତନ୍ତ୍ରରେ ଆମ ଉପରେ କିଏ ହୁକୁମାତି କରିବ ସେ ବାବଦରେ ନିଷ୍ପତି ହେଉନଥିବ ବରଂ ସମସ୍ତେ କେମିତି ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ଭିତରେ ଚଳିବେ ସେ କଥାର ନିଷ୍ପତି ନିଆଯିବ । କିନ୍ତୁ ଏହା ହେବ କେମିତି ? ଲୋକ ଶକ୍ତି ନାହିଁ ତ କେମିତି ଗଣତନ୍ତ୍ର ଓ କେମିତି ସମାଜବାଦ ?

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪



## ସ୍ୱପ୍ନ

ଦିନେଶ ମେହେର

ତମେ କଣ ଜାଣିନଥିଲ ବାପା-
ଅକାତ କାତ ସାତତାଳ ସମୁଦ୍ର ଗର୍ଭରୁ
ମୁକୁଳିବା ଏତେ ସହଜ ନୁହେଁ
ବୋଲି ?
ତେବେ,
କାହିଁକି ଠେଲିଦେଲ
ସେଇ ବିଶ୍ୱାସର ବରମୁଣ୍ଡା ଟ୍ରାଇଙ୍ଗଲ
ଭିତରକୁ...
ଏଠି, ନା ରହିପାରୁଛି
ନା ବାହାରି ପାରୁଛି
ଗୋଲ୍ ଗୋଲ୍ ଚକ୍ରବିହ୍ୱ ମଧରୁ !

ଜାଣିଛ,
ତମେ ଆକଟ କରୁଥିଲ ବୋଲି
ମୁଁ ଅଣଦେଖା କରୁଥିଲି ତୁମର ସବୁ
ଆଳାପ କୁ,
ମନେଅଛି,
ଯେତେବେଳେ ମୁଁ ଦାଗ ଲଗେଇ
ଦଉଥିଲି
ଜୀବନ ର ସଫେଦ୍ କାନ୍ଥରେ
ସେତେବେଳେ ନିଜ ଜାମା ଚିରି ପୋଛି
ଦଉଥିଲ



ଯେତେକ ସବୁ କଳା ଦାଗ,
ମତେ ସଜେଇବା ପାଇଁ,
ଖଣ୍ଡେ କନାରେ ଜୀବନ
ଜିଲ୍କାଁ ଆରମ୍ଭ କରି ଦେଇଥିଲ,
ମୁଁ କିନ୍ତୁ ହସୁଥିଲି-
ତମର ଏଇ କ୍ରିୟା କଳାପ ଉପରେ,
ଥଟ୍ଟା କରୁଥିଲି ତୁମର ମୁହୂର୍ତ୍ତ ସବୁକୁ;
ହେଲେ
ଆଜି ଠିକ୍ ଜାଣି ପାରିଛି
ଜୀବନର ଭୁଲ୍ ଭୁଲେୟା ଭିତରୁ
ମୁହୂର୍ତ୍ତର ଦାସ ସାଜି ମୁକୁଳି ଯିବା
ଏତେ ସହଜ ନୁହେଁ ବୋଲି,
ଆଉ ବି ଜାଣି ସାରିଛି
ସ୍ୱପ୍ନ ର ମେହେଫିଲ ରେ ମୁଁ ଗଢୁଥିବା
ମହଲ
ବାସ୍ତବରେ ନିଦ ବନ୍ଧନରେ ବନ୍ଦୀ,
ତଥାପି ବି
ମୁଁ ଅପେକ୍ଷା କରି ବସିଛି
ଡ଼ିମିରି ଫୁଲ ଫୁଟିବାର ସେଇ
ମାହେନ୍ଦ୍ର ମୁହୂର୍ତ୍ତକୁ.....

ସ୍ନାତକ, ଭବାନୀପାଟଣା,
କଳାହାଣ୍ଡି

## ପ୍ରେମିକାର ଦୁଃଖ ସହି ମୁଁ ପାରୁନି

ଜୟନ୍ତ କୁମାର ମଲ୍ଲିକ୍

ପ୍ରେମିକାର ଦୁଃଖ ସହି ମୁଁ ପାରୁନି
ଯେଉଁଦିନ ଠାରୁ ଜାଣିଲି -
ପୁରୁଣା ପ୍ରେମର ମିଠା ଅନୁଭୂତି
ଭାବନାକୁ ମୋର ଆଣିଲି,
କେଡ଼େ ଚୁଲୁବୁଲି ଝିଅଟେ ଥିଲା ସେ
ପୁରାପୁରି ଶାନ୍ତ ସରଳ -
ମୁଁ ନଥିବାରୁ ଏବେ ତା' ଜୀବନେ
ଭରି ଯାଇଅଛି ଗରଳ,
ସ୍ୱାମୀ ବୋଲି ଯାର ହାତ ସେ ଧରିଛି
ସିଏ ଅମଣିଷ ଅଟଇ -
ମଦ ପିଇ ସଦା କରେ ଗଣ୍ଡଗୋଳ
ଗୋରୁ ପରି ପ୍ରିୟା ଖଟଇ,
ଟଙ୍କା ଟିଏ ତାର ରୋଜଗାର ନାହିଁ
ଖର୍ଚ୍ଚ ଦିନକୁ ତା ହଜାରେ -
ରାତି ଅଧଯାଏଁ ଫେରେନି ଘରକୁ
ବୁଲୁଥାଏ ଛକ ବଜାରେ,
ପୁଅ ଝିଅ ତାର କଅଁଳ ବୟସେ
ବହୁତ ଦୁଃଖରେ ରୁହନ୍ତି -
'ଜନମ କାହିଁକି କଲୁ ତୁ ଆମକୁ'
ମାଆ ପାଖେ କାନ୍ଦି କୁହନ୍ତି,
ଫୋଅନରେ ଶୁଣି ତା ଦୁଃଖ କାହାଣୀ
ବ୍ୟସ୍ତ ବିବ୍ରତ ମୁଁ ହୁଅଇ -
ତା' କଥା ଭାବିକି ମନ ଦୁଃଖକରି
ମୁହଁ ମାଡ଼ି ଘରେ ଶୁଅଇ,
ଇଚ୍ଛା ହୁଏ ତାର ସବୁ ଦୁଃଖ କଷ୍ଟ
ହରଣ ମୁଁ କରି ନିଅନ୍ତି -
ଯେତେବେଳେ ତାର ଯାହା ଦରକାର
ସବୁ ମୁଁ ଯୋଗାଇ ଦିଅନ୍ତି,
ହେଲେ ହତଭାଗ୍ୟ ପ୍ରେମିକ ଟିଏ ମୁଁ
ହୁଏ ଖାଲି ହାଆ ହତାଶ -
ସଂସାରରେ ମୋର ପ୍ରତି ମୁହୂର୍ତ୍ତରେ
ବହେ ସମସ୍ୟାର ବତାସ,
ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ
ଅସୁବିଧାରେ ମୁଁ ଚଳଇ -
ସବୁ ଯନ୍ତ୍ରଣାକୁ ଛାତି ତଳେ ଚାପି
ସଳିତା ସାଜିକି ଜଳଇ ।

ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭

# ବେଙ୍ଗର ଚାଲ୍

ରମେଶ ଚନ୍ଦ୍ର ଦାଶ



ଗୋଟିଏ ପଢ଼ିଆରେ ସାପଟିଏ ଶୀକାର କରିବାକୁ ବାହାରିଥାଏ । ତାକୁ ଦେଖି ବେଙ୍ଗମାନେ ଯିଏ ଯେଉଁଆଡ଼େ ଲୁଚିଗଲେ । ଭୋକରେ ସାପର ପେଟ ଜଳୁଥାଏ । ଏତିକିବେଳେ ତା' ଆଗରେ ଗୋଟିଏ ଖଜୁରୀଗଛ ପଡ଼ିଲା । ସେ ଟିକେ ତା ମୂଳ ଉପରକୁ ଉଠିଗଲା । ତାକୁ ଭାରି ଭଲ ଲାଗିଲା । ସେ ଆଉ ଟିକେ ଉପରକୁ ଗଲା । ଏହିପରି ଧୀରେ ଧୀରେ ଉଠି ଉଠି ଗଛ ଉପରକୁ ଚାଲିଗଲା । ସେ ଖଜୁରୀଗଛ ଉପରକୁ ଯିବା ଦେଖି ବେଙ୍ଗମାନେ ଖପ୍‌ଖାପ୍ ବାହାରକୁ ବାହାରି ପଡ଼ିଲେ । ସାପ ସେମାନଙ୍କୁ ଉପରେ ରହି ଦେଖିଲା । ଏତେ ବେଙ୍ଗ ଦେଖି ପୁଣି ତାର ଭୋକ ବଢ଼ିଲା । ସେ ତେଣୁ ତଳକୁ ଓହ୍ଲାଇଲା । ଚଢ଼ିବା ବେଳେ ସିନା କଷ୍ଟ କରିବାକୁ ପଡୁଥିଲା, ଡେରି ହେଉଥିଲା । କିନ୍ତୁ ଓହ୍ଲାଇବା ବେଳେ ଶୀଘ୍ର ଶୀଘ୍ର ଓହ୍ଲାଇପଡ଼ିବାରୁ ବେଙ୍ଗମାନେସୀ/ଯାଇପାରିଲେ ନାହିଁ । ସେମାନଙ୍କର ଧାରଣା ଥିଲା ଚଢ଼ିବା ବେଳେ ଯେତିକି ସମୟ ଲାଗିଥିଲା ଓହ୍ଲାଇବା ବେଳେ ବେଙ୍ଗକୁ ସେତିକି ସମୟ ଲାଗିବ ।

ସେ ତଳକୁ ଓହ୍ଲାଇ ସେହି ଗଛ ପାଖରେ ଥିବା ଗୋଟିଏ ବେଙ୍ଗକୁ ଧରି ପକାଇଲା । ସେହି ବେଙ୍ଗଟି ଭାରି ଚାଲାକ୍ ଥିଲା । ସେ ଜାଣିଲା ଯେ ତାର ଜୀବନ ଶେଷ ହେବାକୁ ଯାଉଛି । ତେଣୁ ସେ କହିଲା, 'ସାପ ଭାଇ, ତୁମେ ଯେଉଁଭଳି ଗଛ ଉପରକୁ ଉଠୁଥିଲ, ମୋତେ ଦେଖିବାକୁ ଭାରି ମଜା ଲାଗୁଥିଲା । କିନ୍ତୁ ମୁଁ ଜାଣୁଛି ତୁମକୁ ବହୁତ ଭୋକ ହେଉଥିବ, ସେଥିପାଇଁ ତୁମେ ଆଉ ଗଛ ଚଢ଼ିପାରିବ ନାହିଁ । ତେଣୁ ତୁମ ପାଇଁ ମୁଁ ଗୋଟିଏ ଭଲ ଶୀକାର ରଖିଛି । ତାହା ଆସିବାକୁ ଟିକେ ଡେରି ହେବ । ଯଦି ପାରିବ ଏହି ସମୟ ଭିତରେ ଆଉ ଟିକେ ହଲି ହଲି ଗଛ ଉପରକୁ ଗଲେ ମୁଁ ଏକା ନୁହେଁ ଆମର ବେଙ୍ଗ ଜାତି ତୁମକୁ ପ୍ରଶଂସାରେ ପୋତି ପକାଇବେ ।

ସାପର ଟିକେ ବୁଦ୍ଧି କମ୍ । ସେ ଭାବିଲା- ବେଙ୍ଗ ଠିକ୍ କହୁଛି । ତାକୁ ମୋର ଉପରକୁ ଚଢ଼ିବା ଭାରି ଭଲଲାଗିଛି । ଏଥି ସହିତ ସେ ମୋତେ ଭଲ ଖାଦ୍ୟ ଦେବ ବୋଲି କହୁଛି । ତେଣୁ ଏହି ସମୟରେ ମୁଁ ଉପରକୁ ଗଲେ ମୋର ଟିକେ ଅଧିକ ଅଭ୍ୟାସ ବି ହୋଇଯିବ । ପୁଣି ଖାଦ୍ୟଠାରୁ ପ୍ରଶଂସା ଶୁଣିବାର ଖୁସି ନିଆରା । ତେଣୁ ସେ ଏହା ଭାବି ପୁଣି ଉପରକୁ ଚଢ଼ିବାକୁ ଲାଗିଲା । ତଳେ ବେଙ୍ଗ ଥାଇ ତାକୁ ଉତ୍ସାହିତ କରୁଥାଏ । ସେ ଯେମିତି ଗଛ ଉପରେ ପହଂଚିଛି ସେ ଗୋଟିଏ ରଢ଼ି ଛାଡ଼ିଲା । ତା' ରଢ଼ିରେ ସବୁ ବେଙ୍ଗ ନିଜ ନିଜ ବସାରେ ଲୁଚିଗଲେ । ସେ ନିଜେ ସାପକୁ କହିଲା, "ତୁମର ଖଜୁରୀ ଗଛ ଚଢ଼ିବାର କୌଶଳ ଦେଖି ମୁଁ ଖୁସି ହେଲି । ଏଥର ମୁଁ ମୋ ବସାକୁ ଯାଉଛି ।" ଏହା କହିବା ସହିତ ସେ ବି ଚାଲିଗଲା । ତାପରେ ବେଙ୍ଗ ଓହ୍ଲାଇଲା । ସେ ବହୁତ ହାଲିଆ ହୋଇଯାଇଥିଲା । ତାପରେ ସେ ଜାଣିଲା ଯେ ନିଜ ସହିତ ବଂଶଧରଙ୍କୁ ବଂଚାଇବାକୁ ବେଙ୍ଗଟିର ଏ ଗୋଟିଏ ଚାଲ୍ ଥିଲା ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ମୋ: ୯୭୭୬୨୩୮୫୨୨

# ରୂପ ଗୁଣ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ଘର ପାଖ ବାଡ଼ିରେ ମିଲିର ଜେଜେ ବାପା ଲଗାଇ ଥାଆନ୍ତି ବିଭିନ୍ନ ପ୍ରକାର ଆମ୍ବ ଗଛ । ବସନ୍ତ ଋତୁ ଆସିବା ଆଗରୁ ଆମ୍ବ ଗଛ ଗୁଡିକରେ ବଉଳ ଆସି ଯାଏ । ତା' ବାସନାରେ ଚାରିଆଡ ମହକି ଯାଉଥାଏ । କେଉଁଠି ଥାଏ କେଜାଣି ସେତେବେଳକୁ କୋଇଲିଟିଏ ଆସି ଆମ୍ବ ଗଛରେ ବସେ । ଲାଜକୁଳା କୋଇଲିଟି ପତ୍ର ଗହଳରେ ଲୁଚି କୁହୁ କୁହୁ ଗୀତ ଗାଏ ।

ମିଲି କୋଇଲିର ଗୀତ ଶୁଣି ଘରୁ ବାହାରି ଆସେ । ଏଣେତେଣେ ଦେଖେ । ଗୀତ ସିନା ଶୁଣେ ହେଲେ ସେ କୋଇଲିକୁ ଦେଖି ପାରେ ନାହିଁ । ତେଣୁ ତାକୁ ନକଲ କରି ନିଜେ କୁହୁ କୁହୁ ଶବ୍ଦ କରେ । କୋଇଲି ବୋଧେ ମିଲିର ଖତେଇ ହେବା ବୁଝିପାରେ । ତେଣୁ ଆହୁରି ଜୋର ଜୋର କୁହୁ କୁହୁ କରୁଥାଏ ।

ମିଲି ଏଣେତେଣେ ଚାହୁଁଥିବା ବେଳେ ତାକୁ ଲୁଚିଥିବା କୋଇଲିତ ଦିଶେ ନାହିଁ ତା' ବଦଳରେ ଦେଖାଯାଏ ହଳଦୀ ଗରଗର ସୁନ୍ଦର ଚଢେଇଟିଏ । ନାଆଁ ତାର ହଳଦୀ ବସନ୍ତ । ଯେତେଦିନ ବସନ୍ତ ଋତୁ ଥାଏ ମିଲି ଆମ୍ବ ଗଛ ଉହାଡରୁ କୋଇଲିର ଗୀତ ଶୁଣି ଏବଂ ହଳଦୀ ବସନ୍ତକୁ ଦେଖି ଖୁସି ହେଉଥାଏ । ସବୁ ବର୍ଷ ବସନ୍ତ ଋତୁରେ ମିଲି ଘର ଆମ୍ବ ବଗିଚାରେ କୋଇଲି ସହ ହଳଦୀ ବସନ୍ତର ଭେଟ ହେଉଥାଏ । ସେ ଦୁଇଜଣ ତା'ର ସାଙ୍ଗ ହୋଇ ଯାଇଥାଆନ୍ତି ।

ବସନ୍ତ ଋତୁ ଶେଷରେ ଅଗନାଅଗନି ବନସ୍ତକୁ ଉଡ଼ିଯିବା ଆଗରୁ କୋଇଲି ଏବଂ ହଳଦୀ ବସନ୍ତଙ୍କ ମଧ୍ୟରେ ଝଗଡ଼ା ଲାଗିଲା । ଦୁହିଁଙ୍କ ଭିତରୁ କିଏ ବଡ଼ ସେ ନେଇ ଚାଲିଥାଏ ଯୁକ୍ତି ତର୍କ । କୋଇଲି ହଳଦୀ ବସନ୍ତକୁ କହିଲା, ' ତୋର ସୁନ୍ଦର ରୂପ ବୋଲି ବେଶୀ ଦେଖେଇ ହେଉଛୁ । ଏ ଡାଳରୁ ସେ ଡାଳ ଉଡ଼ି ବୁଲୁଚୁ । ମୋ ଭଳି ଗୀତ ଗାଇ ପାରିବୁ ?

ଜବାବ ଦେବାକୁ ଯାଇ କୋଇଲିକୁ ହଳଦୀ ବସନ୍ତ କହିଲା, 'ତୋର କଳା ରୂପ ବୋଲି ସିନା ତୁ ପତ୍ର ଉହାଡରେ ଲୁଚି ଲୁଚି ଗୀତ ଗାଉଛୁ । ମୁଁ କାହିଁକି ଲୁଚିବାକୁ ଯିବି ? ଈଶ୍ୱର ମୋତେ ସୁନ୍ଦର ରୂପ ଦେଇଛନ୍ତି ଲୋକମାନେ ଦେଖି ଖୁସି ହେବା ପାଇଁ । ମୁଁ କାହିଁକି ତୋ ଭଳି ଲାଜ କରିବି ?

କୋଇଲି କହିଲା, ହେଉ ତେବେ ଆମ ଦୁହିଁଙ୍କ ଭିତରୁ କିଏ ବଡ଼ ଚାଲ ଆମ ସାଙ୍ଗ ମିଲିକୁ ପଚାରିବା । ମିଲି ଦୁଇଟି ଯାକ ପକ୍ଷୀଙ୍କୁ ତା ପାଖରେ ଦେଖି ଖୁସି ହୋଇଗଲା । ତାଙ୍କ ଝଗଡ଼ା ଶୁଣି କହିଲା, 'ମୋତେ ତ ତମେ ଦୁଇଜଣ ଯାକ ଭାରି ଭଲ ଲାଗୁଛ । ତୁମ ଦୁଇଜଣଙ୍କ ଭିତରୁ କେହି ବଡ଼ ନୁହଁ କି କେହି ଛୋଟ ନୁହଁ । ବଡ଼ ହେଉଛି କୋଇଲିର କୁହୁ କୁହୁ ମଧୁର ଗାନ ଏବଂ ହଳଦୀ ବସନ୍ତର ମନ ଲୋଭା ସୁନ୍ଦର ରୂପ । ଜଣଙ୍କର ରୂପ ବଡ଼ ତ ଜଣଙ୍କର ଗୁଣ ବଡ଼ । ତେଣୁ ତୁମେ ଦୁହେଁ ବଡ଼ ସାଙ୍ଗ । ତୁଚ୍ଛାଟାରେ କଳି ଝଗଡା କରୁଛ କାହିଁକି ?

ମିଲିର କଥା ଶୁଣି କୋଇଲି ଏବଂ ହଳଦୀ ବସନ୍ତ ବହୁତ ଖୁସି ହୋଇଗଲେ । ପୁଣି ସାଙ୍ଗ ହୋଇ ଘୋର ବନସ୍ତକୁ ଉଡ଼ିଗଲେ ।

+ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## କବିତା ତୁମ ପାଇଁ



## ଖରା ଫେରିଗଲେ

ପ୍ରଶାନ୍ତ କୁମାର ଦାଶ

ପଖାଳ ଖାଇବାପାଇଁ ହୁଏ ମନ
ନିଆଁପରି ଖରା ଦେଖି
ଅଜାତ ପକାନ୍ତି ତାଙ୍କ ଦୁଇପାଦ
ଚପଲ ଉପରେ ରଖି ।

ସଭିଙ୍କୁ କହନ୍ତି ନବଘନ ଅଜା
ପଦାକୁ ଯାଅନା କେହି
ରାତିହଟିଗଲେ ଖରାର ନିଆଁରେ
ଜଳୁଛି ସହର ସାହି ।

ବେଳୁବେଳ ବଢ଼େ ପାରଦ ସୁଖରେ
ଚଳିହୁଏନାହିଁ ଏଠି
ଗରିବ ଶ୍ରମିକ ଘରକୁ ସଅଳ
ଫେରୁଚି ସାରି ତା ବେଠି ।

ଛାଇ ଟିକେ ନାହିଁ ପବନବି ନାହିଁ
ଦେହ ମାରିଯାଏ ଝାଇଁ
ପଙ୍ଖାଦେଇ ଘରେ ବସିଯାଅ ଜମା
ଏଣେ ତେଣେ ବୁଲନାହିଁ ।

ଖେଳଛାଡି ପିଲେ ଘରେ ବସିପିଅ
ଲେମ୍ବୁପାଣି ଦହି ଲସି
ଦିନ ସରିଗଲେ ରାତିତ ଆସିଲେ
ମଜା ତ କରିବ ହସି ।

କଥା ନମାନିଲେ ବାହାରକୁ ଗଲେ
ଅଂଶୁଘାତ ନିଶ୍ଚେ ହେବ
ନିୟମ ମାନିକି ଚଳିଲେ ଖରାଟି
ସୁଖତକ ବାଣ୍ଟିଦେବ ।

ଖରା ଫେରିଗଲେ ବରଷା ଆସିବ
ଅଂଶୁଘାତ ହେବ ଦୂର
ଲାଗିବ ସହର ସାହି ଆଉ ଗାଆଁ
ସତେକି ସରଗ ପୁର ।

+କୁଞ୍ଜର ସଙ୍ଗଳାଇ,ପିପିଲି, ପୁରୀ
ମୋ:୯୬୬୮୮୨୨୧୯୦

## ଖରା ଛୁଟି

ଧ୍ରୁବ ଚରଣ ବେହେରା

ଖରା ମାରୁଅଛି ଟାଇଁ ଟାଇଁ
ପଦାକୁ ନ ଯାଆ କୁନା ଭାଇ ।

ବଢିଲାଣି ପରା ବଡ ଝାଞ୍ଜି
ପ୍ରାଣୀ ହୋଇଲେଣି ଦହଗଞ୍ଜି ।

ଶୁଖି ଲାଣି ସବୁ ନଦୀ ନାଳ
ଦେହରୁ ବହଇ କେତେ ଝାଳ ।

ପଡି ଅଛି ଏବେ ଖରା ଛୁଟି
ନ ହେବା ସାଙ୍ଗ ହେ ଭେଟା ଭେଟି ।

ଘରେ ରହି ଦିନ କାଟି ଦେବା
ସ୍କୁଲ ଟାସ୍କକୁ କରି ନେବା ।

ଖାଇବା ପଖାଳ ମାଛ ଭଜା
ଖାଇଲେ ଜାଣିବା ତା'ର ମଜା ।

ପିଇବା ତୋରାଣି ସରବତ
ପେଟ ଥଣ୍ଡା ହେବ ଜାଣ ମିତ ।

ଗରୁଜନ କଥା ମାନୁଥିବା
ଦୁଷ୍ଟ ଓ ଚଗଲା ନ ହୋଇବା ।

ଛୁଟି ଦିନ ଅଟେ ବଡ ଧନ
ପଢୁଥିଲେ ପାଠ ଦେଇ ମନ ।

ଖରା ମାରିଲାଣି ଟାଇଁ ଟାଇଁ
ପଦାକୁ ନ ଯା'ଆ କୁନା ଭାଇ ।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## କଲମ

ଆଦ୍ୟାଶା ମହାପାତ୍ର

ସକାଳ ହେଲେ କାଉ ରାବିଲେ
ନିଦଟା ମୋର ଭାଙ୍ଗେ
ପ୍ରସ୍ତୁତ ହୋଇ ପଢି ବସିଲେ
ତୁ ଥାଉ ମୋର ସଙ୍ଗେ ।

ତୋ ପାଇଁ ସିନା ଲେଖି ପାରଇ
ଖାତା ବା କାଗଜରେ
ସେଇ ଲେଖାକୁ ପଢି ବସଇ
ପୁଣି ମୁଁ ସୁବିଧାରେ ।

ପରୀକ୍ଷାରେ ମୁଁ ଉତ୍ତର ସବୁ
ଲେଖଇ ତୋତେ ଧରି
ଗପ ବା ଗୀତ ଆସିଲେ ମନେ
କାଗଜେ ଦିଏ ଭରି ।

ମୋ ଗପ ଗୀତ ପଢନ୍ତି ସାଥୀ
ଖୁସି ହୁଅନ୍ତି କେତେ
ବାହାବା ଦେଲେ ତୋ ଅବଦାନ
ଭାବଇ ମୁହିଁ ସତେ ।

କଥାରେ ଅଛି କଲମ ମୁନ
ଅସି ଠୁ ମଧ ବଡ଼
ସଜା ତୁ ଦେଉ ଦୋଷୀକୁ ପରା
ଲେଖି ସତ ଖବର ।

ବିଚାରପତି ହାତରେ ଥିଲେ
ଆସାମୀ ପାଏ ଦଣ୍ଡ
ତୋହରି ମୁନେ ପଡିଲେ ଗାର
ସଜା ପାଆନ୍ତି ଭଣ୍ଡ ।

ଡାକ୍ତର ହାତେ ରହିଣ ତୁହି
ରୋଗୀକୁ କରୁ ଭଲ
ତୋ ପାଇଁ ସିନା ଶିକ୍ଷା ସମ୍ଭବ
ତୁ ଯେ ଅମୂଲ ମୂଲ ।

+ନୂଆପଡା, କଟକ

## ନିଅ ତାକୁ ଟିକେ କୋଳେଇ

କୀର୍ତ୍ତନ ସାହୁ

ଖେଳୁ ଖେଳୁ କୁନି ଝିଅ ପଡ଼ିଗଲା
ପଡ଼ି ଗଲି କହି କାନ୍ଦି ପକାଇଲା
ନିଅରେ କୋଳେଇ ନିଅ
ମଜା କଥା କହି
ଗୀତ ଗାଇ ଗାଇ
ମନକୁ ଭୁଲେଇ ଦିଅ ।

କୁନି ଝିଅ ଆମ ଗେହ୍ଲେଇ ଭାରି
ବାପା ଧାଇଁ ଯାଇ ତା ହାତ ଧରି
ଝାଡ଼ି ଖୁଡି ଟିକେ ଦେଲେ
କହିଲେ ମାଆରେ
କ'ଣ ହେଲାରେ
ଆଦରି କୋଳେଇ ନେଲେ ।

କୁନି ଝିଅ ଆମ ଶାନ୍ତ ହୋଇଲା
ମାଆ ଦେଲେ ଖୁସି ହୋଇ ଖାଇଲା
କହିଲା ସେ ମିଠା କଥା
କୋଳ କରି ନେଇ
ଗେହ୍ଲ କରି ଦେଇ
ଦୂର ହୁଏ ମନ ବ୍ୟଥା ।

କୁନି ଝିଅ ଆମ ଭାରି ଫୁଲେଇ
ହାତେ ଧରି ତାକୁ ଦେଲେ ଝୁଲେଇ
ଓଠରୁ ତା ହସ ଝରେ
ଥମ ଥମ କରି
କଥା ତାର ଝରି
ସଭିଙ୍କର ମନ ଭରେ ।

ଆଖିରେ ଭରିଛି ସପନ ଯେତେ
ସଫଳ କରିବ କେତେ ଯେ କେତେ
ହାତ ତା କହିବ କଥା
ସ୍ନେହ ପ୍ରୀତି ଢ଼ାଳି
ପ୍ରେମ ଦୀପ ଜାଳି
ହଟାଇବ ଦେଶ ବ୍ୟଥା ।

+ମିଶ୍ର କଲୋନୀ, ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଛେଳି ଚରିଗଲା ସାତୋଟି ଗାଆଁ



ନଗେନ୍ଦ୍ର ନାଥ ପଟ୍ଟନାୟକ



ପପୁ ଦିପୁ, ରିପୁ ଆଉ ବୁବୁନ୍-ଏ ଚାରିଜଣ ଭାରି ସାଙ୍ଗ । ଦିନେ ପପୁ ବୁବୁନକୁ କହିଲା-'ଆରେ ସାଙ୍ଗ ! ଆମେ ଯାହାକିଛି ଭାବୁଥିଲେ ଏ ଘନ ଜଙ୍ଗଲଟି ତାହାଠୁ ମଧ ସୁନ୍ଦର । ମନେ ହେଉଚି ଯେମିତି ମୋଗଲ ଯୁଗର କାହାଣୀରେ ବର୍ଣ୍ଣନା କରାଯାଇଥିବା ଘଂଚ ବଣରେ ଆମେ ଦି'ଜଣ ଆସି ପହଁଚିଯାଇଚେ ।'

'ଆଚ୍ଛା ସାଙ୍ଗ ! ଏବେ କୁହ ଆମେ ମଜା ମଉଜ କରିବା ପାଇଁ କ'ଣ କ'ଣ କରିବା ?' ବୁବୁନ କହିଲା,'ମୁଁ ପୋଖରୀରେ ବୁଡ ମାରିବି ।' ସେଇଠୁ ଦିପୁ କହିଲ-'ମୁଁ ଜଙ୍ଗଲରେ ଥିବା ଢେଇଢେଉକା ପାହାଡ ଚଢି ଚୂଡାରେ ପହଁଚିଯିବି ।' ପପୁ କହିଲା-'ମୁଁ ସେ ଝଙ୍କାଳିଆ ଗଛରୁ ପାକଲା ମିଠାଫଳ ତୋଳି ଖାଇବି ।'

ତା'ଛଡା, ମତେ ମାଙ୍କଡକୁ ଆଖି ପୂରେଇ ଦେଖିବି ।' ବୁବୁନ କହିଲା-'ମୁଇଁ ମଧ ମଧୁର ସଙ୍ଗୀତ ଗାନ କରି ଶୁଣାଇବି ।' ଦିପୁ ଫେର କହିଲା-'ମୁଇଁ ସେ ବିରାଟ ବରଗଛ ଓହଳରେ ଝୁଲିବି ।' ସେଉଠୁ ରିପୁ କହିଲା,'ମୁଁ ମଜାଳିଆ ଭିଡିଏ ବନେଇବି ।'ଖାଲି ସେତିକି ନୁହେଁ, ସମସ୍ତଙ୍କ ପାଇଁ ଗୁପ୍‌ଚୁପ ମଧ ବନେଇବି ।' ବୁବୁନ କହିଲା -'ଆରେ ସାଙ୍ଗ ! ତୁ କ'ଣ ଏକୁଟିଆ ଗୁପ୍‌ଚୁପ ଚାଟିଚୁଟି ଖାଇଦେବୁ ନା କଣ ?'

ଏ ଭିତରେ ରିପୁ କୁଆଡେ ସାଏଁକିନା ପଳାଇଗଲା । ଅନ୍ୟ ସାଙ୍ଗମାନେ ସମସ୍ତେ ବଡପାଟିରେ କୁହାଟ ଛାଡିଲେ-'ଆରେ ରିପୁ ! କୁଆଡେ ଅଛୁ ?'ହେଲେ କୋଉଠି ଜବାବ ଆସିଲା ନାଇଁ । କିଛିକ୍ଷଣ ପରେ ବୁବୁନ କହିଲା-'ଆରେ ହେଇଟି ଦେଖ ସେଇ ରିପୁକୁ ,ସେ ଗହଳିଆ ବୁଦାମୂଳେ ଚୁପଚାପ୍ ବସିରହିଚି ।'

ଅନ୍ୟସାଙ୍ଗ ସବୁ ଏକାବେଳକେ କହିଲେ–'ଆମେ ସବୁ ଡରିମରି ଛାନିଆ ହୋଇଯାଇଥିଲୁ । ତୁ ଏଇଠି କ'ଣ କରୁଚୁ ରିପୁ ?'

ମୁଇଁ ପରା ପାକଲା ମିଠାକୋଳି ତୋଳିବାକୁ ଆସିଥିଲି । ମୁଁ ପୁଂଜାଏ ପାଚିଲା କୋଳି ଶାଗୁଆପତ୍ରରେ ଏକାଠି କରିଥିଲି , କିନ୍ତୁ...।' 'କିନ୍ତୁ ମାନେ !'ସମସ୍ତେ ଏକସ୍ୱରରେ ପ୍ରଶ୍ନକଲେ । କୋଉଠି ଥିଲା କେଜାଣି ହନୁମାଙ୍କଡଟିଏ ଖେଁ ଖେଁ ହୋଇ ଡେଇଁ ଡେଇଁକା ଏଠିକି ଆସିଲା । ସେ ପତ୍ର ସାଙ୍ଗକୁ କୋଳିତକ ଝାମ୍ପିନେଇ ଏଠୁ ଚମ୍ପଟ ମାରିଲା ।' ପପୁ କହିଲା–'ଓହୋ ! ତା'ମାନେ ବହୁତ ଲୋକସାନ ହେଲା । ରିପୁ କହିଲା –'ଆରେ ଭାଇ ! ମୋ କୋଳିତକ ସେ ବଦମାସ୍ ମାଙ୍କଡ ଝାମ୍ପି ନେଇଗଲା ।' ତା'ପରେ ପପୁ କହିଲା–'ଆରେ ଭାଇ ! ଯେତେବେଳେ ପୂରା ହୋଇଥିବା କୌଣସି କାମ ନଷ୍ଟ ହୋଇଯାଏ ସେତେବେଳେ ସାତୋଟି ଗାଁ ଛେଳି ଚରିଗଲା ବୋଲି କୁହାଯାଏ । ଆଚ୍ଛା ତୁ ଗୋଟ ଗପ ଶୁଣୁ...ଆଗ କାଳର କଥା ।

ରାଜା ଆଖେଟ ପାଇଁ ଜଙ୍ଗଲ ଆଡେ ମୁହାଁଇଲେ । ସେତେବେଳେ ରାଜା ମହାରାଜାମାନେ ଶିକାର କରୁଥିଲେ । ହେଲେ ସେ ରାଜାଙ୍କୁ ଶିକାର ମିଳିଲା ନାଇଁ । ସେ ଜଙ୍ଗଲରେ ବାଟବଣା ହୋଇଗଲେ ।

ସୈନ୍ୟମାନେ ତାଙ୍କୁ ବହୁତ ଖୋଜାଲୋଡା କଲେ, ହେଲେ କୋଉଠି ହେଲେ ତାଙ୍କୁ ଠାବ କରିପାରିଲେ ନାଇଁ । ଦିନଗଡି ମୁହଁସଂଜ ମାଡିଆସିଲା । କାଳିଅନ୍ଧାର ଘୋଟିଆସିଲା । ତତ୍‌କ୍ଷଣାତ ରାଜାଙ୍କ ଆଖି ପହଁରିଗଲା ମିଂଜିମିଂଜି ଜଳୁଥିବା ଆଲୁଅ ଆଡେ । ସେ ଆଲୁଅ ନିକଟତର ହୋଇ ରାଜା ଯାହା ଦେଖିଲେ ସେଥିରୁ ତାଙ୍କ ଜଣାପଡିଲା ସେଠି ଗୋଟେ ଛୋଟିଆ ଘରେ କୌଣସି ଜଣେ ଲୋକ ସପରିବାର ରହୁଚି । ସେମାନେ ରାଜାଙ୍କୁ ସିନିହ ଆଦରରେ ପାଛୋଟି ନେଇ ଅତିଥି ସତ୍କାର କଲେ । ରାଜା ଖୁସି ଆନନ୍ଦରେ ବିଭୋର ହୋଇ ପରିବାରର ମୁଖିଆଙ୍କ ନାମରେ ସାତୋଟି ଗାଆଁ ଏକ ଶାଗୁଆ ପତ୍ରରେ ଲେଖିଦେଲେ । ରାଜାଙ୍କୁ ବାଟେଇ ଦେଇ ପରିବାର ଲୋକେ ଘରକୁ ଲେଉଟି ଆସିଲେ । ଶାଗୁଆ ପତ୍ରରେ ରାଜାଙ୍କ ହାତଲେଖା ଖଣ୍ଡିକ ଘରେ ସାଇତି ରଖି ନିଜ ନିଜର କାମରେ ମାତିଗଲେ । ବେଳବୁଡକୁ ଛେଳି ଆସି ସେ ଶାଗୁଆ ପତ୍ର ଖଣ୍ଡିକ ଗିଳି ପକାଇଲା । ସେଇଦିନୁ କୁହାଯାଏ- ସାତୋଟି ଗାଆଁ ଛେଳି ଚରିଗଲା ।

+ ଓସ୍କାର ସିଟି, ପ୍ଲଟ ନଂ-୪୫୬,
ଲେନ୍ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ୍,
ବୁଦ୍ଧେଶ୍ୱରୀ,ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ବିଶ୍ୱସ୍ତରୀୟ କଟକ ବଡ଼ଡାକ୍ତରଖାନାରେ ବିଚିତ୍ର ସ୍ଥିତି: ଶବ ପାଇବାକୁ ଲାଗୁଛି ୧୮ ଘଣ୍ଟା

କଟକ, ୧୭/୫ (ନି.ପ୍ର): ବିଶ୍ୱସ୍ତରୀୟ ହେବାକୁ ଯାଉଥିବା କଟକ ବଡ଼ ଡାକ୍ତରଖାନାରେ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଲାଗିଯାଉଛି ୧୮ ଘଣ୍ଟାରୁ ଅଧିକ ସମୟ। ଡାକ୍ତରଖାନାର ଫରେନସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି (ଏଫଏମଟି) ବିଭାଗରେ ଡାକ୍ତର ପଦବି ଖାଲି ପଡ଼ିଥିବାରୁ ବ୍ୟବଚ୍ଛେଦ ବିଳମ୍ବ ହେଉଥିବା କମିସନରେଟ୍ ପୁଲିସ ଯୁକ୍ତି ରଖୁଛି। ଅନ୍ୟପଟେ ବଡ଼ ଡାକ୍ତରଖାନା କର୍ତ୍ତୃପକ୍ଷ ପୁଲିସ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। ପୁଲିସ ପଞ୍ଚନାମା ସଂକ୍ରାନ୍ତ କାଗଜପତ୍ର ବିଳମ୍ବରେ ଆଣୁଥିବାରୁ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ବିଳମ୍ବିତ ହେଉଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହୁଛନ୍ତି। କିନ୍ତୁ ଏଭଳି ପରସ୍ପର ମଧ୍ୟରେ ଦୋଷ ଠେଲାଠେଲି ଭିତରେ ମୃତକଙ୍କ ପରିବାର ଲୋକେ ଘାଣ୍ଟି ହେଉଛନ୍ତି। ନିଜର ଲୋକଙ୍କୁ ହରାଇଥିବା ପରିବାର ସଦସ୍ୟଙ୍କ ଧୈର୍ଯ୍ୟର ସୀମା ପାର୍ ହୋଇଯାଉଛି। କଟକ ବଡ଼ଡାକ୍ତରଖାନାର ଫରେନସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି (ଏଫଏମଟି) ବିଭାଗରେ ଏବେ ଜଣେ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଥିବା ବେଳେ ଆସୋସିଏଟ୍




ପ୍ରଫେସର ପଦବି ତିନୋଟି ରହିଛି। କିନ୍ତୁ ତିନୋଟି ଯାକ ପଦବି ଖାଲି ପଡ଼ିଛି। ଆସିଷ୍ଟାଣ୍ଟ ପ୍ରଫେସର ଦୁଇ ଜଣ ସ୍ଥାୟୀ ଓ ଜଣେ ଚୁକ୍ତିଭିତ୍ତିକ ଅଛନ୍ତି। ଜଣେ ସରକାରୀ ଗ୍ରୁପ ଡି କର୍ମଚାରୀ ଅଛନ୍ତି। କିନ୍ତୁ ବାର୍ଦ୍ଧକ୍ୟ ଯୋଗୁ ସେ କାମ କରିପାରୁନାହାନ୍ତି। ତାଙ୍କ ପାଇଁ ତାଙ୍କ ପୁଅ ଏହି କାମ କରୁଥିବା କୁହାଯାଉଛି। ଆଉଟସୋର୍ସିଂ ସଂସ୍ଥା ମଞ୍ଜୁଶ୍ରୀ ପକ୍ଷରୁ ୫ ଜଣ କର୍ମଚାରୀଙ୍କୁ ବ୍ୟବଚ୍ଛେଦ ପ୍ରକ୍ରିୟାରେ ଡାକ୍ତରଙ୍କୁ ସହଯୋଗ କରିବାକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ବ୍ୟବଚ୍ଛେଦରେ ମୁଖ୍ୟ ଭୂମିକା ଥିବା ଡାକ୍ତରଙ୍କ ଅଭାବ ସବୁଠୁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଦୈନିକ କଟକ ବଡ଼ ଡାକ୍ତରଖାନାକୁ ମଙ୍ଗଳାବାଗ ଥାନା ବାଦ୍ କମିସନରେଟ୍ ପୁଲିସର ଅନ୍ୟ ଥାନା ଅଞ୍ଚଳର ହାରାହାରି ୨୦ଟି ଶବ ବ୍ୟବଚ୍ଛେଦ ପାଇଁ ଆସୁଛି। ଏଥିରୁ ଅଧା ଶବ ବ୍ୟବଚ୍ଛେଦ ହୋଇପାରୁ ନାହିଁ। ହାରାହାରି ୧୦ରୁ ୧୨ ଶବ ବ୍ୟବଚ୍ଛେଦ କରାଯାଉଛି। ବ୍ୟବସ୍ଥା ଅନୁଯାୟୀ କଟକ ବଡ଼ ଡାକ୍ତରଖାନାରେ କୌଣସି ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ପରେ ବିଭାଗୀୟ ଡାକ୍ତର ମଙ୍ଗଳାବାଗ ଥାନାକୁ ଏ ସମ୍ପର୍କରେ ସୂଚନା ଦେଇଥାନ୍ତି। ପୁଲିସ ପହଞ୍ଚିବା ପରେ ଏକ ଫର୍ମରେ ଶବ ଗ୍ରହଣ କରି ବ୍ୟବଚ୍ଛେଦ ପାଇଁ ନେଉଥିବା ସଂକ୍ରାନ୍ତରେ ଦସ୍ତଖତ କରିଥାନ୍ତି। ଗ୍ରୁପ ଡି କର୍ମଚାରୀଙ୍କ ସହାୟତାରେ ପୁଲିସ ଶବକୁ ଶବ ସଂରକ୍ଷଣ ଗୃହକୁ ନେଇଥାଏ। ଅପରାହ୍ଣ ୫ଟା ଭିତରେ ଏହି ଶବ ଯାଇଥିଲେ ସେଦିନ ଶବ ବ୍ୟବଚ୍ଛେଦ ହେବ। ନଚେତ ପରଦିନ କରାଯିବ। ଶବ ସଂରକ୍ଷଣ ଗୃହରେ ଶବ ପହଞ୍ଚିବା ପରେ ପୁଲିସ ଶବର ପଞ୍ଚନାମା କରିଥାଏ। ପଞ୍ଚନାମାର ଚାରିଟି ଫର୍ମରେ ମୃତକଙ୍କ ନାଁ, କେମିତି ଅବସ୍ଥାରେ ଶବ ମିଳିଲା, କେମିତି ମୃତ୍ୟୁ ହେଲା, ଶରୀରରେ କେଉଁଠି କ୍ଷତ ଚିହ୍ନ ରହିଛି, ମୃତକ କଣ ପୋଷାକ ପିନ୍ଧିଛନ୍ତି ଏବଂ ପରିବାର ଲୋକଙ୍କ ମୃତ୍ୟୁ ସମ୍ପର୍କିତ ବୟାନ ଉଲ୍ଲେଖ କରାଯାଇଥାଏ। ଏହା ପରେ ଶବ ସଂରକ୍ଷଣ ଗୃହରୁ ଶବକୁ ଶବ ବ୍ୟବଚ୍ଛେଦ ଗୃହକୁ ସ୍ଥାନାନ୍ତର କରାଯାଏ। ସେଠାରେ ଥିବା ଗ୍ରୁପ ଡି କର୍ମଚାରୀ ଶବକୁ ବ୍ୟବଚ୍ଛେଦ ପରେ ଉପସ୍ଥିତ ଡାକ୍ତର ଯାଞ୍ଚ କରି ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ମଙ୍ଗଳାବାଗ ଥାନାର ଜଣେ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଦିନ ସମୟରେ ସାଧାରଣତଃ ଗୋଟିଏ ଶବ ବ୍ୟବଚ୍ଛେଦ ପାଇଁ ଦେଢ଼ ଘଣ୍ଟା ସମୟ ଲାଗିବା କଥା। କିନ୍ତୁ ଏଫଏମଟିରେ ଡାକ୍ତର ସମସ୍ୟା ଯୋଗୁଁ ୪ରୁ ୫ ଘଣ୍ଟା ଲାଗିଯାଉଛି। ଅପରାହ୍ଣ ୫ଟା ପରେ ବ୍ୟବଚ୍ଛେଦ ହେଉନଥିବାରୁ ପରଦିନକୁ ଯଦି ଶବ ରହୁଛି, ତେବେ ପରଦିନ ଶବ ମିଳିଲା ବେଳକୁ କ୍ରମିକ ନଂ ଅନୁଯାୟୀ, ପାଖାପାଖି ଦିନ ଦୁଇଟା ବାଜିଯାଉଛି। ମୋଟ ଉପରେ କହିବାକୁ ଗଲେ ୫ଟା ପରେ ଯଦି ଶବ ବଡ଼ ଡାକ୍ତରଖାନା ଯାଉଛି, ତେବେ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର ହେବା ପାଇଁ ୧୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଯାଉଛି। ଅନ୍ୟପଟେ ଦିନ ୧୦ରୁ ୫ଟା ଯାଏ ଶବ ବ୍ୟବଚ୍ଛେଦ ହେବା କଥା। କିନ୍ତୁ ଏଥିରେ ବିବ୍ୟତିକ୍ରମ ଦେଖାଯାଉଛି। ଡାକ୍ତର ନିଜ ବିଭାଗରେ ଉପସ୍ଥାପନ ପକାଇ ବ୍ୟବଚ୍ଛେଦ ଗୃହକୁ ଆସିବା ବେଳକୁ ଅନେକ ସମୟରେ ୧୧ଟା ପାର୍ ହୋଇଯାଉଛି।

# ବିଜେଡି ବିଧାୟକଙ୍କୁ ଗାଁରେ ପୂରାଇ ଦେଉନାହାନ୍ତି ଭୋଟର

କଙ୍କଡ଼ାହାଡ଼, ୧୭/୫ (ନି.ପ୍ର): ପ୍ରଚାର ବେଳେ ବିଭିନ୍ନ ଗାଁରେ ପର୍ଜଙ୍ଗ ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଡା. ନୃସିଂହ ସାହୁଙ୍କୁ ବିରୋଧର ସାମ୍ନା କରିବାକୁ ପଡୁଛି। ଲୋକ ଗାଡ଼ି ଅଟକାଇ ବିଧାୟକଙ୍କୁ କାମର ହିସାବ ମାଗୁଛନ୍ତି। ରାସ୍ତାରେ ବସିରହି ବିଧାୟକଙ୍କୁ ଗାଁରେ ପୂରାଇ ଦେଉନାହାନ୍ତି। ମତଦାନ ତାରିଖକୁ ୧୦ ଦିନରୁ କମ୍ ଥିବାବେଳେ ଶାସକ ଦଳ ପ୍ରାର୍ଥୀ ନିତିଦିନ ହଟହଟା ହେବା ରାଜନୈତିକ ମାହୋଲକୁ ଗରମ କରିଛି। ସୂଚନା ମୁତାବକ, ଆଜି କଙ୍କଡ଼ାହାଡ଼ ବ୍ଲକ୍ ବିରିବୋଲେଇ ଗାଁରେ ନୃସିଂହ ସାହୁଙ୍କ ପ୍ରଚାର ଶୋଭାଯାତ୍ରା କାର୍ଯ୍ୟକ୍ରମ ଥିଲା। ନିର୍ଦ୍ଧାରିତ ସମୟରେ ଡା. ସାହୁ ତାଙ୍କ ସମର୍ଥକଙ୍କୁ ଧରି ଗାଁ ନିକଟରେ ପହଞ୍ଚିଥିଲେ। କିନ୍ତୁ ବିଧାୟକ ପହଞ୍ଚିବା କ୍ଷଣି ଗାଁଲୋକେ ବାଟ ଓଗାଳିଥିଲେ। ଗାଁ ପାଇଁ କ'ଣ କାମ କରିଛ ଆଗେ ହିସାବ ଦିଅ, ପରେ ଗାଁକୁ ଯିବ ବୋଲି ଲୋକେ କହିଥିଲେ। ଡାକ୍ତରଖାନାରେ ଡାକ୍ତର ନଥିବାବେଳେ ହାଟ, କଲେଜ ଆଦି ସମସ୍ୟା ନେଇ ଲୋକେ ବିଧାୟକଙ୍କୁ ଘେରିଥିଲେ। ଗାଁ ସମସ୍ୟା ନେଇ ବିଧାୟକଙ୍କ ପାଖକୁ ଗଲେ ସେ ଶୁଣୁ ନଥିବା ବେଳେ କେଉଁ ମୁହଁରେ ଭୋଟ୍ ମାଗିବାକୁ ଆସିଛନ୍ତି ବୋଲି



ଲୋକେ ପ୍ରଶ୍ନ କରିଥିଲେ। ଭୋଟରଙ୍କ ପ୍ରଶ୍ନବାଣରେ ଘାଇଲା ହୋଇଥିଲେ ବିଧାୟକ ଡା. ସାହୁ। ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିକାଶର ହିସାବ ମାଗି ଲୋକେ ପ୍ରଚାର ଗାଡ଼ି ଓ ବିଧାୟକଙ୍କୁ ଗାଁରେ ପୂରାଇ ଦେଇ ନଥିଲେ। ଯାହାକୁ ନେଇ ନୃସିଂହ ସାହୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାରେ ଛିଡ଼ା ହୋଇ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଜେପି ଓ ବିଜେଡି ଦଳର କର୍ମୀମାନେ ହୋ-ହଲ୍ଲା କରିଥିଲେ। ଉକ୍ତ ସମୟର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବିଜୁଳି ବେଗରେ ଭାଇରାଲ୍ ହୋଇଥିଲା। ଖବର ପାଇ ମହାବିରୋଡ଼ ପୁଲିସ ବିରିବୋଲେଇ ଗାଁ ନିକଟରେ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରଚାର ଗାଡ଼ି ଓ ବିଧାୟକଙ୍କୁ ଆଗକୁ ଯିବାକୁ ରାସ୍ତା ଦେଇଥିଲା। ପରେ ବିଧାୟକ ଡା. ସାହୁଙ୍କ ଗାଡ଼ି ଆଗକୁ ଗଡ଼ିଥିଲା। ଗତକାଲି ମଧ୍ୟ ମକୁଆକାଟେଣି ପଞ୍ଚାୟତ ଖଜୁରିଆ ଗାଁରେ ଡା. ସାହୁଙ୍କୁ ଲୋକେ ବିରୋଧ କରିଥିଲେ। ପରେ ବିଜେଡି କର୍ମୀ ଜବରଦସ୍ତ ଗାଁ ଭିତରକୁ ପ୍ରଚାର ଗାଡ଼ି ନେଇ ପ୍ରଚାର କରି ଫେରିଥିଲେ। ଏନେଇ କଙ୍କଡ଼ାହାଡ଼ ଥାନାରେ ଉଭୟ ପକ୍ଷ ଏତଲା ଦେଇଥିଲେ। ସୂଚନାଯୋଗ୍ୟ, ୨୦୦୯ରୁ ଡା. ସାହୁ ପର୍ଜଙ୍ଗ ଆସନରୁ ଲଗାତାର ୩ ଥର ବିଧାୟକ ଭାବେ ଜିତି ଆସିଛନ୍ତି। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ବିକାଶ ଆଖିଦୃଶିଆ ହୋଇ ନଥିବା ଲୋକେ ଅଭିଯୋଗ କରିଛନ୍ତି। ୨୦୧୯ ନିର୍ବାଚନରେ ଡା. ସାହୁ ମାତ୍ର ୭ଶହ ଖଣ୍ଡ ଭୋଟରେ ଜିତିଥିଲେ।

## ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ଗାଡ଼ି ଯାଂଚ

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ସାହରର ବିଭିନ୍ନ ସ୍ଥାନରେ ଗାଡି ଯାଂଚ ଚାଲିଛି। କେନ୍ଦ୍ରାପଡା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତିନିମୁହାଣୀ ଛକ ଓ କଲେଜ ଛକ ନିକଟ କଟକ- ଚାନ୍ଦବାଲି ରାସ୍ତାରେ ଚଳାଚଳ କରୁଥିବା କାର, ଟ୍ୟାକ୍ସି ସମେତ ବିଭିନ୍ନ ଚାରି ଚକିଆ ଯାନଗୁଡିକର କଡାକଡି ଯାଂଚ କରାଯାଉଛି । ପୋଲିସ ପ୍ରଶାସନ ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନକୁ ନିରପେକ୍ଷ, ଶୃଙ୍ଖଳିତ, ସ୍ୱଚ୍ଛ ଓ ଅବାଧ ମୁକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଦିଲ୍ଲିପି କୁମାର ସାହୁ ଓ ରିଜର୍ଭ ପୋଲିସ ଇନିସପେକ୍ଟର ପ୍ରଶାନ୍ତ କୁମାର ରଣସିଂଙ୍କ ନେତୃତ୍ୱରେ ଏସ. ଆଇ. ଜାକଲିନ୍ ପରିଜା, ଏସ.ଆଇ. ଲକ୍ଷ୍ମୀପ୍ରିୟା ସାହୁ ଓ ଏ.ଏସ.ଆଇ. ବୃନ୍ଦାବନ ବେହେରାଙ୍କ ତତ୍ୱାବଧାନରେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ଏବଂ ସି.ଆଇ.ଏସ୍,ଏଫର ଜୱାନମାନଙ୍କୁ ନେଇ ଏହି ଯାଂଚ କରାଯାଉଛି । ନିର୍ବାଚନ ମହାପର୍ବ ଆରମ୍ଭ ହୋଇଯାଇଥିବା ବେଳେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଏହି ଯାଂଚ କରାଯାଉଛି।

# ଆଦିବାସୀଙ୍କ ରୋଜଗାରର ମାଧ୍ୟମ ପାଲଟିଛି ଟୋଲା ମଞ୍ଜି: ଦର ନଥିବାରୁ ଫାଇଦା ଉଠାଉଛନ୍ତି ଦଲାଲ

ମାଲକାନଗିର, ୧୭/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହି ଜିଲ୍ଲାର ଆଦିବାସୀ ବିଭିନ୍ନ ଋତୁରେ ଜଂଗଲରୁ ମିଳୁଥିବା ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ବେଳେ ସେଗୁଡିକ ବିକ୍ରି କରି ନିଜର ଆର୍ଥିକ ସ୍ଥିତି ସୁଦୃଢ କରିଥାନ୍ତି। ଜଂଗଲରୁ ମହୁଲ, ଝୁଣା, କରଡି, କାଠ, ବାଉଁଶ, ଛତୁ, ମହୁ, କନ୍ଦା ଭଳି ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ନିଜେ ଖାଦ୍ୟ ରୂପେ ବ୍ୟବହାର କରିବା ପରେ ବଜାରରେ ବିକ୍ରି କରିଥାନ୍ତି। ଫେବ୍ରୁଆରିରୁ ଏପ୍ରିଲ ପର୍ଯନ୍ତ ମହୁଲ ସରିଲା ପରେ ଏବେ ଟୋଲା ମଞ୍ଜି ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପରିବାରର ସମସ୍ତ ସଦସ୍ୟ ସକାଳ ୬ଟାରୁ ହିଁ ଜଂଗଲକୁ ଯାଇ ମହୁଲ ଗଛ ତଳେ ପଡିଥିବା ଟୋଲା ମଞ୍ଜିକୁ ସଂଗ୍ରହ କରିଥାନ୍ତି। ଏଥିରେ ପିଲାମାନେ ମଧ ବାଦ ପଡିନଥାନ୍ତି। ସ୍କୁଲ ଛୁଟି ଥିବାରୁ ଆଦିବାସୀ ପିଲାମାନେ ନିଜ ବାପା ମା'ଙ୍କ ସହ ମିଶି ଟୋଲା ମଞ୍ଜି ଗୋଟାଇବାକୁ ଯାଇଥାନ୍ତି। ସଂଧ୍ୟାରେ ଘରକୁ ଫେରିବା ପରେ ଟୋଲାରୁ ମଞ୍ଜି ବଛାଯାଇଥାଏ। ପ୍ରବଳ ଖରା



ହେଉଥିବାରୁ ଲୋକେ ସକାଳୁ ଥରେ ଏବଂ ଅପରାହ୍ନରେ ଥରେ ଜଂଗଲକୁ ଯାଇଥାନ୍ତି। ଏବେ ଜିଲ୍ଲାର ଗାଁ ଗାଁରେ ଟୋରା ମଞ୍ଜି ସଂଗ୍ରହ ଚାଲିଛି।ଏହି ଟୋଲା ମଞ୍ଜିକୁ ଖରିଦ କରିବା ପାଇଁ ଦଲାଲମାନେ ଗାଁ ଗାଁରେ ବସା ବାନ୍ଧିଲେଣି। ବିଶେଷକରି ଛତିଶଗଡ ଦଲାଲଙ୍କ ରାଜୁତି ଚାଲେ। ବଜାରରେ ଟୋଲା ମଞ୍ଜି କିଲୋ ପ୍ରତି ୮୦ରୁ ଶହେ ଟଂକା ମଧରେ ରହିଥିବା ବେଳେ ଦଲାଲମାନେ ଗାଁ ଗାଁରେ ବୁଲି ୨୦ରୁ ୩୦ ଟଂକା ମଧରେ କିଣିଥାନ୍ତି, ଯାହାଦ୍ୱାରା ସରଳ ନିରୀହ ଆଦିବାସୀ ଠକାମିର ଶିକାର ହୁଅନ୍ତି। ଦିନ ଦିନ ଧରି ଟୋଲା ମଞ୍ଜି ସଂଗ୍ରହ କରିବା ଏବଂ ଦିନ ତମାମ ବସି ଟୋଲାରୁ ମଞ୍ଜି ବାହାର କରିବା କାମ ବେଶ କଷ୍ଟକର ହୋଇଥିବା ବେଳେ ଏହାର ଉଚିତ ମୂଲ୍ୟ ନପାଇ ଆଦିବାସୀ ଭାଇଭଉଣୀମାନେ କାହା ନିକଟରେ ଗୁହାରି ମଧ କରିନଥାନ୍ତି। ସରକାରଙ୍କ ତରଫରୁ ପ୍ରତିବର୍ଷ ଏହାର ମୂଲ୍ୟ ଯଦି ଧାର୍ଯ୍ୟ କରାଯାଇଥାନ୍ତା ତେବେ ସରଳ ଆଦିବାସୀ ଏହାର ଉଚିତ ମୂଲ୍ୟ ପାଇପାରନ୍ତେ ବୋଲି କୁହାଯାଇଛି। ଏନେଇ ଭୀମା ମାଡକାମୀ କହନ୍ତି କି ମହୁଲ ଓ ଟୋଲା ମଞ୍ଜି ବିକ୍ରି ଆମେ ପ୍ରତିବର୍ଷ ଦିପଇସା ରୋଜଗାର କରିଥାଉ। କିନ୍ତୁ ଏହାର ଉଚିତ ଦାମ କେତେ ନଜାଣି ଦଲାଲମାନଙ୍କ ହାତରେ ଟେକି ଦେଇଥାଉ ବୋଲି କହନ୍ତି। ଛତିଶଗଡ ବେପାରୀମାନେ ଗାଁରୁ କମ୍ ଦରରେ ଟୋଲା ମଞ୍ଜି କିଣି ବେଶ ଲାଭବାନ ହେଉଥିବା ଦେଖିବାକୁ ମିଳିଛି।ବର୍ଷ ବର୍ଷ ଧରି ଏଭଳି ସ୍ଥିତି ରହିଥିବା ବେଳେ ସରକାର କେବେ ଚେତିବେ ଏବଂ ଜଂଗଲଜାତ ଦ୍ରବ୍ୟ ଉପରେ କଟକଣା ଲଗାଇବା ସହ ଏହାର ମୂଲ୍ୟ ଧାର୍ଯ୍ୟ କରି ଆଦିବାସୀଙ୍କୁ ସେମାନଙ୍କର ହକ୍ ଦେବେ ଦେଖିବାକୁ ବାକି ରହିଲା।

## ଜିଲ୍ଲା ଯାଦବ ମହାସଭା ନିର୍ବାଚନ କମିଟିର ଗସ୍ତ

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ନିର୍ବାଚନ କମିଟିର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ଜିଲ୍ଲା ଯାଦବ ମହାସଭାର ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ କମିଟିର ଅନ୍ୟ ସଦସ୍ୟମାନେ ରାଜନଗର ଓ ପଟ୍ଟାମୁଣ୍ଡାଇ ମହାସଭା କମିଟିର ସଦସ୍ୟମାନଙ୍କ ସହ ଯାଦବମାନଙ୍କ ସମସ୍ୟା, ସଂସ୍କୃତି ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ଉପରେ ବିସ୍ତୃତ ଭାବରେ ଆଲୋଚନା ସହ ଆଗାମୀ ନିର୍ବାଚନରେ ଯାଦବମାନଙ୍କ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରାଯିବ ତାହା ଜିଲ୍ଲା କମିଟି ତରଫରୁ ନିଷ୍ପତିକୁ ଅପେକ୍ଷା କରାଯାଇଛି। ୩ଟି ବ୍ଲକ ମହାକାଳପଡ଼ା ମାର୍ଶାଘାଇ ଓ କେନ୍ଦ୍ରାପଡ଼ା ପୌରାଂଚଳର ଯାଦବମାନଙ୍କ ନିଷ୍ପତିକୁ କେନ୍ଦ୍ର କମିଟି ଯାଇ ଆଲୋଚନା ସାରିଛି। ଆଗାମୀ ଦିନରେ ଆଳି ରାଜକନିକା ଯାଦବ ମହାସଭା ସହ ଆଲୋଚନା କରାଯାଇଥିଲା।

# ୩ପ୍ରମୁଖ ଦଳର ପ୍ରଚାର ଜୋରଦାର ଚାଲିଛି

ଖୋର୍ଦ୍ଧା,୧୦ମେ(ହି ସ): ନିର୍ବାଚନ ଦିନ ଯେତିକି ପାଖେଇ ଆସୁଛି। ବିଭିନ୍ନ ଦଳର ପାର୍ଥି ମାନେ ପ୍ରଚାରକୁ ସେତିକି ଜୋରଦାର କରିଛନ୍ତି। ଭୁବନେଶ୍ୱର ଲୋକ ସଭା ଏବଂ ୭ଟି ବିଧାନସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବା ନେଇ ସମ୍ଭାବନା ରହିଛି। ଲୋକ ସଭା ପ୍ରାର୍ଥୀଭାବେ ବିଜେଡିରୁ ମନ୍ମଥ ରାଉତରାୟ, ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସରୁ ସୟଦ ୟାସିର ନୱାଜଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ୩ଦଳର ପ୍ରାର୍ଥୀମାନେ ଦଳୀୟ ବିଧାୟକ ପ୍ରାର୍ଥୀଙ୍କୁ ନେଇ ରୋଡ୍ ଶୋ, ନିର୍ବାଚନ ସମ୍ମିଳନୀ କରିବା ସହ ଘରକୁ ଘର ବୁଲୁଛନ୍ତି। ଖୋର୍ଦ୍ଧା ବିଧାନସଭା ଆସନରେ ୧୦ଜଣ ପ୍ରାର୍ଥୀ ମଇଦାନରେ ରହିଥିବା ବେଳେ ବିଜେଡିରୁ ରାଜେନ୍ଦ୍ର ସାହୁ, ଭାଜପାରୁ ପ୍ରଶାନ୍ତ ଜଗଦ୍ଦେବ, ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ସେପଟେ କଂଗ୍ରେସରୁ ସୋନାଲି ସାହୁ ମଧ ପ୍ରଚାରକୁ ଓହ୍ଲାଇଛନ୍ତି। ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ବିଭିନ୍ନ ଗାଁ, ବସ୍ତି ବୁଲି ସମସ୍ୟାର ସମାଧାନ ପାଇ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ସେହିପରି ବେଗୁନିଆରେ ୧୨ଜଣ ପ୍ରାର୍ଥୀ ରହିଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁ, କଂଗ୍ରେସର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ମଧ୍ୟରେ ଲଢ଼େଇ ହେବ। ପ୍ରାର୍ଥୀମାନେ ବିଭିନ୍ନ ଗାଁ, ବସ୍ତି ବୁଲି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ଚିଲିକା ଆସନରେ ୯ଜଣ ପ୍ରାର୍ଥୀ ରହିଥିବା ବେଳେ ଏଠାରେ ମଧ ବିଜେଡିର ରଘୁନାଥ ସାହୁ, ଭାଜପାର ପୃଥ୍ୱୀରାଜ ହରିଚନ୍ଦନ ଏବଂ କଂଗ୍ରେସର ପ୍ରଦୀପ ସ୍ୱାଇଁଙ୍କ ମଧ ଟକ୍କର ହେବାକୁ ଯାଉଛି। ସେହିପରି ଜଟଣୀ ବିଧାନସଭା ଆସନରେ ୯ଜଣ ପ୍ରାର୍ଥୀ ରହିଥିବା ବେଳେ ଏଠାରେ ବିଜେଡିରୁ ବିଭୂତି ଭୂଷଣ ବଳବନ୍ତରାୟ, ଭାଜପାର ବିଶ୍ୱରଞ୍ଜନ ବଡଜେନା ଏବଂ କଂଗ୍ରେସର ସନ୍ତୋଷ ଜେନାଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି।

# ବନ୍ଦ ଘରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ଘଟଣା : ଅଭିଯୁକ୍ତ ପୁଅ ଗିରଫ

ବଲାଙ୍ଗିର, ୧୭/୫ (ନି.ପ୍ର): ବନ୍ଦ ଘରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ଘଟଣାରେ ଅଭିଯୁକ୍ତ ପୁଅ ମନୋଜ ଅଗ୍ରୱାଲ (୫୦)କୁ ଗିରଫ କରିଛି ପୋଲିସ । ସାମାନ୍ୟ ବଚସାକୁ କେନ୍ଦ୍ର କରି ମନୋଜ ମାଆକୁ ହତ୍ୟା କରିଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷୀକେଶ ଖିଲାରୀ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଗତ ୧୦ ତାରିଖ ରାତିରେ ବଲାଙ୍ଗିର ଟାଉନ୍ ଥାନା ଅନ୍ତର୍ଗତ ସୁଦପଡ଼ା ସ୍ଥିତ ହନୁମାନ ମନ୍ଦିରର ପଛ ପାର୍ଶ୍ୱରେ ରହୁଥିବା ଗୀତାଦେବୀ ଅଗ୍ରୱାଲଙ୍କ ଶବ ଉଲଗ୍ନ ଅବସ୍ଥାରେ ତାଙ୍କ ଘରୁ ଉଦ୍ଧାର କରାଯାଇଥିଲା । ଗତ ୧୧ ତାରିଖରେ ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ହେଲେ ପରବର୍ତୀ ସମୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ, ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଏବଂ ଲୋକଙ୍କ ବୟାନକୁ ଭିତି କରି ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ପରିବର୍ତିତ କରି ୩୭୬/୨୪ ରେ ଏକ ମାମଲା ରୁଜୁ କରିବା ସହ ଗତକାଲି ମୃତ ବୃଦ୍ଧା ଗୀତାଦେବୀଙ୍କ ପୁଅ ମନୋଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପ୍ରକାଶ ଥାଉକି, ମୃତ ବୃଦ୍ଧା ଗୀତାଦେବୀ ଅଗ୍ରୱାଲଙ୍କ ସ୍ୱାମୀ ସ୍ୱର୍ଗତ ରାଧେଶ୍ୟାମ ଅଗ୍ରୱାଲ । ରାଧେଶ୍ୟାମଙ୍କ ମୃତ୍ୟୁ ପରଠାରୁ ଗୀତାଦେବୀ ପୁଅ ମନୋଜ ସହିତ ରହୁଥିଲେ । ସେ ପାମ୍ପଡ଼ ତିଆରି କରି ଘର ଘର ବୁଲି ବୁଲି ଏହାକୁ ବିକି ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ମଦ୍ୟପ ପୁଅ ମନୋଜ କିଛି କାମଧନ୍ଦା ନକରି ଅନେକ ସମୟରେ ମାଆ ଠାରୁ ଜୋରଜବରଦସ୍ତ ଟଙ୍କା ନେଇ ମଦ ପିଉଥିଲା ବୋଲି ତାଙ୍କ ଭଉଣୀ ସୁଶିଳା ଅଗ୍ରୱାଲ ଅଭିଯୋଗ କରିଛନ୍ତି । ମୃତ ବୃଦ୍ଧାଙ୍କ ନାତି ରାଧାରାଣୀପଡ଼ାର ଶଙ୍କର ଅଗ୍ରୱାଲ ଏନେଇ ଥାନାରେ ଏତଲା କରିଥିଲେ ।

# ଅମୃତିଆ ରାସ୍ତାରେ ଅଧାରୁ କାମ ଛାଡ଼ି ଠିକାଦାର ଛୁ

କୋରାଇ, ୧୭/୫ (ନି.ପ୍ର): ଅମୃତିଆ ଠାରୁ ପାଣିକୋଇଲି ରଗଡ଼ି ପୂର୍ତବିଭାଗ ରାସ୍ତା ଏବେ ଅର୍ଦ୍ଧନିର୍ମିତ। ପୂର୍ବରୁ ପାଣିକୋଇଲି ରଗଡ଼ି ପୂର୍ତ ବିଭାଗ ରାସ୍ତା ଠାରୁ ଅମୃତିଆ ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ୨୦୨୩ ମସିହା ଏହି ରାସ୍ତାକୁ ବଢ଼ାଯାଇ ଅମୃତିଆ ଠାରେ ଜୋର ଉପରେ ସେତୁ ନିର୍ମାଣ କରାଯିବା ସହ ଏହାକୁ ସମ୍ପ୍ରସାରଣ କରାଯିବା ସହିତ ରାସ୍ତାକୁ ସଠିପୁର ବରୁଣ୍ଡାଇ ରାସ୍ତାରେ ସଂଯୋଗୀ କରଣ କରାଯାଇଥିଲା। ଅମୃତିଆ ଗ୍ରାମ ପର୍ଯ୍ୟନ୍ତ ପିଚୁ କରାଯିବା ସହ ଅମୃତିଆ ପୋଲ ଠାରୁ ସଠିପୁର ବରୁଣ୍ଡାଇ ରାସ୍ତା ପର୍ଯ୍ୟନ୍ତ ଫେବର ଇଟାରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା । ତଦନୁଯାୟୀ କାର୍ଯ୍ୟାରମ୍ଭ ହୋଇଥିଲା । ମାତ୍ର ନିମ୍ନମାନର କାମ ଯୋଗୁ ଅନେକ ସମୟରେ ଫେବର ଇଟାର ୱାଲ ଭାଙ୍ଗିଯାଇଥିଲା। ଅମୃତିଆ ପୋଲ ଠାରୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫେବର ଇଟା ପକାଯାଇଛି। ହେଲେ ପଂଚାୟତ ଅଫିସ ଠାରୁ ସଠିପୁର ବରୁଣ୍ଡାଇ ରାସ୍ତା ପର୍ଯ୍ୟନ୍ତ ରାସ୍ତାର ଦୁଇ ପଟରେ ସିମେଂଟ ୱାଲ ହୋଇ କାମ ବନ୍ଦ ରହିଛି। ଏହି ମଧ୍ୟରେ ଅନେକ ସ୍ଥାନରେ ବାଲି ଇଟା ଓ ଚିପ୍ସ ପଡ଼ି ରହିଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ହେଲେ ଠିକାଦାର କାମ ବନ୍ଦ କରି ଛୁ ମାରିଛି । ଯାହା ଫଳରେ ସିମେଂଟ ୱାଲ ଥିବାରୁ ଦୁଇଟି ଗାଡ଼ି ଯାତାୟତ କରିବା ଅସମ୍ଭବ ହୋଇପଡ଼ିଛି। ଯଦି ଏହି ରାସ୍ତାରେ ଅଜାଣତରେ କେହି ଗାଡ଼ି ପୁରାଇ ଦେଇଛି ଅନ୍ୟ ପକ୍ଷରୁ ଯଦି ଗାଡ଼ି ଆସିଯାଇଛି ତା'ହେଲେ ଏହାକୁ ବାହାର କରିବା ପାଇଁ ଘଂଟା ଘଂଟା ସମୟ ଲାଗୁଛି। ଏହି ରାସ୍ତା ଉପରେ ପାଣିକୋଇଲି ଅସିବା ପାଇଁ ଅମୃତିଆ, ମକୁନ୍ଦପୁର, ବନ୍ଦାଲୋ, ବରୁଣ୍ଡାଇ, ତାରାକୋଟ, ଗୌରପୁର, ରଣପୁର ଆଦି ପଂଚାୟତର ଅଧିବାସୀମାନେ ନିର୍ଭର କରୁଥିବାବେଳେ ରାସ୍ତା କାମ ଅଧାରୁ ବନ୍ଦ ରହିବା ଯୋଗୁ ଜନସାଧାରଣ ନାହିଁ ନଥିବା ଅସୁବିଧାରର ସମ୍ମୁଖିନ ହେବାକୁ ପଡୁଛି । କେଉଁ କାରଣରୁ କି ଉଦ୍ଦେଶ୍ୟରେ ଠିକାଦାର କାମ ଛାଡ଼ି ଚାଲିଯାଇଛି ତାହା ସମସ୍ତଙ୍କୁ ଅଗୋଚର ରହଛି। ଏଦିଗରେ ବିଭାଗୀୟ ଅଧିକାରୀମାନେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଯାହା ଦ୍ୱାରା କେବଳ ଜନସାଧାରଣ ହନ୍ତସନ୍ତ ହେବା ସାର ହୋଇଛି। ଅତ୍ୟନ୍ତ ଜରୁରୀ ସେବା ଆମ୍ବୁଲାନ୍ସ ବା ଦମକଳ ଆସିବା ବନ୍ଦ ହୋଇଛି। ଜିଲ୍ଲାପାଳ ଏଦିଗରେ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅମୃତିଆ ଗ୍ରାମବାସୀ ତଥା ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## କେନ୍ଦ୍ରାପଡ଼ା ପୌରସଂସ୍ଥା ବ୍ୟାଙ୍କ ଆକାଉଂଟରୁ ୩ଲକ୍ଷ ୬୬ହଜାର ଟଙ୍କା ଗାଏବ

କେନ୍ଦ୍ରାପଡ଼ା, ୧୭/୫ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥାର ଭାରତୀୟ ଷ୍ଟେଟବ୍ୟାଙ୍କ କେନ୍ଦ୍ରାପଡା ବଜାର ଶାଖାରେ ଥିବା ପାସବୁକରୁ ୩ଲକ୍ଷ ୬୬ହଜାର ୨୭ଟଙ୍କା କେହି ୭ଟି ଚେକ ମାଧ୍ୟମରେ ଉଠାଇ ନେଇଥିବା ନେଇ ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହି ଅଭିଯୋଗକୁ ଭିତିକରି ଥାନା କେଶ ନମ୍ବର- ୯୭/୨୦୨୪ରେ ଆଇ.ପି.ସି.ର ୪୨୦ଦଫାରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ପୌରନିର୍ବାହୀ ଅଧିକାରୀଙ୍କ ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ବଜାର ଶାଖା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଥିବା ପୌରସଂସ୍ଥା ଜମାବହିରୁ ଗତ ତା ୨୭.୦୨.୨୦୨୪ରିଖରୁ ୬.୦୫.୨୦୨୪ରିଖ ମଧ୍ୟରେ ୭ଥରରେ ୭ଟି ଚେକ ମାଧ୍ୟମରେ ମୋଟ ୩ଲକ୍ଷ ୬୬ହଜାର ୨୭ଟଙ୍କା କେହି ଉଠାଇ ନେଇଯାଇଛି। ସେଭଳି କୋଣସି ଚେକ ପୌରସଂସ୍ଥା ପକ୍ଷରୁ କାହାରିକୁ ପ୍ରଦାନ କରାଯାଇନଥିବା ବେଳେ କିଭଳି ସେହିସବୁ ଚେକରେ ଟଙ୍କା ଉଠାଇନିଆଗଲା ବୋଲି ପୌରନିର୍ବାହୀ ଅଧିକାରୀ ଅଭିଯୋଗ କରିଛନ୍ତି। ଟଙ୍କା ଉଠାଇ ନିଆଯାଇଥିବା ୭ଟି ଚେକ ସମେତ ଅନ୍ୟ ଅବ୍ୟବହୃତ ଚେକ ଥିବା ବହିଟି ତଦନ୍ତ ନିମନ୍ତେ ସଂପୃକ୍ତ ବ୍ୟାଙ୍କ ଶାଖାକୁ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ କର କହିଛନ୍ତି। ଟାଉନ ଥାନା ପକ୍ଷରୁ ଏ ନେଇ ମାମଲା ରୁଜୁ କରାଯିବା ପରେ ସବଇନିସପେକ୍ଟର ରତରଞ୍ଜନ ନାୟକଙ୍କୁ ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଥାନାଅଧିକାରୀ ଦିଲ୍ଲିପ କୁମାର ସାହୁ କହିଛନ୍ତି।

# କରଦା ପଂଚାୟତରେ ଆକାଶଙ୍କ ଘର ଘର ପ୍ରଚାର

କୋରାଇ, ୧୭/୫ (ନି.ପ୍ର): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ସରଗରମ ହେଉଛି। କୋରେଇ ବିଧାନସଭା ନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥି ଆକାଶ ଦାସନାୟକ ଘର ଘର ପ୍ରଚାର ଅଭିଯାନ ଜାରିରଖିଛନ୍ତି। ଏହି କ୍ରମରେ ଆଜି କରଦା ପଂଚାୟତର ବର୍ତମଣା ଗ୍ରାମରୁ ଏହାର ଶୁଭାରମ୍ଭ କରାଯାଇ ପଂଚାୟତର ସମସ୍ତ ପଳସା, ଆମ୍ବଗଡ଼ିଆ, ରାଣୀଗୋଡ଼ା, ଭକଣ୍ଡରୀ, ବାଘନଟା, କରଦା ଆଦି ଗ୍ରାମକୁ ଏହାକୁ ଯାଇ ଜନସାଧାରଣଙ୍କ ସହ ସିଧାସଳଖ ଯୋଡ଼ି ହୋଇଛନ୍ତି ଆକାଶ । ଶତାଧିକ ସମର୍ଥକଙ୍କ ଗହଣରେ ବାଇକ ଶୋଭାଯାତ୍ରାରେ ଆସି ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କୁ ଅକୁଣ୍ଠ ସହଯୋଗ ଓ ସମର୍ଥନ ଏବଂ ଆଶୀର୍ବାଦ ମିଳୁଥିବା ଦେଖିବାକୁ ମିଳିଛି। ବିଶେଷ କରି ମହିଳା ମାନେ ଆକାଶଙ୍କୁ ଅଧିକ ଆଶୀର୍ବାଦ କରୁଥିବା ଦେଖିବାକୁ ମିଳିଛି । ପଂଚାୟତ ବିଜେପି ସଭାପତି କାର୍ତିକ ସାହୁ, ରବିନ୍ଦ୍ର ନାୟକ, ଅରୁଣ ପଲେଇ, ଭାସ୍କର ସାହୁ, ରଂଜନ ସାହୁ, ଘନଶ୍ୟାମ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

# ସୁକୁମାର ହେଲେ ବାରିପଦା ନିର୍ବାଚନ ମଣ୍ଡଳୀ ବିଜେଡି ମିଡ଼ିଆ ସଂଯୋଜକ



ବାରିପଦା, ୧୭/୫ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନ ଓ ଓଡିଶା ବିଧାନସଭା ୨୦୨୪ ନିର୍ବାଚନ କୁ ଆଖିଆଗରେ ରଖି ବିଜେଡି ସୁପ୍ରିମୋ ତଥା ଓଡିଶା ର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ,ବିଜେଡି ସାଙ୍ଗଠନିକ ସମ୍ପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ, ସହ ପର୍ଯ୍ୟବେକ୍ଷକ ଜନ୍ମଞ୍ଜୟ ଲେଙ୍କାଙ୍କ ଅନୁମୋଦନ କ୍ରମେ ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଜିତେନ୍ଦ୍ର ମହାନ୍ତି ( ନଛି ) ସୁକୁମାର ରଞ୍ଜନ ପ୍ରଧାନଙ୍କୁ ବାରିପଦା ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି । ଏହି ନିଯୁକ୍ତି ପାଇଁ ଶ୍ରୀ ପ୍ରଧାନ ଉପରିସ୍ଥ ସମସ୍ତଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ ଜଣାଇବା ସହିତ,, ମୟୁରଭଞ୍ଜ ଜିଲ୍ଲା ପୂର୍ବତନ ମନ୍ତ୍ରୀ ତଥା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି , ବାରିପଦା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ସାନନ୍ଦ ମାରାଣ୍ଡି, ଆଦିବାସୀ ପରାମର୍ଶ ବିଭାଗ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ କୁମାର ନାୟକ, ବାରିପଦା ନଗର ପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ନେତା ସୁନୀଲ ଦାଶ,ଉପ ନଗର ପାଳ ସୀମା ଦାସ,ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ରାଜ୍ୟ ସମ୍ପାଦକ ରାଜୀବ ଜେନା, ଅନନ୍ତ ଦାସ, ସରୋଜ ବୋଷ, ବାରିପଦା କୋଡିନେଟର ଶ୍ରାବଣୀ ଦାସ ଓ ସବିତା ବେହେରା, ନିରୋଜ ସାହୁ, ଜୋନ ମହାନ୍ତି, ପ୍ରଭାତ ମହାନ୍ତି, ବିଜେଡି ଛାତ୍ର ସଭାପତି ସୁନୀଲ ନାଏକ, ଅରୁଣ ବରାଡ଼,ଅଭାସ ଦେ ପ୍ରମୁଖଙ୍କୁ କୃତଜ୍ଞତାର ସହିତ ଧନ୍ୟବାଦ ଦେଇଛନ୍ତି ।

# ବିଧାନସଭା ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ନିର୍ବାଚନୀ ସଭା



ବାସୁଦେବପୁର , ୧୭/୫ (ନି.ପ୍ର): ପ୍ରାର୍ଥୀପତ୍ର ଦାଖଲ ପରେ ସମସ୍ତ ରାଜନୈତିକ ଦଳ ର ନେତା ମାନେ ଭୋଟର ମାନଙ୍କୁ ନିଜ ଦଳ ଆଡ଼କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସଭାସମିତି ମାଧ୍ୟମରେ ସରକାର ଙ୍କର ବିଭିନ୍ନ ଉନ୍ନତି ମୂଳକ ଯୋଜନାକୁ ଲୋକ ଲୋଚନକୁ ଆଣି ଭୋଟ ଭିକ୍ଷା କରୁଥିବା ର ଦେଖାଦେଇଛି ।ପାଞ୍ଚ ବର୍ଷରେ ଥରେ ଏହି ଯେଉଁ ରାଜନୈତିକ ପର୍ବ ଆସେ ଏହି ପର୍ବ ରେ ବିଭିନ୍ନ ରାଜନୈତିକ ଦଳ ମାନେ କେମିତି ଭୋଟର ମାନଙ୍କୁ ଆକୃଷ୍ଟ କରି ନିଜ ଦଳ ସପକ୍ଷରେ ଭୋଟ ଆଣିବା ପାଇଁ ଦିନ ରାତି ଏକ କରିଦେଇଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସ୍ୱତେ ଗ୍ରୀଷ୍ମ ର ତତଲା ତାତି କୁ ଖାତିରି ନକରି ନିଜ ଦଳ ସପକ୍ଷରେ ପ୍ରଚାର ଓ ପ୍ରସାର ଆରମ୍ଭ କରିଦେଇଛନ୍ତି ବିଭିନ୍ନ ରାଜନୈତିକ ଦଳ ର ନେତା ।ଏହି ପ୍ରରିପେକ୍ଷି ରେ ବାସୁଦେବପୁର ବିଜେଡି ଦଳର ବିଧାନସଭା ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ନିଜର ପ୍ରଚାର ଆରମ୍ଭ କରିଦେଇଥିବା ଦେଖାଦେଇଛି । ବିଭିନ୍ନ ସଭା ସମିତି ମଧ୍ୟରେ କେମିତି ଭୋଟର ମାନଙ୍କୁ ଆକୃଷ୍ଟ କରି ହେବ ସେଥିପାଇଁ କରି ଚାଲିଛନ୍ତି ମାରାଥନ୍ ନିର୍ବାଚନୀ ସଭା ।

# ସମ୍ଭବ ବାଲେଶ୍ୱର ତରଫରୁ ପଶୁ ପକ୍ଷୀଙ୍କ ପାଇଁ ଜନସଚେତନତା




ବାଲେଶ୍ୱର, ୧୭/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସମ୍ଭବ ବାଲେଶ୍ୱର ଅନୁଷ୍ଠାନ ତରଫରୁ ଜନ ସାଧାରଣଙ୍କୁ ସଚେତନତା ଓ ପଶୁ ପକ୍ଷୀ ମାନଙ୍କୁ କିପରି ଦୟା ଦେଖାଇବା ତାକୁ ନେଇ ଏକ କାର୍ଯ୍ୟ କ୍ରମ କରିଥିଲେ । ଏହି ଅନୁଷ୍ଠାନର ମୁଖ୍ୟ ସାମ୍ବାଦିକ ତାଙ୍କ ବାର୍ତ୍ତା ରେ କହିଥିଲେ ସରକାର ଜନ ସାଧାରଣଙ୍କ ପାଇଁ ଖରାଦିନେ ବହୁ ସ୍ଥାନରେ ଜଳଛତ୍ର ର ବ୍ୟବସ୍ଥା କରିଛନ୍ତି , କିନ୍ତୁ ପଶୁ ପକ୍ଷୀ ଙ୍କ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି । ତେଣୁ ସମ୍ଭବ ବାଲେଶ୍ୱର ଅନୁଷ୍ଠାନ କର୍ମକର୍ତ୍ତା ମାନେ ପଶୁ ପକ୍ଷୀ ମାନଙ୍କ ପାଇଁ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଜଳକୁଣ୍ଡ ର ବ୍ୟବସ୍ଥା କରିଛନ୍ତି । ଏପରିକି ଜନ ସାଧାରଣଙ୍କୁ ସମ୍ଭବ ବାଲେଶ୍ୱର ଅନୁଷ୍ଠାନ ର କର୍ମ କର୍ତ୍ତା ମାନେ ଅନୁରୋଧ କରି କହିଛନ୍ତି ଯେ ଲୋକମାନେ ପଶୁ ପକ୍ଷୀ ଙ୍କ ପାଇଁ ଜଳ ରଖି ସେ ନିରୀହ ପ୍ରାଣୀଙ୍କୁ ଦୟା ଦେଖାଇଲେ ଭଗବାନ ଆପଣଙ୍କ ମଙ୍ଗଳ କରିବେ । ପ୍ରତ୍ୟେକ ଲୋକଙ୍କୁ ପଶୁ ପକ୍ଷୀଙ୍କୁ ଜଳ ଦାନ କରିବା ପାଇଁ ସମ୍ଭବ ବାଲେଶ୍ୱର ଅନୁଷ୍ଠାନ ଅନୁରୋଧ କରିଛନ୍ତି ।

# ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

ନୀଳଗିରି , ୧୭/୫ (ନି.ପ୍ର): କୁଲଡ଼ିହା ଅଭୟାରଣ୍ୟର ଭେଜିଗୋଟ ଗ୍ରାମର ମେଦିନୀଶିଳା ଚଉଡମାଣିଆନାଳ ନିକଟରେ ବରହମପୁର ଥାନା ଅନ୍ତର୍ଗତ ଛତ୍ରପୁର ଗ୍ରାମର ମହେଶ୍ୱର ଦାସଙ୍କ ପୁଅ ଶତ୍ରୁଘ୍ନ ଦାସ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡିଛି । ଶତ୍ରୁଘ୍ନ ଶୁକ୍ରବାର ଦିନ ପ୍ରାୟ ୧୨ଟା ସମୟରେ ଘରୁ ପଳାଇ ଆସିଥିଲା । ଫେରିବାରେ ବିଳମ୍ବ ଯୋଗୁଁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଶେଷରେ ବାରଖାଦା ନିକଟ ଜଙ୍ଗଲ ରାସ୍ତାରେ ତାର ବାଇକ୍ ଟି ଛିଡା ହୋଇ ଥିବାର ଦେଖିବାକୁ ମିଳିଥିଲା । ସେଠାରେ ଖୋଜାଖୋଜି କଲାପରେ ଏକ ଗଛରେ ଝୁଲୁ ଥିବାର ଦେଖିବାକୁ ପାଇଥିଲେ । ଖବର ପାଇଁ ବରହମପୁର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ଶହ ମୃତ ଦେହକୁ ଜବତ କରିଛନ୍ତି । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଣି ଫେରିଲା ତାତି....

ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଲଜ୍‌ରେ ପୁଲିସ ....

କେମିତି ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ? ଯଦି ହତ୍ୟା, ଏହାର ପଛର କାରଣ କ'ଣ ? ଫେରାର୍ ଯୁବକଙ୍କ ସହ ମୃତକଙ୍କ ସମ୍ପର୍କ କଣ ? ପୁଲିସ ଏସବୁର ତଦନ୍ତ କରୁଛି । ସାଇଣ୍ଟିଫିକ୍ ଟିମ୍ ସହାୟତାରେ ହୋଟେଲ ରୁମରେ ତଦନ୍ତ କରିଛି ବଲାଙ୍ଗିର ଟାଉନ ଥାନା ପୁଲିସ ।

### ଖଲ୍ଲିକୋଟ ହିଂସାକାଣ୍ଡ...

ଦିଲ୍ଲୀପ ପାହାଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ବିଜେଡି କର୍ମୀମାନେ ତାଙ୍କୁ ହତ୍ୟା କରିଥିଲେ । ଏହି ଘଟଣାକୁ ନେଇ ବୁଧବାର ରାତିରୁ ଗୁରୁବାର ଅପରାହ୍ନ ପର୍ଯ୍ୟନ୍ତ ଅଶାନ୍ତ ହୋଇଥିଲା ଖଲ୍ଲିକୋଟ୍ । ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ପୁଲିସ ୯ ଜଣଙ୍କୁ ଗିରଫ କରିଥିଲା । ହେଲେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ତାଙ୍କର ପର୍ଚ୍ଚା ପାଉନି । ସୁରକ୍ଷା ଦୃଷ୍ଟିର ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିବା ବେଳେ ଥାନା ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା । ବିଜେପି ଦିଲ୍ଲୀପ ପାହାଣ ହତ୍ୟା ମାମଲାରେ ସ୍ଥାନୀୟ ବିଜେଡି ବିଧାୟକଙ୍କ ହାତ ଥିବା ଅଭିଯୋଗ ହେଉଥିଲା । ଆଜି ଏହି ଅଭିଯୋଗର ଜବାବ ରଖିଛନ୍ତି ଖଲ୍ଲିକୋଟ ବିଧାୟକଙ୍କ ସ୍ୱାମୀ ଦୈତାରୀ ବେହେରା । ସେ କହିଛନ୍ତି, ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ସେ (ଦିଲ୍ଲୀ) ପୂର୍ବରୁ ବିଜେଡି କର୍ମୀ ଥିଲେ । କୌଣସି ଶତ୍ରୁତା ତାଙ୍କ ସହ ନାହିଁ । କାହିଁକି ସେ ଏଭଳି କହୁଛନ୍ତି ମୁଁ ଜାଣିନି । କିନ୍ତୁ ତାଙ୍କ ମୃତ୍ୟୁରେ ମୁଁ ଦୁଃଖିତ । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରୁ ବୋଲି ଦୈତାରୀ କହିଛନ୍ତି ।

### ରାୟ ସଂରକ୍ଷିତ ରଖିଲେ...

କେସ୍‌ରେ ନୂଆ ପ୍ରମାଣ କେଉଁଠି ଅଛି ? ଗୋଆ ନିର୍ବାଚନରେ ପାଣ୍ଠି ଖର୍ଚ୍ଚ କରିବା ଅଭିଯୋଗର କୌଣସି ପ୍ରମାଣ ନାହିଁ ବୋଲି ସେ କହିଥିଲେ ।ଅବକାରୀ ନୀତି ଦୁର୍ନୀତିରୁ ମିଳିଥିବା ଲାଞ୍ଚ ଟଙ୍କାକୁ ଆପ୍ ? ଗୋଆ ନିର୍ବାଚନରେ ଖର୍ଚ୍ଚ କରିଥିବା ଇଡି ବାରମ୍ବାର ଦାବି କରିବାକୁ ସିଙ୍ଘଭୀ ଏପରି କହିଛନ୍ତି । ସେ କହିଛନ୍ତି, "ପୂରା ଅଭିଯୋଗ ୧୦୦ କୋଟି ଟଙ୍କାର । ଏହା ୨୦୨୩ ଅଗଷ୍ଟର ଅଭିଯୋଗ । ଏହା ପୁରୁଣା ଖବର । ୨୦୨୪ ମାର୍ଚ୍ଚରେ କେଜ୍ରିଓ୍ୱାଲଙ୍କୁ ଗିରଫ କରାଯାଇଛି । କୌଣସି ଟଙ୍କା କାରବାର ହୋଇନାହିଁ ।" ଗୋଆର ୭ଷ୍ଟାର ହୋଟେଲରେ କେଜ୍ରିଓ୍ୱାଲ ରହିଥିବା ନେଇ ଇଡି କରିଥିବା ଦାବିକୁ ମଧ୍ୟ ସିଙ୍ଘଭୀ ବିରୋଧ କରିଛନ୍ତି । ସେ କହିଛନ୍ତି, "ଅନେକ କଥା କୋର୍ଟଙ୍କ ଆଗରେ ଉପସ୍ଥାପନ କରାଯାଉଛି । ବର୍ତ୍ତମାନ କେହି ଗୋଟଏ ଚରଣପ୍ରୀତ ସିଂହ ସାମ୍ନାକୁ ଆସିଛନ୍ତି । ଚରଣପ୍ରୀତ ସିଂହ ଆଜି ଯାଏ କେଉଁଠି ଥିଲେ ? ତାଙ୍କୁ ବିଶ୍ୱାସ କରିବାର କାରଣ କ'ଣ ?" ସଲିସିଟର ଜେନରାଲ ତୁଷାର ମେହେଟାଙ୍କ ଲିଖିତ ନୋଟ ସମ୍ପର୍କରେ ସିଙ୍ଘଭୀ କହିଛନ୍ତି, "ଏପରି ନୋଟ ପୂରା ଭୁଲ । ମୁଁ ଯୁକ୍ତି ରଖିସାରିବା ପରେ ଆପଣ ଅଧାରୁ ଏପରି ଲିଖିତ ନୋଟ ରଖିପାରିବେ ନାହିଁ । ୧୦୦ କୋଟି କଥା କୁହାଯାଉଛି । କିନ୍ତୁ କେଜ୍ରିଓ୍ୱାଲଙ୍କୁ ଟଙ୍କା ଦେବା ନେଇ କୌଣସି ସାକ୍ଷୀ ନାହାନ୍ତି । ରାଜସାକ୍ଷୀ ବନିଥିବା ବ୍ୟକ୍ତି କେବଳ ୨୫ କୋଟି ଟଙ୍କା କଥା କହିଛନ୍ତି । ତେଣୁ ୧୦୦ କୋଟି ଏବେ ୨୫ କୋଟିରେ ପରିଣତ ହୋଇଛି । ଅଭିଯୁକ୍ତ ଅଭିଷେକ ବୋଇନାପାଲୀ ଏବେ କହୁଛନ୍ତି, ସେ କିଛି ପାଇନାହାନ୍ତି । ଗିରଫ ବେଳେ ଏହାକୁ ଯାଞ୍ଚ କରିବାର ପ୍ରଶ୍ନ ଉଠୁ ନାହିଁ ।" ଅରବିନ୍ଦ ଫାର୍ମାର ନିର୍ଦ୍ଦେଶକ ହେଉଛନ୍ତି ପି ଶରତ ଚନ୍ଦ୍ର ରେଡ୍ଡୀ । ସେ କିଣିଥିବା ନିର୍ବାଚନୀ ବଣ୍ଡ କଥା ମଧ୍ୟ ସିଙ୍ଘଭୀ ଉଠାଇଛନ୍ତି । ଶରତ ରେଡ୍ଡୀ ୫୫ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଥିଲେ । ତାଙ୍କ ବ୍ୟାକ ପେନ୍ ? ରହିଥିଲା । ପ୍ରଥମେ ଇଡି ତାଙ୍କର ଜାମିନକୁ ବିରୋଧ କରିଥିଲା । ପରେ ଆଉ ବିରୋଧ ଦେଖିବାକୁ ମିଳି ନଥିଲା । ସେ ପରବର୍ତ୍ତୀ ଅବସ୍ଥାରେ ରାଜସାକ୍ଷୀ ବନିଥିଲେ । ତାଙ୍କୁ କଥାରେ କେଜ୍ରିଓ୍ୱାଲଙ୍କୁ ଜେଲ ଭିତରକୁ ନିଆଯିବା ଯଥେଷ୍ଟ କି ?" ଏକଥା ଶୁଣିବା ପରେ ତୁଷାର ମେହେଟା କହିଥିଲେ ଯେ ଟଙ୍କା କାରବାର ପଛରେ ଥିବା ହାଓ୍ୱାଲା ଅପରେଟରକୁ ଏବେ ଗିରଫ କରାଯାଇଛି । ତେଣୁ ନୂଆ ପ୍ରମାଣ ଆଧାରରେ ଗିରଫ କରାଯାଇଛି । ଉଭୟ ପକ୍ଷକୁ ଶୁଣିବା ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ ।

### ୪ ଘଣ୍ଟାର କସରତ....

ଅଞ୍ଚଳରେ ବୁଲୁଥିଲା । ଗାଁ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ ବାଘଟିକୁ ଟ୍ରାଙ୍କୁଲାଇଜ୍ କରିବାକୁ ଚେଷ୍ଟା କରିଥିଲା । ହେଲେ ବନ ବିଭାଗ କର୍ମଚାରୀଙ୍କୁ ଚକ୍‌ମା ଦେଇଥିଲା ବାଘ । ତେଣୁ ନିରାଶ ହୋଇ ବନ ବିଭାଗ ଟିମ୍ ଜଗନ୍ନାଥପୁର ଗାଁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉପରେ ନଜର ରଖିଥିଲା । ଗୁରୁବାର ବାଘଟି ପୁଣି ଥରେ ଗାଁରେ ଦେଖିବାକୁ ମିଳିଥିଲା । ଟ୍ରାଙ୍କୁଲାଇଜ୍ ଟିମ୍ ସେଠାରେ ପହଞ୍ଚିଲା ବେଳକୁ ବାଘ ଚମ୍ପଟ ମାରିଥିଲା । ଜଗନ୍ନାଥପୁର ଗାଁରେ ଘୂରି ବୁଲୁଥିବା କଲରାପତରିଆ ବାଘଟି ଗୁରୁବାର ରାତିରେ ପ୍ରାୟ ୨୦ କିମି ଜଙ୍ଗଲିଆ ରାସ୍ତା ଅତିକ୍ରମ କରି ବାରିପଦା ସହରରେ ପହଞ୍ଚିଥିଲା । ଆଜି ସକାଳ ପ୍ରାୟ ସାଢ଼େ ୬ଟା ବେଳେ ବାଘଟି ସହର ଭିତରେ ଥିବା ବୁଢ଼ିଖମାରିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିଲା । ବାଘକୁ ଦେଖି ଗାଁ କୁକୁରମାନେ ବୋବାଇ ଥିଲେ । ତା'ପରେ ଗାଁ ଲୋକ କଲରାପତରିଆ ବାଘକୁ ବନ ବିଭାଗକୁ ଖବର ଦେଇଥିଲେ । ବାରିପଦା ବନ ବିଭାଗ, ଶିମିଳିପାଳ ଅଭୟାରଣ୍ୟ ଓ ଡଞ୍ଜଓର ସ୍ୱତନ୍ତ୍ର ଟିମ୍ ସେଠାରେ ପହଞ୍ଚି ବାଘକୁ କାବୁ କରିବା ପାଇଁ ଚେଷ୍ଟା କରିଥିଲେ । ହେଲେ ବାଘଟି ଝାବ ଭିତରେ ଲୁଚି ଯାଇଥିଲା । ସହର ଭିତରେ ବାଘ ପଶିଥିବା ଖବର ପ୍ରଚାରିତ ହେବା ପରେ ଲୋକଙ୍କ କହଳି ବଢ଼ିଥିଲା । ଲୋକଙ୍କ କହଳି ଭିତରେ ପ୍ରାୟ ୪ ଘଣ୍ଟାର କସରତ ପରେ ଦକ୍ଷିଣ ଶିମିଳିପାଳ ଉପ-ନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ ବାଘକୁ ଟ୍ରାଙ୍କୁଲାଇଜ୍ କରିଥିଲେ । ଟ୍ରାଙ୍କୁଲାଇଜ୍ ପରେ କଲରାପତରିଆ ବାଘକୁ ବନ ବିଭାଗର ମଞ୍ଚା ବନ୍ଧା ନର୍ସରୀରେ ରଖାଯାଇଛି । ଗତ ୪ ଦିନ ହେଲା ବାଘଟି ଏ ଗାଁରୁ ସେ ଗାଁ ଘୂରି ବୁଲୁଥିବାରୁ ଖାଇଛି ନାହିଁ ଜଣାପଡ଼ିନି । ବନ ବିଭାଗ ବାଘର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯାଉଛି । ପରବର୍ତ୍ତୀ ସମୟରେ ବାଘକୁ ଶିମିଳିପାଳର କୋର ଅଞ୍ଚଳରେ ଛଡ଼ାଯିବ ବୋଲି ଜଣାପଡ଼ିଛି । ବନ ବିଭାଗ କବ୍‌ଜାରେ ଥିବା ବାଘଟି ଅଣ୍ଡିରା ।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ବସ୍ତାରୁ ରହିଲେ ୧୦ ଜଣ

ବସ୍ତା,୧୭।୫(ନିପ୍ର):ଶନିବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ।ବାଲେଶ୍ୱର ଉପ ଜିଲାପାଳ ଅଫିସରେ ବସ୍ତା ନିର୍ବାଚନ ମଣ୍ଡଳୀ ର ସ୍ୱାଧୀନ ପ୍ରାର୍ଥୀ ଗଣେଶ ରାମଙ୍କ ପ୍ରାର୍ଥୀପତ୍ର ନାକଚ ପରେ ଆଉ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ରହିଛନ୍ତି । ସେମାନେ ହେଲେ କଂଗ୍ରେସରୁ ବିଜନ କୁମାର ନାୟକ, ବିଜେପିରୁ ରବୀନ୍ଦ୍ର କୁମାର ଅଣ୍ଡିଆ,ବିଜୁ ଜନତା ଦଳ ରୁ ସୁବାସିନୀ ଜେନା,ସ୍ୱାଧୀନ ପ୍ରାର୍ଥୀ ଭାବେ ଜ୍ୟୋସ୍ନା ମହାନ୍ତି, ନାରାୟଣ ମାଝୀ, ସ୍ୱାଧୀନ କୁମାର ଦାସ, କାମିନୀ କାନ୍ତ ବେହେରା, ଜୟ କୃଷ୍ଣ ରାଉତ,ଜୟନ୍ତୀ ଦାସ ଓ ଝରଣା ରାଣୀ ଜେନା।ସୂଚନା ଯୋଗ୍ୟଯେ ବସ୍ତା ଆସନରୁ କେହି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନାହାନ୍ତି ।ଆଗାମୀ ଜୁନ ପହିଲାରେ ହେବାକୁ ଥିବା ବିଧାନ ସଭା ନିର୍ବାଚନରେ କିଏ ଜିତିବ ତାହା ଦେଖିବାକୁ ବାକି ରହିଲା ।

# ନିଳାଗୁଡା ଜଙ୍ଗଲରେ ଅବକାରି ଚଢାଉ

ଜୟପୁର, ୧୭/୫ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ଓ ଲୁଚାଇ ରଖିଥିବା ସୁଚନା ପାଇ ନିଳାଗୁଡା ଜଙ୍ଗଲରେ ଆଜି ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରାଯାଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିଲେ । ଅବକାରି ଥାନା ପକ୍ଷରୁ ଚଢାଉ କରି ବହୁ ମଦ ଭାଟି ଭାଙ୍ଗିବା ସହ ୧୧ ଶହ ଲିଟର ପୋଚ ୨ଶହ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦି କୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର (i) **114-ELC-G-KGP- 23-24-45R3** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଜି) ଏସ୍। ରେଳବାଇ, ଖଡ଼ଗପୁର-୭୨୧୩୦୧ ୧୨:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରେ। ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖରେ । **କାର୍ଯ୍ୟର ବର୍ଣ୍ଣନା:** (i) ୱାଟର ଟ୍ୟାଙ୍କ ଷ୍ଟେଜ୍ ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ (ସସ) ନଂ। ହ୍ୟାଣ୍ଡ ଟ୍ୟୁବ୍ କୂଅ (iii) D.T ର କୂଅର ଆକାର 300 mm x 200 mm - 1 ନମ୍ବର (iv) ବସିବାର ବ୍ୟବସ୍ଥା। (v) ପାଇପ୍ ଲାଇନ କାର୍ଯ୍ୟର ଉନ୍ନତି । (vi) PF ଆଶ୍ରୟସ୍ଥଳ ନିର୍ମାଣ – ୪ ନଂ (vii) ସୀମା ପ୍ରାଚୀର ନିର୍ମାଣ । (viii) ଷ୍ଟେସନ ଆଭିମୁଖ୍ୟର ବିକାଶ । (ix) ଭଞ୍ଜପୁରରେ ପ୍ରଚାର କ୍ଷେତ୍ରର ବିକାଶ (୩୦ ମି X ୨୦ ମିଟର) । **ଟେଣ୍ଡର ମୂଲ୍ୟ:** ୨୨,୫୬,୮୯୬.୪୭ **ବିଡ୍ ସୁରକ୍ଷା / E.M.D:** 45,100 /- **ଖୋଲିବାର ତାରିଖ:** ୦୭.୦୬.୨୦୨୪ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ସମାପ୍ତି ସମୟ: ଉଭୟ ସିରିଏଲ ନଂ ପାଇଁ ୬ ମାସ । ଚିଠିର ଗ୍ରହଣ ତାରିଖ ଠାରୁ (୧) । **ଦାଖଲ ତାରିଖ:** ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ। ୦୭.୦୬.୨୦୨୪ ର ଆଗ୍ରହୀ ଟେଣ୍ଡରଗୁଡିକ ୱେବସାଇଟ୍ **www.irepsgov.in** ପରିଦର୍ଶନ କରିପାରନ୍ତି । ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରନ୍ତୁ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପନ୍ତୁ: ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରି ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

(PR-154)

# ମତଦାନ ନିମନ୍ତେ ଶପଥ ପାଠ: ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଲେ ଗଣମାଧ୍ୟମ ପ୍ରତିନିଧି

ଭୁବନେଶ୍ୱର , ୧୭/୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ । ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ମତଦାନ କରିବା ପାଇଁ ଜିଲ୍ଲାସ୍ତରରେ ଶପଥ ପାଠ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣାଙ୍କ ପରାମର୍ଶ ଅନୁଯାୟୀ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ନିଜର ମତାଧିକାର ସାବ୍ୟସ୍ତ କରି ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ନିମନ୍ତେ ସଂକଳ୍ପ ନେଇଛନ୍ତି । ଏହି ମର୍ମରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଏହି ଶପଥ ପାଠରେ ସାମିଲ ହୋଇଥିଲେ । ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଭୁବନେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଚିନ୍ମୟ ଆଚାର୍ଯ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଏଥି ସହ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିବା ପାଇଁ ଜାରି ପ୍ରକ୍ରିୟା ଆଜି ତୃତୀୟ ଦିନରେ ପହଞ୍ଚିଛି । ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ନିଜ ଘରେ ରହି ଭୋଟ ଦେଇଥିବାବେଳେ ନିର୍ବାଚନ ସଂପର୍କିତ ଅତ୍ୟାବଶ୍ୟକୀୟ ସେବା ପ୍ରଦାନରେ ନିୟୋଜିତ ବ୍ୟକ୍ତିବିଶେଷ ମଧ୍ୟ ପୋଷ୍ଟାଲ ବାଲାଟରେ ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ମର୍ମରେ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଅଧିକାରୀ, କର୍ମଚାରୀ, ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଦେଇଛନ୍ତି । ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ମତଗ୍ରହଣ କରାଯିବ ଓ ଜୁନ୍ ୪ ତାରିଖରେ ଭୋଟ ଗଣନା ହେବ ।

# ମିଶନ ଶକ୍ତି ମହିଳାଙ୍କୁ ଧମକ ଅଭିଯୋଗ

ସମ୍ବଲପୁର, ୧୭/୫ (ନି.ପ୍ର): ଚଳିତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ହାରିବା ଭୟରେ ମିଶନ ଶକ୍ତିରେ କାମ କରୁଥିବା ମହିଳାମାନଙ୍କ ବ୍ୟକ୍ତିଗତ ଜୀବନରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି । ସେମାନଙ୍କର ଫୋନ ଟେପିଂ କରୁଛନ୍ତି । ପୁଣି ଧମକଚମକ ଦେଉଛନ୍ତି । ଏଭଳି ଏକ ଅଭିଯୋଗ ଆସିଛି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ବ୍ଲକ ଅଞ୍ଚଳରୁ । ବିଜେପି ନେତାଙ୍କ ମାନସିକ ନିର୍ଯାତନା ଅସହ୍ୟ ହେବାରୁ ଶେଷରେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଧିନସ୍ଥ ପିଣ୍ଡାପଥର ଗ୍ରାମରେ ରୁହନ୍ତି ସନ୍ଧ୍ୟା ବାଗ । ବାମରା ବ୍ଲକରେ ସିଆରପି ସିଏମ ଭାବରେ କାର୍ଯ୍ୟ କରୁଛନ୍ତି । ଗତକାଲି ବାମରା ବ୍ଲକ୍ ବିଜେପି ସଭାପତି ନରେଶ ସିଂ ଠାକୁର ଓରଫ ପାପୁନ ତାଙ୍କୁ ଫୋନ କରି ଅନେକ କଥା କହି ଡରାଇଛନ୍ତି । ନିର୍ବାଚନ ଆୟୋଗଙ୍କ ନାମରେ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଛନ୍ତି । ସେ ଧମକ ଦେଇଥିଲେ ଯେ ତୁମେ କୌଣସି ମିଟିଂ ଆୟୋଜନ କରି ପାରିବ ନାହିଁ । ତୁମର ମୋବାଇଲ ନମ୍ବର ଟେପିଂ ହେଉଛି । ତୁମେ କାହା ସାଙ୍ଗରେ କଣ କଥାବାର୍ତ୍ତା କରୁଛ ସବୁ ଆମ ପାଖରେ ରେକର୍ଡିଂ ଅଛି ବୋଲି କହିଥିଲେ । କେବଳ ଏତିକି ନୁହେଁ ପାପୁନ ଓ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀ ମୋଟରସାଇକେଲରେ ତାଙ୍କ ଘରକୁ ଯାଇଥିଲେ ଏବଂ କାହିଁକି ସଭା ଆୟୋଜନ କରୁଛ ବୋଲି ପଚାରିଥିଲେ ଏବଂ ମୋତେ ଅଶ୍ଳୀଳ ଭାଷାରେ ପାଟି କରି ଧମକ ଦେଇଥିଲେ । ଜାତିଗତ ଆକ୍ଷେପ କରିବା ସହିତ ବିଜେପି ପାଇଁ କାମ କରିବାକୁ ଆଦେଶ ଦେଇଥିବା ସନ୍ଧ୍ୟା ଥାନାରେ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ବିଜେପି ନେତାଙ୍କ ଦ୍ୱାରା ବାରମ୍ବାର ମାନସିକ ଭାବରେ ଅତ୍ୟାଚାରିତା ହେବା ପରେ ସନ୍ଧ୍ୟା ବାଗ ଶେଷରେ ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ବିଜେପି ମଣ୍ଡଳ ସଭାପତିଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ନିର୍ବାଚନରେ ହାର ସୁନିଶ୍ଚିତ ବୋଲି ଜାଣିବା ପରେ ଭାରତୀୟ ଜନତା ପାର୍ଟିର ନେତାମାନେ କେମିତି ହିଂସ୍ର ହୋଇ ଉଠିଛନ୍ତି ଏହାର ତାହାର ଏକ ଉଦାହରଣ ଅଟେ ।

# ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ୩୭ତମ ବାର୍ଷିକ ନୃତ୍ୟୋତ୍ସବ ଉଦ୍ଘାଟିତ

ଭୁବନେଶ୍ୱର, ୧୭/୫ (ନି.ପ୍ର): ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ୩୭ତମ ବାର୍ଷିକ ନୃତ୍ୟୋତ୍ସବ "ନୃତ୍ୟମ୍ବଦା" ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପ ଠାରେ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍ଘାଟିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ପରିବେଷଣ ହେବା ସହିତ ଓଡିଶୀ ନୃତ୍ୟ ନାଟିକା ମଧ୍ୟ ପରିବେଷଣ କରଯାଇଥିଲା । ଉଦ୍ଘାଟନୀ ସନ୍ଧ୍ୟାରେ ଅତିଥି ଭାବରେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ ଡ. ଅରୁଣା ମହାନ୍ତି,ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ଚପଳା ମିଶ୍ର,ପୂର୍ବତନ ପୁଲିସ ଅଧିକାରୀ ବଟକୃଷ୍ଣ ତ୍ରିପାଠୀ,ମର୍ଦ୍ଦଳ ବାଦକ ଗୁରୁ ବିଜୟ କୁମାର ବାରିକ, ଗାୟିକା ହରପ୍ରିୟା ସ୍ୱାଇଁ, ବଂଶୀ ବାଦକ ଶ୍ରୀନିବାସ ସତପଥୀ, ବେହେଲା ବାଦକ ଅଗ୍ନିମିତ୍ର ବେହେରା ଏବଂ ସିତାର ବାଦକ ସତ୍ୟବାନ ସେଠୀ ଉପସ୍ଥିତ ଥିଲେ । ସନ୍ଧ୍ୟାର ପ୍ରଥମପ୍ରସ୍ତୁତିରେ ଅନୁଷ୍ଠାନର କଳାକାର ମାନେ ମଙ୍ଗଳାଚରଣରେ ଜଗନ୍ନାଥ ସହସ୍ର ନାମପରିବେଷଣ କରି ମହାପ୍ରଭୁଙ୍କର ଆଶୀର୍ବାଦ ଭିକ୍ଷାକରିଥିଲେ । ଏହି ସୁନ୍ଦର ମଙ୍ଗଳାଚରଣଟି ବିଶିଷ୍ଟ ନୃତ୍ୟାଙ୍ଗନା ଗୁରୁ ଡ. ଅରୁଣା ମହାନ୍ତିଙ୍କ ଦ୍ୱାରା ସଂରଚିତ ହୋଇଥିଲା ଯାହାର ସଙ୍ଗୀତ ସଂଯୋଜନା ଅଗ୍ନିମିତ୍ର ବେହେରା ଓ ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ କରିଥିଲେ । ପରେ ପରେ ପରିବେଷିତ ହୋଇଥିଲା କୋଣାର୍କ କାନ୍ତିଯାହା ଓଡ଼ିଶାର ପ୍ରାଚୀନ ମନ୍ଦିର ବିଶେଷ କରି କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ ନର୍ତ୍ତକୀ ମାନଙ୍କର ଭଙ୍ଗୀ ଏବଂ ତାଳରେ ବିବିଧତା ଉପରେପର୍ଯବେଶିତ ହୋଇଥିଲା । ନୃତ୍ୟଟି ରାଗ ଭୁପାଳି ଏବଂ ଶଂକରାଭରଣ, ତାଳ ଏକତାଳି, ଖେମଟା ଉପରେ ନିବଦ୍ଧ ଥିଲା ଯାହାର ପରିକଳ୍ପନା ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ନୃତ୍ୟସଂରଚନା ଗୁରୁ ଅରୁଣା ମହାନ୍ତି, ଗୁରୁ ମନୋରଂଜନ ପ୍ରଧାନ ଓ ଗୁରୁ ବିଜୟ କୁମାର ଦାଶ,ସଙ୍ଗୀତ ସଂଯୋଜନାଗୁରୁ ସଚ୍ଚିକାନ୍ତ ନାୟକ, ସୁରମଣି ରମେଶ ଚନ୍ଦ୍ର ଦାସ ଓ ଗୁରୁ ସୁମନ୍ତ ମହାନ୍ତି,ବାଦ୍ୟ ସଂଯୋଜନା ସ୍ୱର୍ଗତଗୁରୁ ଗଙ୍ଗାଧର ପ୍ରଧାନ ଓ ଗୁରୁ ବିଜୟ କୁମାର ବାରିକ ଏବଂ ନୃତ୍ୟ ନିର୍ଦ୍ଦେଶନାଗୁରୁ ଯୁଧିଷ୍ଠିର ନାୟକ ଦେଇଥିଲେ । ପରବର୍ତ୍ତୀ ପ୍ରସ୍ତୁତି ରେ ଥିଲା ବିଭିନ୍ନପର୍ବ ପର୍ବାଣି ଓ ସାମାଜିକ ଅନୁଷ୍ଠାନ ମାନଙ୍କରେ ଦର୍ଶକ ମାନଙ୍କ ମନୋରଂଜନ ନିମନ୍ତେପରିବେଷିତ ହେଉଥିବା ପଲ୍ଲୀନୃତ୍ୟ ସ୍ୱାଗତମ । ଏହି ପଲ୍ଲୀ ନୃତ୍ୟକୁ ପରିବେଷଣ କରିଥିଲେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର କୁନି କୁନି କଳାକାର ମାନେ ଯାହାର ନୃତ୍ୟସଂରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଚିନ୍ମୟ ବେହେରା, ଭୀମସେନ ବରାଳ, ସନ୍ଧ୍ୟାରାଣୀ ସାହୁ ଓ ଶ୍ରୁତି ବେହେରା । ପରେ ପରେ ପରିବେଷିତ ହୋଇଥିଲା ମଈରା ଦାଦା (ସମ୍ବଲପୁରୀ) ନୃତ୍ୟ ଯାହାର ନୃତ୍ୟସଂରଚନାଓ ନିର୍ଦ୍ଦେଶନା ଦେଇଥିଲେ ନୀଳାଦ୍ରି ସାମଲ, ସୂଚୀସ୍ମିତା ସାହୁ,ଶ୍ରୀପୁଣ୍ୟା ମହାନ୍ତି ଓ ଅନନ୍ୟା ପରିଡା । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ପଶ୍ୟତିଦିଶିଦିଶି, ରହସିଭବନ୍ତମ୍, ଜୟଦେବକୃତ ଗୀତଗୋବିନ୍ଦରଏ କଅନନ୍ୟ ଅଷ୍ଟପଦୀ ଯାହାକୁ ପରିବେଷଣ କରିଥିଲେ ମଧୁସ୍ମିତା ନାୟକ, ଯାହାର ନୃତ୍ୟ ସଂରଚନାଗୁରୁ ଅରୁଣା ମହାନ୍ତି ଓ ସଙ୍ଗୀତ ସଂଯୋଜନା ଡ. ସୁବାସ ପାଣି କରିଥିଲେ ।



## ଆଜି ତୋର ଶୁଭ ଜନମ ଦିନରେ...

ଆଜି ତୋର ଶୁଭ ଜନମ ଦିନରେ,
ଶୁଭେଚ୍ଛା ଜାଣିବୁ ମୋର...
ନିରୋଗ ଜୀବନ ବ୍ରତ ପାଳୁଥିଲେ,
ଲଭିବୁ ସଂସାର ମୂଳ / ??

ସଂସାର ଜୀବନ ଅସରା କାହାଣୀ
ସୁଖ ଶାନ୍ତିରେ ଭରୁ...
ଏକୂଳ ସେକୂଳ ପ୍ରୀତି ପରାଗର
ବୃନ୍ତରେ କୁସୁମ ଧରୁ / ??

ଶାଶୂଘର ମାଟି ଦୀପଶିଖା ତମେ
ଚଉରା ସଂଜର ତାରା... ??
ସାତ ପୁରୁଷର ମାୟା ବନ୍ଧନ
ସ୍ୱପ୍ନର ସସାଗରା / ??

ଜନ୍ମମାଟି ତୋର ଆଶିଷ ଦେଇଛି
ବଧୂବେଶ ସାଜ କରି,
ମଧୁ ବରଷିବୁ ସଂସାର ପାଳିବୁ
ବାଇଶି ପାହାଚ ଚଢ଼ି ।

ଇତି ତୋର
ଶାଶୁମା' ସରୋଜିନୀ
ବାଲେଶ୍ୱରରୁ...

ଶନିବାର, ମଇ ୧୮, ୨୦୨୪

# ଧ୍ୱନି ପ୍ରତିଧ୍ୱନି




# ପ୍ରତାପ ଓ ରବୀନ୍ଦ୍ରଙ୍କ ସପକ୍ଷରେ ବସ୍ତାରେ ବିଜେପିର ପଥ ପ୍ରାନ୍ତ ନିର୍ବାଚନୀ ସଭା

ବସ୍ତା,୧୭।୫(ନିପ୍ର): ଶୁକ୍ରବାର ସନ୍ଧ୍ୟାରେ ବସ୍ତା ବଜାରରେ ବିଜେପିର ନିର୍ବାଚନୀ ସଭା ହୋଇଥିଲା ।ଏଥିରେ ବସ୍ତା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ର ପ୍ରାର୍ଥୀ ରବୀନ୍ଦ୍ର କୁମାର ଅଣ୍ଡିଆ ଏବଂ ବାଲେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସପକ୍ଷରେ ବକ୍ତାମାନେ ଉଦବୋଧନ ଦେଇଥିଲେ ।ଶ୍ରୀ ଅଣ୍ଡିଆ ଓଡିଶା ବାସୀ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇ ବିଜେପିକୁ ଭୋଟ ଦେବା ପାଇଁ ମନସ୍ଥ କରି ସାରିଛନ୍ତି ।ଏହି ଲହରରେ ସାମିଲ ହୋଇ ତାଙ୍କୁ ଜିତାଇବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ ।ବିଜେପିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ଭାଷଣ ଦେଇ ନବୀନ ପଟ୍ଟନାୟକ ଙ୍କ ସରକାରର ନାନା ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବଖାଣି ଥିଲେ ।ଖଣି ଦୁର୍ନୀତି, ପୁରୀ ଶ୍ରୀମନ୍ଦିର ରେ ଚାବି ଖୋଲିବା,ଆୟୁଷମାନ ଭାରତ ଯୋଜନା ଲାଗୁ ନ କରିବା,ନବୀନ ଚାଉଳ ଯୋଗାଣରେ ମୋଦିଙ୍କ ନାମ ନିଶାନ କୁ ହଟାଇ ନିଜ ନାଁ କୁ ପ୍ରଚାର କରିବା ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ସମାଲୋଚନା କରିଥିଲେ ।ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଜେପି ନେତା ଶିବ ଶଙ୍କର ଦାସ,ବସନ୍ତ କୁମାର ବାରିକ ପ୍ରମୁଖ ଭାଷଣ ଦେଇ ଉଭୟ ଶ୍ରୀ ଅଣ୍ଡିଆ ଓ ଶ୍ରୀ ଷଡଙ୍ଗୀ ଙ୍କୁ ବହୁ ସଂଖ୍ୟାରେ



ଭୋଟ ଦେଇ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ ।ସଭା ପରେ ଶ୍ରୀ ଅଣ୍ଡିଆ ଓ ଅନ୍ୟ ମାନେ ନିଜ ସପକ୍ଷରେ ବିଭିନ୍ନ ଦୋକାନୀଙ୍କୁ ଭେଟି ଭୋଟ ଦେବାକୁ କହିଥିଲେ ।

# ଚେକ୍ ବାଉନସ୍ ମାମଲାରେ ଅଭିଯୁକ୍ତକୁ ୧ବର୍ଷର ଜେଲ ଦଣ୍ଡ ଶୁଣାଇଲେ ମାନ୍ୟବର ଅଦାଲତ

ନୀଳଗିରି , ୧୭/୫ (ନି.ପ୍ର): ଏକ ଚେକ୍ ବାଉନସ୍ ମାମଲାର ବିଚାର କରି ଅଭିଯୁକ୍ତକୁ ୧ବର୍ଷର ଜେଲଦଣ୍ଡ ଶୁଣାଇବା ସହିତ ୮ଲକ୍ଷ ଟଙ୍କାର ଜରିମାନା ଶୁଣାଇଛନ୍ତି ନୀଳଗିରି ଏସଡିଜେଏମ ଇପ୍ସୀ ମହାନ୍ତି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ମନ୍ଦାରସାହି ଗ୍ରାମର କୃଷ୍ଣମୋହନ କରଣଙ୍କ ପୁଅ ଜୀବନକୃଷ୍ଣ (୩୦) ନୀଳଗିରି ଥାନା ଅଧୀନସ୍ଥ ବେଗୁନିଆ ଗ୍ରାମର ଅଶୋକ କୁମାର ମହାନ୍ନାଙ୍କ ପୁଅ ଦୀପକ କୁମାର ମାହାନ୍ନା(୩୧)ଙ୍କ ଠାରୁ ଗତ ୨୦୨୨ମସିହା ଅକ୍ଟୋବର



୧ତାରିଖରେ ନିଜ ବ୍ୟବସାୟ ପାଇଁ ଧାର ସୂତ୍ରରେ ୭ଲକ୍ଷ ଟଙ୍କା ନେଇଥିଲେ। ଏବାବଦକୁ ଜୀବନକୃଷ୍ଣ ସରସ୍ୱତୀପୁର ଶାଖା ବନ୍ଧନ ବ୍ୟାଙ୍କର ଏକ ଚେକ୍ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଚେକରେ ଟଙ୍କା ନଥିବାରୁ ଦୀପକ ନୀଳଗିରି ଅଦାଲତର ଆଶ୍ରୟ ନେଇଥିଲେ। ଆଜି ଉକ୍ତ ମାମଲାରେ ବିଚାର କରି ବିଚାରପତି ଦୋଷୀକୁ ୧ବର୍ଷ ଜେଲ ଦଣ୍ଡ ଶୁଣାଇବା ସହିତ ୮ଲକ୍ଷ ଟଙ୍କା ଛଅ ମାସ ମଧ୍ୟରେ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ଶୁଣାଇଛନ୍ତି ନୀଳଗିରି ଏସଡିଜେଏମ ଇପସୀ ମହାନ୍ତି। ଦୀପକ ଙ୍କ ତରଫରୁ ମକଦ୍ଦମା ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ଦିଗାମ୍ବର ସ।

# ଜମ୍ପିରାଇରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ଲଙ୍ଗଳେଶ୍ୱର, ୧୭/୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ପିରାଇ ପଞ୍ଚାୟତ ରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ଜମ୍ପିରାଇ ପଞ୍ଚାୟତର ୩ ନମ୍ବର ୱାର୍ଡ ର କଂଗ୍ରେସ ସମର୍ଥିତ ୱାର୍ଡ ମେମ୍ବର ଅଭିମନ୍ୟୁ ମାହାନା ୧୧ ନମ୍ବର ୱାର୍ଡ ର କଂଗ୍ରେସ କର୍ମୀ ଅନିରୁଦ୍ଧ ଦଳାଇ ଙ୍କ ସମେତ ବହୁକର୍ମୀ ନିଜ ଦଳ ଛାଡି ବିଜେଡି ରେ ସାମିଲ ହୋଇ ଥିଲେ, ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ସମସ୍ତଙ୍କୁ ବିଜୁ ପରିବାରକୁ ସ୍ୱାଗତ ଜଣାଇ ବସ୍ତା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ମିଳିମିଶି କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ, ପଞ୍ଚାୟତ ର ବିଜେଡି ସଭାପତି ରତ୍ନାକର ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ରେ ସୁବାସିନୀ ଜେନା ଙ୍କ ସମେତ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର, କାର୍ତ୍ତିକ ନାୟକ, ସମିତି ସଭ୍ୟ ସୁଦର୍ଶନ ପଣ୍ଡିତ, ବ୍ଲକ ସଭାପତି ଗୋବିନ୍ଦ ଦାସ , ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ, ପୂର୍ବତନ ସରପଞ୍ଚ , ପୂର୍ବତନ ସଦସ୍ୟ ରମାନାଥ ବିଶ୍ୱାଳ, ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ସୁଶାନ୍ତ ସେନାପତି ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରୀମାନେ ୫ମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଚମ୍ପିୟାନ




ବାଲେଶ୍ୱର, ୧୭/୫ (ନି.ପ୍ର): ଖୋର୍ଦ୍ଧା ବରୁଣେଇ ଠାରେ ୧୫ ରୁ ୧୭ ଯାଏ ଚାଲିଥିବା ୫ମ ରାଜ୍ୟସ୍ତରୀୟ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।ବାଲେଶ୍ୱର ଦଳ ଗତ କାଲି ଫାଇନାଲ କୁ ଉଠିଥିଲା। ଆଜି ପ୍ରଥମେ ସୋନପୁର ଟସ୍ ଜିତି ପ୍ରଥମ ଫିଲ୍ଡିଂ ଚୟନ କରିଥିଲା। ବାଲେଶ୍ୱର ଦଳ ୧୨ ଓଭର ଖେଳି ୩ ୱିକେଟ ବିନିମୟରେ ୧୩୩ ରନ୍ ସଂଗ୍ରହ କରି ଥିବା ବେଳେ ସୋନପୁର ଦଳ ୧୨ ଓଭର ଖେଳି ୧୦୨ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ପାର୍ବତୀ ମର୍ଣ୍ଡୀ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲା ବେଳେ ପଦ୍ମିନୀ ଟୁଡୁ ୧୮ ବଲ୍ ରେ ୨୩ ରନ୍ ଓ ଇତିକ୍ରିଷ୍ଣା। ୩୫ ବାଲ ଖେଳି ୩୪ ରନ୍ ସଂଗ୍ରହ କରି ବାଲେଶ୍ୱର ଟିମକୁ ଚମ୍ପିୟାନ କରିବାର ସକ୍ଷମ ହୋଇଥିଲା।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ସ୍ୱାଧୀନ ସାଂସଦ ପ୍ରାର୍ଥୀ ଚିତ୍ତ ଷଡ଼ଙ୍ଗୀ



ନିଳଗିରି , ୧୭/୫ (ନି.ପ୍ର): ନିଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ୨୦୨୪ସାଧାରଣ ନିର୍ବାଚନରେ ସ୍ୱାଧୀନ ସଂସଦୀୟ ପ୍ରାର୍ଥୀ ଭାବେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ମାତ୍ର ଗତ ଗୁରୁବାର ଦିନ ନିଜ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବସିଥିବା ବେଳେ ହଠାତ୍ ଛାତିର ଯନ୍ତ୍ରଣା ଅନୁଭବ କରିବାରୁ ସାମ୍ବାଦିକ ସମ୍ମିଳନୀକୁ ବାତିଲ କରି ଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ କଟକ ନେଇଯାଇଥିଲେ। ସମର୍ଥକ, ଶୁଭେଚ୍ଛୁ ହିତାକାଙ୍କ୍ଷୀଙ୍କ ପରାମର୍ଶ ଅନୁଯାୟୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତି ରେ ସୂଚନା ଦେଇଛନ୍ତି।

# ବୋଲଂ, କୁଣ୍ଡୁଳୀ ଏବଂ ଜମ୍ପିରାଇରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା

ବାଲିଆପାଳ , ୧୭/୫ (ନି.ପ୍ର): ବାଲିଆପାଳ ବ୍ଲକ ବୋଲଂ, ଜମ୍ପିରାଇ ଏବଂ କୁଣ୍ଡୁଳୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି , ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ବସ୍ତା ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱରେ ସମୃଦ୍ଧ ଓ ବିକଶିତ ବସ୍ତା - ବାଲିଆପାଳ ଗଠନ ଦିଗରେ ସଭିଙ୍କର ସହଯୋଗ ଲୋଡ଼ିବା ସହ ଆସନ୍ତା ଜୁନ ଏକ ତାରିଖରେ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ , ବୋଲଂ ପଞ୍ଚାୟତର ୭ ନମ୍ବର ୱାର୍ଡ ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଞ୍ଚାୟତ ବିଜେଡି ସଭାପତି ଯୋଗେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ କମିଟି ଏବଂ ୱାର୍ଡ କମିଟିର ସମସ୍ତ ସଦସ୍ୟ /ସଦସ୍ୟା ଉପସ୍ଥିତ ଥିଲେ,ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବୋଲଂ ପଞ୍ଚାୟତ ୫ ନଂ ୱାର୍ଡ଼ର ବିଜେପି କର୍ମୀ ସୁଶିଲ ସାସମଲ ଙ୍କ ସମେତ ଶତାଧିକ କର୍ମୀ ନିଜ ଦଳ ଛାଡି



ବିଜେଡି ରେ ସାମିଲ ହୋଇ ଥିଲେ, ସମସ୍ତଙ୍କୁ ମୁଖ୍ୟ ଅତିଥି ବସ୍ତା ବିଧାନସଭା ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ, ବୋଲଂ ପଞ୍ଚାୟତ ର ସରପଞ୍ଚ ଜ୍ୟୋତ୍ସ୍ନା ମଲ୍ଲିକ, ସମିତି ସଭ୍ୟା ନିହାରିକା ରାଉତ ,କାର୍ତ୍ତିକ ମଲ୍ଲିକ, ତପନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ, ସେହିପରି କୁଣ୍ଡୁଳୀ ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି କୃଷକମୋର୍ଚ୍ଚା ଜିଲ୍ଲା ସଭାପତି ଅଜୟ ସାମଲ ଙ୍କ ସଭାପତିତ୍ୱ କରିଥିଲେ, ୨୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବିଜେଡି ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରା,କୁଣ୍ଡୁଳୀ ପଞ୍ଚାୟତ ର ସରପଞ୍ଚ ଜୟନ୍ତ ଦାସ,ଦୁର୍ଯ୍ୟୋଧନ ମହାନ୍ତି, ସମିତି ସଭ୍ୟ ମମତା ମଲ୍ଲିକ, କୈଳାସ ମଲ୍ଲିକ, ଜଳନ୍ଧର ମଲ୍ଲିକ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ , ଜମ୍ପିରାଇ ପଞ୍ଚାୟତ ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ଜମ୍ପିରାଇ ପଞ୍ଚାୟତର ୩ ନମ୍ବର ୱାର୍ଡ ର କଂଗ୍ରେସ ସମର୍ଥିତ ୱାର୍ଡ ମେମ୍ବର ଅଭିମନ୍ୟୁ ମାହାନା,୧୧ ନମ୍ବର ୱାର୍ଡ ର କଂଗ୍ରେସ କର୍ମୀ ଅନିରୁଦ୍ଧ ଦଳାଇ ଙ୍କ ସମେତ ବହୁକର୍ମୀ ନିଜ ଦଳ ଛାଡି ବିଜେଡି ରେ ସାମିଲ ହୋଇ ଥିଲେ, ମୁଖ୍ୟ ଅତିଥି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ସମସ୍ତଙ୍କୁ ବିଜୁ ପରିବାରକୁ ସ୍ୱାଗତ ଜଣାଇ ବସ୍ତା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ମିଳିମିଶି କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ, ପଞ୍ଚାୟତ ର ବିଜେଡି ସଭାପତି ରତ୍ନାକର ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ରେ ସୁବାସିନୀ ଜେନା ଙ୍କ ସମେତ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା , ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର, କାର୍ତ୍ତିକ ନାୟକ, ସମିତି ସଭ୍ୟ ସୁଦର୍ଶନ ପଣ୍ଡିତ, ବ୍ଲକ ସଭାପତି ଗୋବିନ୍ଦ ଦାସ , ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ, ପୂର୍ବତନ ସରପଞ୍ଚ ଭଜହରି ଜେନା , ପୂର୍ବତନ ସଦସ୍ୟ ରମାନାଥ ବିଶ୍ୱାଳ, ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ସୁଶାନ୍ତ ସେନାପତି ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଗୋରଖନାଥ ପୀଠରେ ଜେଏସଡବ୍ଲ୍ୟୁ ଉକ୍ରଳ ଷ୍ଟିଲ ପକ୍ଷରୁ ଜନସେବା



ପାରାଦୀପ, ୧୭/୫ (ନି.ପ୍ର): ପାରାଦୀପ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋରଖନାଥ ପୀଠରେ ଜନସେବା ଶିବିର ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ଅକ୍ଷୟ ତୃତୀୟା ଠାରୁ ସାତ ଦିନ ଧରି ଏଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜେ ଏସ ଡ ବ୍ଲୁ ମହାଯଜ୍ଞ ସମୟରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଅନୁରୋଧ କରାଯାଇଥିଲା। ଏଭଳି ଏକ ପୀଠରେ ଏହି ସମୟରେ ସ୍ଥାନୀୟ ତଥା ଆଖପାଖ ଅଂଚଳରୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ତଥା ଜନସାଧାରଣ ବାବା ଗୋରଖନାଥଙ୍କ ଦର୍ଶନ କରିବାକୁ ଆସିଥାନ୍ତି ।ଜେ ଏସ ଡ ବ୍ଲୁ ପକ୍ଷରୁ ସ୍ଥାନୀୟ ଗୋରଖ ବାହିନୀ ଆନୁକୁଲ୍ୟରେ ସାତ ଦିନ ଧରି ବିଶୁଦ୍ଧ ପାନୀୟ ଜଳ,ଦହି ପାଣି,ଓ ଲେମ୍ବୁ ପାଣିର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋରଖ ବାହିନୀର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହି ପୀଠକୁ ଆସୁଥିବା ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଜନସେବା ଯୋଗାଇ ଦେଇଥିଲେ। ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟର ପ୍ରଶାସନିକ ମୁଖ୍ୟ ଧନଞ୍ଜୟ କୁମାର ସିହ୍ନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ବାବା ଗୋରଖନାଥଙ୍କ ଦର୍ଶନ କରିବା ସହିତ ବିଶ୍ୱଶାନ୍ତି ମହାଯଜ୍ଞରେ ଉପସ୍ଥିତ ରହି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଗୋରଖ ବାହିନୀ ପକ୍ଷରୁ ମନ୍ଦିରର ବଡ଼ପଣ୍ଡା ଦିଲିପ ପଣ୍ଡା, ପ୍ରଶାନ୍ତ ଭୂୟାଁ, ରମେଶ ମହାନ୍ତି, ଜୀବନ ବଲ୍ଲଭ ମହାନ୍ତି,ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ ଓ ସମାଜସେବୀ ସରିତା ମହାପାତ୍ର,ତାପସ ମହାରଣା, ସ୍ମୃତି ରଞ୍ଜନ ବେହେରା ଓ ଗୋରଖ ବାହିନୀର ଉପଦେଷ୍ଟା ସୌଭାଗ୍ୟ ରଞ୍ଜନ ଜେନାଙ୍କୁ ସମ୍ବର୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗୋରଖ ବାହିନୀ ପକ୍ଷରୁ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲର ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ଉତ୍ତରୀୟ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରକୁ ଗୋରଖ ବାହିନୀର ସଭାପତି ଆଲୋକ ପଣ୍ଡା, ସମ୍ପାଦକ ବିଜ୍ଞାନ ଦାସ, କୋଷାଧ୍ୟକ୍ଷ କ୍ଷୀରୋଦ ଯୋଗାଣିଆ, ସହିତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ ।ସାତ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ହଜାର ହଜାର ଶ୍ରଦ୍ଧାଳୁ ତଥା ଜନସାଧାରଣଙ୍କୁ ଜଳସେବା ପ୍ରଦାନ କରାଯାଇଥିବାରୁ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲର ଏହି ଜନହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ହାତୀ ପାଦରେ ବୃଦ୍ଧଙ୍କ ଜୀବନ ଗଲା: ଉତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକ୍

ନୀଳଗିରି , ୧୭/୫ (ନି.ପ୍ର): ଔପଦା ବ୍ଲକ୍ ବାଉଁଶବଣିଆ ପଂଚାୟତ ଅଧୀନ ଢୋଲପୁର ଗ୍ରାମର ଜଣେ ୬୨ବର୍ଷୀୟ ବୃଦ୍ଧଙ୍କ ହାତୀ ଆକ୍ରମଣରେ ଜୀବନ ଯାଇଛି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ହରେକୃଷ୍ଣ ପ୍ରଧାନ (୬୨) ପ୍ରତିଦିନ ପରି ସକାଳ ୬.୩୦ ସମୟରେ ଗାଁ ଅଙ୍ଗନବାଡି ପାଖ ଖେଳପଡିଆକୁ ପ୍ରାତ ଭ୍ରମଣ ପାଇଁ ଯାଇଥିଲେ। ସେ ପଡିଆ ରେ ଭ୍ରମଣ କରୁଥିବା ସମୟରେ ଗାଁ ପଟୁ ହାତୀଟି ବାହାରି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବା ସହିତ କଚାଡି ପାଦରେ ଦଳି ଦେଇଥିଲା। ଘଟଣା ସ୍ଥଳରେ ବୃଦ୍ଧଙ୍କର ଜୀବନ ଚାଲିଯାଇଥିଲା। ଗ୍ରାମବାସୀଙ୍କ ଠାରୁ ଖବର ପାଇ ପରିବାର ଲୋକ ରକ୍ତ ଜୁଡୁବୁଡୁ ବୃଦ୍ଧ ଜଣକୁ ପଡ଼ିଆରେ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। କୁଳଡିହା ଅଭୟାରଣ୍ୟର ବଣୁଆ ହାତୀ ମାନଙ୍କର ଉପଦ୍ରବ ଦୀର୍ଘ ୨ରୁ ୩ ବର୍ଷ ଧରି ପାହାଡ଼ ପାଦ ଦେଶରେ ଥିବା ଗ୍ରାମବାସୀ ମାନଙ୍କୁ ଅତିଷ୍ଠ କରୁଥିବାରୁ ଗ୍ରାମବାସୀ ମାନେ କ୍ରୋଧନ୍ୱିତ ହୋଇ ନୀଳଗିରି ବଉଳ ଗଡିଆ ରାସ୍ତାର ବାଲିଓରା ଠାରେ ରାସ୍ତା ରୋକ କରି ଥିଲେ।ଖବର ପାଇ ନୀଳଗିରି ଥାନାଅଧିକାରୀ, ଏସ. ସି .ଏଫ ଉଦଲକ୍ଷ ,କୁଳଡିହା ରେଞ୍ଜର, ନୀଳଗିରି ଫରେଷ୍ଟର ଉପସ୍ଥିତ ରହି ଘଟଣାର ଆସୁ ସମାଧାନ ନିମିତ ବାଉଁଶ ବଣିଆ ସରପଞ୍ଚଙ୍କ ନେତୃତ୍ୱରେ ଜନତାଙ୍କ ଦାବି ଗୁଡିକୁ ପୂରଣ କରିବା ପାଇଁ ଲିଖିତ ପ୍ରତିଶୃତି ଦେବାରୁ ରାସ୍ତାରୋକ ସମାପ୍ତ ହୋଇଥିଲା। ମୃତକଙ୍କ ପରିବାରକୁ ରେଡ଼କ୍ରସ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସିପିଆଇ ବିଧାୟକ ପ୍ରାର୍ଥୀ ଅଜୟ କୁମାର ପଟ୍ଟନାୟକ, ବିଜେଡି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ, ଏବଂ ବିଜେପି ସାଂସଦ ପ୍ରାର୍ଥୀ



ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘଟଣା ସ୍ଥଳରେ ପହଂଚି ଗଭୀର ଦୁଃଖ ପ୍ରକାଶ କରିବା ସହିତ ପରିବାରବର୍ଗ ଙ୍କୁ ଆଶ୍ୱାସନା ଦେଇଛନ୍ତି।

# ସାଧାରଣ ନିର୍ବାଚନ-୨୦୨୪: ଭଦ୍ରକ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକଙ୍କ ନମ୍ବର ଜାରି

ଭଦ୍ରକ, ୧୭/୫ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ଭଦ୍ରକ ଜିଲ୍ଲାର ୧ଟି ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରାଯାଇଛି । ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଭଗବତୀ ପ୍ରସାଦ କାଲାଲ ଏବଂ ଅଭିଚଲ ଚତୁର୍ବେଦୀ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆର୍.ଭି.ଅରୁଣ ପ୍ରସାଦ, ରଣବୀର ଭୌମିକ ଏବଂ ଜିତେସ୍ କୁମାର ଜୈନ୍ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ସେହିପରି ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ଅଶୋକ କୁମାର ପୁଲିସ୍ ଅବଜରଭର ଭାବେ ନିଯୁକ୍ତ ହୋଇଛନ୍ତି । ପର୍ଯ୍ୟବେକ୍ଷକମାନେ ଭଦ୍ରକ ର ଗେଲପୁର ଠାରେ ଅବସ୍ଥିତ ନୂଆ ସର୍କିଟ୍ ହାଉସ୍‌ରେ ଅବସ୍ଥାନ କରୁଛନ୍ତି । ନିର୍ବାଚନ ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ଜନସାଧାରଣ ସଂପୃକ୍ତ ଅଧିକାରୀଙ୍କୁ ସଂପୃକ୍ତ ମୋବାଇଲ ନଂରେ ଯୋଗଯୋଗ କରପାରିବେ କିମ୍ବା ସେମାନଙ୍କ ଅବସ୍ଥାନ ଜାଗାରେ ନିର୍ଦ୍ଧାରିତ ସମୟ ଦିବା ୧୧ ଘଟିକା ଠାରୁ ୧୨ ଘଟିକା ମଧ୍ୟରେ ସାକ୍ଷାତ କରିପାରିବେ । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ କାଲାଲ, ସୋର, ସିମୁଳିଆ, ବାସୁଦେବପୁର, ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏବଂ ଶ୍ରୀଯୁକ୍ତ ଚତୁର୍ବେଦୀ, ଭଣ୍ଡାରିପୋଖରୀ, ଭଦ୍ରକ, ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ହୋଇଛନ୍ତି । ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ପ୍ରସାଦ, ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ, ଶ୍ରୀଯୁକ୍ତ ଭୌମିକ, ଭଣ୍ଡାରିପୋଖରୀ, ଭଦ୍ରକ ଓ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ, ଶ୍ରୀଯୁକ୍ତ ଜୈନ୍ ସୋର, ସିମୁଳିଆ, ବାସୁଦେବପୁର ଓ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତି ହୋଇଛନ୍ତି । ଭଗବତୀ ପ୍ରସାଦ କାଲାଲ- ସାଧାରଣ ପର୍ଯ୍ୟବେକ୍ଷକ-୯୩୩୭୯୬୩୭୧୭, ଅଭିଚଲ ଚତୁର୍ବେଦୀ- ସାଧାରଣ ପର୍ଯ୍ୟବେକ୍ଷକ-୯୩୩୭୯୫୬୮୭, ଆର୍.ଭି. ଅରୁଣ ପ୍ରସାଦ-ଖର୍ଚ୍ଚ ପର୍ଯ୍ୟବେକ୍ଷକ-୯୩୩୭୯୬୧୦୨୮, ରଣବୀର ଭୌମିକ-ଖର୍ଚ୍ଚ ପର୍ଯ୍ୟବେକ୍ଷକ-୯୩୩୭୯୬୮୧୪୫, ଜିତେସ୍ କୁମାର ଜୈନ୍ -ଖର୍ଚ୍ଚ ପର୍ଯ୍ୟବେକ୍ଷକ-୯୩୩୭୯୬୪୫୯୫, ଅଶୋକ କୁମାର- ପୁଲିସ୍ ଅବଜରଭର-୮୮୯୫୪୯୦୬୭୭

# ଲକ୍ଷ୍ମଣନାଥ ପଞ୍ଚାୟତରେ କଂଗ୍ରେସର ପାର୍ଟି କାର୍ଯ୍ୟାଳୟ ଉଦ୍‌ଘାଟିତ

ଜଳେଶ୍ୱର,୧୭/୫(ନିପ୍ର) ଜଳେଶ୍ୱର ସହର ସନ୍ନିକଟ ଲକ୍ଷ୍ମଣନାଥ ପଞ୍ଚାୟତ ରେ କଂଗ୍ରେସର ପାର୍ଟି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଗ୍ରାମ ପଞ୍ଚାୟତର କଂଗ୍ରେସ ସଭାପତି ସ୍ୱରୂପ କୁମାର ପତି ଙ୍କ ଉପସ୍ଥିତି ରେ ପୂର୍ବତନ ସରପଞ୍ଚ ଓ ସଦସ୍ୟ ଶ୍ରୀଯୁକ୍ତ ଭବାନୀ ଶଙ୍କର ମହାନ୍ତି ଆନୁଷ୍ଠାନିକ ଭାବେ ଅଫିସ୍ ଗୃହକୁ ଉଦଘାଟନ କରିଥିଲେ ।ଏହି ହତ ଆଦର୍ଶ ପଞ୍ଚାୟତ ରେ କଂଗ୍ରେସ ଦଳର ସଂଗଠନକୁ ମଜବୁତ କରିବା ପାଇଁ ବହୁ ସଚେତନ ନାଗରିକ ଉପସ୍ଥିତ ହୋଇଥିଲା। ସେମାନଙ୍କ ମଧ୍ୟରେ ପୂର୍ବତନ ୱାର୍ଡ଼ ସଭ୍ୟ ପଦ୍ମ ଲୋଚନ ଘଡ଼ାଇ, ସତ୍ୟ ରଞ୍ଜନ ରଣା,ତନ୍ମୟ କୁମାର ଘୋଷାଲ,ସଞ୍ଜୟ କୁମାର ଘୋଷାଲ,ଶୀତଳ ପ୍ରସାଦ ମହାନ୍ତି,ଅମୂଲ୍ୟ କୁମାର ଜେନା,ସୁମିତ ମିତ୍ର ଓ କଂଗ୍ରେସ ନେତା ସୁଦାମ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୫୦୨ କେଜି ଗଞ୍ଜେଇ ଜବତ : ୨ ଗିରଫ

ମାଲକାନଗିରି, ୧୭/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ପୋଲିସ ଗୁରୁବାର ରାତ୍ରି ପାଟ୍ରୋଲିଂ କରୁଥିବାବେଳେ ନିର୍ଭରଯୋଗ୍ୟ ସୂଚନା ପାଇ ଖୁଲାଗୁଡା ନିକଟରେ ଜଗି ରହିଥିଲେମ! ଏହି ସମୟରେ ଦୁଇଜଣ ଯୁବକ ଗଞ୍ଜେଇ ପରିବହନ ପାଇଁ ଏକ ଗାଡିକୁ ଅପେକ୍ଷା କରିଥିଲେ । ପୋଲିସ କୁ ଦେଖି ଦୌଡ଼ି ପଳାଉଥିବା ବେଳେ ସେମାନଙ୍କୁ କାବୁ କରି ଗିରଫ କରିଥିଲେ! ଗଞ୍ଜେଇ ଜବତ କରିବାବେଳେ ପୋଲିସ ଏନଡିପିଏସ ଆକ୍ଟର ସମସ୍ତ ବାଧ୍ୟତାମୂଳକ ବ୍ୟବସ୍ଥାକୁ ଅନୁସରଣ କରିଥିଲା ଏବଂ ଦୁଇଜଣ ସାକ୍ଷୀ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ନିକଟରୁ ୫୦୨ କେଜି ଗଞ୍ଜେଇ, ଚାରୋଟି ମୋବାଇଲ୍ ଫୋନ୍,ଆଧାର କାର୍ଡ ଇତ୍ୟାଦି ଜିନିଷପତ୍ର ଜବତ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଖୁଲଗୁଡା ଗ୍ରାମରସୋନିଆ ଗୋଲାରି ଓ ଚିତ୍ରକୋଣ୍ଡା ପୋଷ୍ଟ ଅଫିସ ଲାଇନ ର ନାରାୟଣ ନାୟକ । ଚିତ୍ରକୋଣ୍ଡା ଥାନା କେସ୍ ପଞ୍ଜୀକୃତ ହୋଇ ଅନୁସନ୍ଧାନ ଜାରି ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo